# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୩/୨୦୧୮ (୨୦ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Bhubaneswar, Saturday, November 3/ 2018 ★★★★★★

୪୪ଶ ଭାଗ ୩୩୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-






# Foundation Stone Laying

by

## SHRI NAVEEN PATNAIK

Honourable Chief Minister of Odisha

on

3rd November 2018

of

# JHARANA STEEL INDUSTRIES

JS | ODISHA NEW OPPORTUNITIES Think Investment. Think Odisha.

**Steel Utensils Manufacturing Unit"**

**First of its kind in Odisha**

at Janla Industrial Estate, Khorda





# ଦୁର୍ନୀତି

150 YEARS OF CELEBRATING THE MAHATMA

CENTRAL VIGILANCE COMMISSION

## ଦୁର୍ନୀତି ନିବାରଣ ସପ୍ତାହ - ୨୦୧୮

୨୯ ଅକ୍ଟୋବର - ୩ ନଭେମ୍ବର, ୨୦୧୮

# ଦୁର୍ନୀତିର ମୂଳୋତ୍ପାଟନ କରି ଏକ ନୂଆ ଭାରତ ଗଠନ

## କରିବା ପାଇଁ ଆସନ୍ତୁ ସଂକଳ୍ପ ନେବା

ସିବିଆଇସି ସାଧୁତାକୁ ପ୍ରୋତ୍ସାହନ ଦେବା ଏବଂ ଦୁର୍ନୀତିର ମୂଳୋତ୍ପାଟନରେ ଜନସାଧାରଣଙ୍କ ସଂଶ୍ଳିଷ୍ଟତା ଆହ୍ୱାନ କରୁଛି।

**ଦୁର୍ନୀତିର ସୂଚନା ପ୍ରଦାନକାରୀଙ୍କୁ ପ୍ରୋତ୍ସାହନ – ଦୁର୍ନୀତିମୂଳକ କାର୍ଯ୍ୟକଳାପର ସୂଚନା ଦିଅନ୍ତୁ:–**

**କେନ୍ଦ୍ରୀୟ ଭିଜିଲାନ୍ସ ଆୟୁକ୍ତ**
ସତର୍କତା ଭବନ, ଜି.ପି.ଓ. କମ୍ପ୍ଲେକ୍ସ,
ବ୍ଲକ୍ ଏ, ଆଇଏନ୍ଏ, ନୂଆଦିଲ୍ଲୀ – ୧୧୦୦୨୩
ଫୋନ୍: (୦୧୧) ୨୪୬୫୧୦୨୦, ଫାକ୍ସ: (୦୧୧) ୨୪୬୫୧୦୦୯
ଇମେଲ୍: cvc@nic.in

**ଭିଜିଲାନ୍ସ ମହାନିର୍ଦ୍ଦେଶାଳୟ**
ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ, ୨ୟ ମହଲା, ହୋଟେଲ ସମ୍ରାଟ୍,
ଚାଣକ୍ୟପୁରୀ, ନୂଆଦିଲ୍ଲୀ–୧୧୦୦୨୧
ଫୋନ୍: (୦୧୧) ୨୬୧୧୫୬୨୨ ଫାକ୍ସ: (୦୧୧) ୨୬୧୧୫୬୨୪
ଇମେଲ୍: dg.vig-cbec@nic.in

**ଆପଣ ନିମ୍ନଲିଖିତ ଠିକଣାରେ ଭିଜିଲାନ୍ସ କ୍ଷେତ୍ରୀୟ ଅତିରିକ୍ତ ମହାନିର୍ଦ୍ଦେଶକଙ୍କ ସହ ମଧ୍ୟ ଯୋଗାଯୋଗ କରିପାରନ୍ତି:–**

| | |
|---|---|
| ଉତ୍ତର କ୍ଷେତ୍ରୀୟ ୟୁନିଟ୍: | ରୁମ୍ ନଂ.: ୨୭୩–ବି, ୨ୟ ମହଲା, ସି.ଆର୍. ବିଲ୍ଡିଂ, ଆଇ.ପି. ଇଷ୍ଟେଟ୍, **ନୂଆଦିଲ୍ଲୀ** – ୧୧୦୧୦୯<br>➤ ଇମେଲ୍: adgvignorth@icegate.gov.in ➤ ଫୋନ୍: (୦୧୧) ୨୩୩୭୦୦୦୬ / ଫାକ୍ସ: (୦୧୧) ୨୩୩୭୦୯୮୨ |
| ଦକ୍ଷିଣ କ୍ଷେତ୍ରୀୟ ୟୁନିଟ୍: | ୫ମ ମହଲା, କ୍ରିଷ୍ଣା ବ୍ଲକ୍, ନଂ.୬୦, ରାଜାଜୀ ସଲାଇ, କଷ୍ଟମ୍ ହାଉସ୍, **ଚେନ୍ନାଇ** – ୬୦୦୦୦୧<br>➤ ଇମେଲ୍: adgvigsouth@icegate.gov.in ➤ ଫୋନ୍: (୦୪୪) ୨୫୨୩୩୦୬୩ / ଫାକ୍ସ: (୦୪୪) ୨୫୨୨୦୬୧୩ |
| ପୂର୍ବ କ୍ଷେତ୍ରୀୟ ୟୁନିଟ୍: | ୪ର୍ଥ ମହଲା, ବାମ୍ବୁ ଭିଲ୍ଲା, ୧୬୯, ଏ.ଜେ.ସି. ବୋଷ ରୋଡ୍, **କୋଲକାତା** – ୭୦୦୦୧୪<br>➤ ଇମେଲ୍: adgvigezu@gmail.com ➤ ଫୋନ୍: (୦୩୩) ୨୨୮୬୬୯୧୭ / ଫାକ୍ସ: (୦୩୩) ୨୨୮୬୬୯୨୯ |
| ହାଇଦ୍ରାବାଦ କ୍ଷେତ୍ରୀୟ ୟୁନିଟ୍: | ହାଉସ୍ ନଂ. ୧–୧୧–୨୫୧/୧୦, ଏସ୍.ଭି.ର ତ୍ରିନଭ ହାଇଟ୍ସ, ବେଗମପେଟ୍, ମାକ୍ସ ଭିଜନ୍ ଆଇ ହସ୍ପିଟାଲ୍ ସାମ୍ନା, **ହାଇଦ୍ରାବାଦ** – ୫୦୦୦୧୬<br>➤ ଇମେଲ୍: adgvig-hzu@gov.in ➤ ଫୋନ୍: (୦୪୦) ୨୭୭୬୪୧୯୨ / ଫାକ୍ସ: (୦୪୦) ୨୭୭୬୪୧୯୦ |
| ପଶ୍ଚିମ କ୍ଷେତ୍ରୀୟ ୟୁନିଟ୍: | ୭ମ ମହଲା, ଆନେକ୍ସ ବିଲ୍ଡିଂ, ନ୍ୟୁ କଷ୍ଟମ୍ ହାଉସ୍, ବାଲାର୍ଡ ଇଷ୍ଟେଟ୍, **ମୁମ୍ବାଇ** – ୪୦୦୦୦୧<br>➤ ଇମେଲ୍: vigilancedirectoratewzu@gmail.com ➤ ଫୋନ୍: (୦୨୨) ୨୨୬୧୯୫୦୬ / ଫାକ୍ସ: (୦୨୨) ୨୨୬୭୫୩୭୭ |
| ଅହମ୍ମଦାବାଦ କ୍ଷେତ୍ରୀୟ ୟୁନିଟ୍: | ୪ର୍ଥ ଓ ୫ମ ମହଲା, ବିଏସ୍ଏନ୍ଏଲ୍ ଟେଲିଫୋନ୍ ଏକ୍ସଚେଞ୍ଜ ବିଲ୍ଡିଂ, ନ୍ୟୁ ମଙ୍ଗଳ ମୂର୍ତ୍ତି, ନରଣପୁରା, **ଅହମ୍ମଦାବାଦ** – ୩୮୦୦୬୩<br>➤ ଇମେଲ୍: adgvigcex.ahm-gj@gov.in ➤ ଫୋନ୍: (୦୭୯) ୨୭୪୭୫୫୫୧ / ଫାକ୍ସ: (୦୭୯) ୨୭୪୭୫୫୫୩ |
| ଲକ୍ଷ୍ନୌ କ୍ଷେତ୍ରୀୟ ୟୁନିଟ୍: | ୭–ଆର୍, ଡାଲିବାଗ, ବଟ୍ଲର ରୋଡ୍, **ଲକ୍ଷ୍ନୌ** – ୨୨୬୦୦୧<br>➤ ଇମେଲ୍: dgovlko@gmail.com ➤ ଫୋନ୍: (୦୫୨୨) ୨୨୦୪୪୧୨ / ଫାକ୍ସ: (୦୫୨୨) ୨୨୦୪୪୧୩ |

davp 15502/13/0064/1819

**କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ପରିଷଦ**

www.cbic.gov.in

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୩/୨୦୧୮ | Bhubaneswar, Saturday, November 3/ 2018 | ପୃଷ୍ଠା-୧




**କନ୍ଧମାଳ ହଳଦୀ କିଣିଲେ ସୋନିଆ**

ନୂଆଦିଲ୍ଲୀର ଜନପଥ ରୋଡ୍‌ରେ ଚାଲିଥିବା ଜୈବିକ ମହୋତ୍ସବରେ ଉପା ଅଧକ୍ଷା ସୋନିଆ ଗାନ୍ଧୀ କନ୍ଧମାଳ ହଳଦୀ କିଣିଛନ୍ତି।

୦୭

୧୩

**ପରିଣୟ ପୂର୍ବରୁ ଉତ୍ସବ ପାଳିଲେ ଦୀପିକା**

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ଅଭିନେତା ରଣବୀର ସିଂଙ୍କୁ ବିବାହ କରିବାକୁ ଯାଉଥିବାବେଳେ ବେଙ୍ଗାଲୁରୁରେ ପ୍ରାକ୍-ପରିଣୟ ଉତ୍ସବ ପାଳନ କରିଛନ୍ତି ।



# ‘ହକି ବିଶ୍ୱକପ୍ ସ୍ମରଣୀୟ ସ୍ମୃତି ଛାଡ଼ିବ’

ଭୁବନେଶ୍ୱର, ୨।୧୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରୀଡ଼ା ଇତିହାସରେ ଯୋଡ଼ି ହୋଇଛି ନୂଆ ଫର୍ଦ୍ଦ। ଏଠାରେ ଆୟୋଜିତ ଏସିଆର ସର୍ବପ୍ରଥମ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲରେ ଯୋଗ ଦେଇଛନ୍ତି ଦେଶବିଦେଶର କିମ୍ବଦନ୍ତୀ ଖେଳାଳି, ପୁସ୍ତକ ରଚୟିତା ଓ କ୍ରୀଡ଼ା ସାମ୍ବାଦିକ। ଏହି ସମାରୋହରେ ହୋଇଛି ଖେଳ-ସାହିତ୍ୟର ଅପୂର୍ବ ସମ୍ମିଶ୍ରଣ। ଦେଶ ବିଦେଶର ବକ୍ତାଙ୍କ ଉପସ୍ଥିତିରେ ସୃଷ୍ଟି ହୋଇଛି ଭିନ୍ନ ପରିବେଶ। ଶୁକ୍ରବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ‘‘ତାରକା ଖଚିତ ଏଭଳି ଏକ ଇଭେଣ୍ଟ ଏଠାରେ ଆୟୋଜନ ହୋଇଥିବାରୁ ମୁଁ ବହୁତ ଖୁସି। ବିଶ୍ୱର ପ୍ରତିଷ୍ଠିତ କ୍ରୀଡ଼ାବିତ୍, କୋଚ୍ ଓ ଖେଳାଳିଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକର ଲେଖକମାନେ ଖେଳକୁ ସମର୍ଥନ ଜଣାଇବା ପାଇଁ ଏଠାରେ ଏକତ୍ରିତ ହୋଇଛନ୍ତି। ହକି ବିଶ୍ୱକପ ପୂର୍ବରୁ ଏଠାରେ ସେମାନଙ୍କର ଉପସ୍ଥିତି ଉତ୍ସାହ ଉଦ୍ଦୀପନା ସୃଷ୍ଟି କରିଛି। ମୁଁ ସମସ୍ତଙ୍କୁ ଓଡ଼ିଶାକୁ ସ୍ୱାଗତ କରୁଛି’’ ବୋଲି ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ ମୁଖ୍ୟମନ୍ତ୍ରୀ।

EKAMRA SPORTS LITERARY FESTIVAL 2018

**ଖେଳ-ସାହିତ୍ୟର ମହୋତ୍ସବ ଉତ୍ସାହ ଭରିଛି: ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱରରେ ବିଶ୍ୱକପ ଆୟୋଜନ ଆମ ପାଇଁ ଗର୍ବର ବିଷୟ। ଅନେକ ଦଶନ୍ଧିଧରି ଓଡ଼ିଶା ହକିର ଅନ୍ତୁଡ଼ିଶାଳ ପାଲଟି ଯାଇଛି। ଓଡ଼ିଶାରୁ ଅନେକ ଖେଳାଳି ଜାତୀୟ ଦଳରେ ପ୍ରତିନିଧିତ୍ୱ କରି ସାରିଛନ୍ତି। ହକି ବିଶ୍ୱକପର ଉଦ୍‌ଘାଟନୀ ଉତ୍ସବକୁ ଚିତ୍ତାକର୍ଷକ କରି ଖେଳ ପ୍ରତି ପ୍ରତିଶ୍ରୁତିବଦ୍ଧତାକୁ ଆମେ ଏକ ଭିନ୍ନସ୍ତରକୁ ନେବାକୁ ଯାଉଛୁ, ଯାହାକି ବିଶ୍ୱର ହକିପ୍ରେମୀଙ୍କ ମନରେ ଦୀର୍ଘଦିନ ସ୍ମରଣୀୟ ହୋଇ ରହିବ। ଦର୍ଶକମାନଙ୍କୁ ଆମେ ଅବିସ୍ମରଣୀୟ ବିଶ୍ୱକପ ଭେଟି ଦେବାକୁ ଚାହୁଁ। ଏଥିରେ ଭାଗ ନେବାକୁ ଯାଉଥିବା ୧୬ଟି ଯାକ ଦଳ ଖେଳୁଆଡ଼ ମନୋଭାବ ନେଇ ଖେଳିବେ ବୋଲି ମୁଁ ଆଶା କରୁଛି। ହକିର ମହାକୁମ୍ଭ ଭୁବନେଶ୍ୱରରେ ଆୟୋଜନ ହେବାକୁ ଯାଉଥିବାରୁ ଏ ସମ୍ପର୍କରେ ସ୍ୱାଭାବିକ ଭାବେ ଆଲୋଚନା ଚାଲିଛି। ତେବେ ଲୋକମାନେ ଯେପରି କେବଳ ହକି ନୁହେଁ, ସବୁ ଖେଳ ସମ୍ପର୍କରେ ଆଲୋଚନା କରିବେ ସେ ଦିଗରେ ଲେଖାମାନ ପ୍ରକାଶ ପାଇବା ଉଚିତ। କ୍ରୀଡ଼ା ସାହିତ୍ୟ ଲୋକମାନଙ୍କ ମନରେ ଖେଳପ୍ରତି ସ୍ୱତନ୍ତ୍ର ଉତ୍ସାହ ସୃଷ୍ଟି କରିବ। ଖେଳର ପ୍ରଭାବ, ☞ପୃଷ୍ଠା-୮

## ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଆରମ୍ଭ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ହକି ଖେଳି ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲକୁ ଉଦ୍‌ଘାଟନ କରୁଛନ୍ତି । (ଫଟୋ: ବିକାଶ ନାୟକ)

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ଡୋଭାଲଙ୍କ ହାତମୁଠା ଟାଣ


BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 32,400/- 10gm.
Gold 22 CT - ₹ 31,000/- 10gm.
Silver Rate - ₹ 370/- / 10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges





# ୭ ପ୍ରସ୍ତାବକୁ କ୍ୟାବିନେଟ ମୋହର

ଭୁବନେଶ୍ୱର,୨।୧୧(ବ୍ୟୁରୋ)

ଜନଜାତିମାନଙ୍କର ଅର୍ଥନୈତିକ ଓ ସାମାଜିକ ବିକାଶ ପାଇଁ ଗଠନ ହୋଇଥିବା ଜନଜାତି ଉନ୍ନୟନ ସମବାୟ ନିଗମ(ଟିଡିସିସି)କୁ ରାଜ୍ୟ ସରକାର ଦେଇଥିବା ମୂଳ ଓ ସୁଧ ରାଶିକୁ ଛାଡ କରିଦେବେ। ଏ ପର୍ଯ୍ୟନ୍ତ ଥିବା ଟିଡିସିସି ଉପରେ ରାଜ୍ୟ ସରକାରଙ୍କର ମହୁଲ ଫୁଲ ସଂଗ୍ରହ ବିକେନ୍ଦ୍ରୀକରଣ କାର୍ଯ୍ୟକ୍ରମରେ ବଳକା ଥିବା ଋଣ ଏବଂ ଏହାର ସୁଧ ବାବଦ ବାକି ରହିଥିବା ୩୬.୩୯ କୋଟି ଟଙ୍କାକୁ ପୁଞ୍ଜିନିବେଶରେ ପରିବର୍ତ୍ତନ କରାଯିବ। ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଶୁକ୍ରବାର କ୍ୟାବିନେଟ ମଞ୍ଜୁରୀ ମିଳିଛି।

ଜନଜାତିମାନଙ୍କର ଆର୍ଥିକ ବିକାଶ ପାଇଁ ୧୯୬୭ରେ ଟିଡିସିସି ଗଠନ କରାଯାଇଥିଲା। ଜନଜାତିମାନଙ୍କ ଦ୍ୱାରା ସଂଗୃହୀତ ଲଘୁ ବନଜାତ ଦ୍ରବ୍ୟ ତଥା ବଳାକ କୃଷି ଜାତ ଦ୍ରବ୍ୟଗୁଡିକୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦରରେ ବିକ୍ରି କରିବା ଏହି ସଂସ୍ଥାର ମୂଳ ଲକ୍ଷ୍ୟ। ଏହି କାର୍ଯ୍ୟ ସମ୍ପାଦନ କରିବାକୁ ରାଜ୍ୟ ସରକାର ଉକ୍ତ ସଂସ୍ଥାକୁ ବିଭିନ୍ନ ସମୟରେ ଋଣ ପ୍ରଦାନ କରିଥାଆନ୍ତି। ୧୯୯୧ରେ ସରକାରଙ୍କ ଦ୍ୱାରା ମହୁଲ ଫୁଲ ସଂଗ୍ରହ ବିକେନ୍ଦ୍ରୀକରଣ କାର୍ଯ୍ୟକ୍ରମରେ ଟିଡିସିସିକୁ ୧୦.୬୫ କୋଟି ଟଙ୍କାର କ୍ଷତି ସହିବାକୁ ପଡିଛି। ୨୦୧୫ ଜାନୁୟାରୀ ୩୧ ସୁଦ୍ଧା ଏହି କ୍ରମ ବର୍ଦ୍ଧିଷ୍ଣୁ କ୍ଷତିର ପରିମାଣ ୫୨.୭୮ କୋଟି ଟଙ୍କାରେ ପହଞ୍ଚିଛି। ଇତିମଧ୍ୟରେ ଟିଡିସିସି ୧୪.୩୪ କୋଟି ସରକାରୀ ଋଣ ପରିଶୋଧ କରିସାରିଛି। ଋଣ ବକେୟା ଥିବାରୁ ଉକ୍ତ ସଂସ୍ଥା ବଜାରରୁ ଆବଶ୍ୟକତା ଅନୁଯାୟୀ ଋଣ ଉଠାଇ ପାରୁ ନ ଥିଲା। ରାଜ୍ୟ ସରକାର ଉକ୍ତ ମୂଳ ଓ ସୁଧକୁ ପୁଞ୍ଜି ଆକାରରେ ପରିବର୍ତ୍ତନ କରିବା ଦ୍ୱାରା ଏଣିକି ଟିଡିସିସି ବାହାରୁ ଋଣ ଆଣିପାରିବ। ଏଥିଯୋଗୁ ମାଣ୍ଡିଆ, ବାଜରା ଆଦି କ୍ରୟ କରିବାରେ ସେହି ସଂସ୍ଥାକୁ ସହଜ ହେବ। ☞ପୃଷ୍ଠା-୬

ଅନିବାର୍ଯ୍ୟ କାରଣବଶତଃ କ୍ୟାରିୟର ସମ୍ପର୍କିତ ଲେଖା ପ୍ରକାଶ ପାଇପାରୁନାହିଁ।

**ଆଜିର ମନ୍ତବ୍ୟ**

ପିଲାଙ୍କୁ କେବଳ ଜ୍ଞାନ ନୁହେଁ, ବରଂ ସବୁ କଥାର ମୂଲ୍ୟବୋଧ ହୃଦୟଙ୍ଗମ କରାଇବା ଉଚିତ ।
– ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ବର୍ଷ ସେପ୍ଟେମ୍ବରରେ ଦେଶର ବାଣିଜ୍ୟିକ ବ୍ୟାଙ୍କଗୁଡିକ ସେବା କ୍ଷେତ୍ରକୁ ପ୍ରଦାନ କରୁଥିବା ଅଗ୍ରିମରେ ୨୪%କୁ ବୃଦ୍ଧି ଘଟିଛି। ଏହା ଗତ ବର୍ଷ ସମାନ ସମୟରେ ୭% ରହିଥିଲା। –ଆର୍‌ବିଆଇ


NECC NATIONAL EGG CO-ORDINATION COMMITTEE 02.11.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 73 | 123 | 133 |
| CTC | 72 | 122 | 132 |
| DKL | 73 | 123 | 133 |
| BDK | 74 | 124 | 134 |
| BLS | 74 | 124 | 134 |
| ANG | 75 | 126 | 136 |

*Conditions Apply
Eggs Retail Price- 50/-Dozen
Issued in the Interest of Consumers


**ସୁପ୍ରିମକୋର୍ଟରେ ୪ ନୂଆ ବିଚାରପତି**

........୧୪........

**୯ ଯାଏ ଚାଲିବ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ**

**୩ ଜଣଙ୍କୁ ବାର୍‌ରୁ ବହିଷ୍କାର**

........୧୨........

**ଚୌକି ପାଇଁ ପ୍ରତିଶ୍ରୁତି ଭୁଲିଛି ଭାଜପା: ମୁଖ୍ୟମନ୍ତ୍ରୀ** ପୃଷ୍ଠା ୧୪











୨୦୧୯ ସାଧାରଣ ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ବିଜୟ ଲାଭ କରିବ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣି ଥରେ କ୍ଷମତାକୁ ଆସିବେ। ସେ ଦ୍ୱିତୀୟ ପାଳି ଶାସନ କରିବେ ବୋଲି ନ୍ୟୁଜ୍ ପୋର୍ଟାଲ୍ 'ଡେଲିହଣ୍ଟ' ଏବଂ ନିଲ୍‌ସନ୍ ଇଣ୍ଡିଆ ପକ୍ଷରୁ ହୋଇଥିବା ଏକ ଅନ୍‌ଲାଇନ୍ ସର୍ଭେରୁ ଜଣାପଡ଼ିଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ସାୟେଶା
ପରିବାରବର୍ଗ



ଜାଗୃତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ଉଦ୍ଯୋଗ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# classified




### SALE

New Hyundai Xcerd car for sale Taxi with OLA June 2017. Price 7.5 lakhs 13500 km. 9337009765. D-64736




### SALE

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

Bhubaneswar AIIMS Hospital, DOON School 30' road gharabari possession plot. 9438763122. D-64734

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact 9937059891, 9348253463, 8908292617.** D-9237

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

ଭୁବନେଶ୍ୱର KEC, ଗୁଡିଆ- ପୋଖରୀଠାରେ 30ft road ଥାଇକି ଅଗ୍ରିମ boundary wall electry, gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-9147

ଖୋର୍ଦ୍ଧା Jupiter +2 science କଲେଜକୁ ଲାଗି ଘର ଉପଯୋଗୀ ପ୍ଲଟ ମିଳୁଅଛି। 9583032439. D-64359

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64357

1BHK, studio apartment at Mangalahat Square, Puri (Immediate rent after possession). Mobile: 9040089507 9040089501. D-58001

**A luxurious 3BHK flat at TATA Ariana, Bhubaneswar for sale. Contact: 9337413323, 9437313522.** D-64909

First boundary then registration with yellowzone plot at Trisulia. Rs. 750/- (per sqft.) Contact: 7873739444, 9938308889. D-9200

2000 sqft. gharabari plot in Raghunathpur, Bhubaneswar is immediate for sale. 9937162220. D-64732

Gharabari plot 1560 sqft. behind Utkal Hieghts for sale, BBSR. 7327095483. D-9190

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.3 lakhs Contact: 9937059891, 9348253463, 8908292617.** D-9236

Booking simplex 2BHK 1200 sqft. Tankapani road Sai Temple 26,19,000/-. 7735738102. D-9215

Bhubaneswar NH- side Janla ପାଖରେ boundary plot ବିକ୍ରିହେବ। 9438859527, 9853333043. D-9213

4000 sft. GA plot immediately sale Surya Nagar, Unit No.- 7, Bhubaneswar. Contact Deepak: 9937329999 (Conditions Apply). D-64529

ଭୁବନେଶ୍ୱର ନୂଆଗାଁ ପେଟ୍ରୋଲପମ୍ପ ନିକଟରେ ୧୮୦୦ ସ୍କୋୟାରଫୁଟ ଘରବାରି ପ୍ଲଟ ବିକ୍ରିହେବ। 9437287595. D-9174

Ready 1R, 1BR, 2BR, 3BR flats (10 to 30) lakhs near Seabeach Puri. 9776080988, 9437493502. D-63925

**Gharabari plot sale, Bhubaneswar at Tankapani road near Jagannath Ashram with boundary, gate 100% litigation free, 5040 sqft. Conatct: 8658200215, 7978850899.** D-9176

ସୁନ୍ଦରପଦା ହାଇଟେକ୍ ପ୍ଲାଜା ପାଖରେ ଘରବାରି ପଜେସନ୍ ପ୍ଲଟ sqft.- 1070ରେ plot ମିଳୁଛି। 9348230669. D-64364

ସୁନ୍ଦରପଦା- ଜଟଣୀରୋଡରେ Xavier University ପାଖରେ investment ଉପଯୋଗୀ ସ୍ଥିତିବାନ୍‌ପ୍ଲଟ lowcostରେ ମିଳୁଅଛି। First possession then registration. 8847851850. D-64362

5000 sft. commercial land immediately for sale Hanspal Square, Bhubaneswar. Contact Deepak: 9937329999. (Conditions Apply). D-64530

Gharabari plot with Bank loan near Jagannath Temple first boundary then registration yellowzone under BDA approval 1250/- per sqft. negotiable. 8249533255. D-64737

Khordha Malipada National Highway road ପାଖରେ opposite of Bhubaneswar Engineering College boundary ସହିତ 2000 sqft. plot ବିକ୍ରିହେବ। 9178031478. D-64632

Booking flats 2BHK, 3BHK in 1160 sqft. and 1320 sqft. Patrapada BMC Mall 3500/- sft. Broker Excuse. 9176647692. D-9228

କେଶୁରାରେ ଘରବାରି plot sqft. 1000/-ରେ immediate ଘରକରି ରହିବା ପାଇଁ ମିଳୁଛି। 9178031478. D-64631

Book a duplex at Bharatpur close to Fire Station GA 1400 sqft. corner land booking on built-up 2500 sft. handover within 12 months: 9937560970. D-64531

### PURCHASE

Required urgently 1/2/3/4 BHK simplexes, duplexes, flats for exclusive marketing. Bhubaneswar. 07750085903. D-9214




Construct your building in finished house contact: 9937064680. D-27282

For construction of residential/ commercial buildings. Please Conatct: 7008268129, 9439143273. D-62134




Commercial space 1800 sqft. for Banks, Office on first floor at Saheednagar. Contact: 7008681590. D-64729

Office, Bank or commercial, 2400 sqft., Plot No.- 661, Bank Chhak, Mahanadivihar, Mobile: 9437226804, 7978603239, 9439826980, 7978316627. D-9239

2BHK at Nayapalli near DAV Unit-8, BBSR. Contact: 9337627101. D-64908




Samal Packer Movers provide household shifting in reasonable price. 9437035016. D-63864




Fully refreshed/ relaxed body massage by expert therapist, Shastrinagar. 7377984773. D-65140

Rejuvenate and Ayurvedic full body massage by expert therapist. 9114402304. D-65138

Pamper yourself this Mansoon professional massage. Contact Purple Orchid. 9776598888. D-65139

All type of full body massage by expert therapist. 7609005923. D-65141

Newly open herbal full body massage with refreshment well trained therapist. 7381239385. D-64630

Ayurvedic full body massage ladies / gents smart experts therapist. 9114697517. D-64629

Herbal full body massage by smart/ expert therapist. Contact: 8338067247. D-65143

Newly opening ayurvedic massage smart therapist, Shree herbal. 7750020754. D-65144

Improving your health, skin care through expert therapist, excellent offer. 9668374480. D-65145

Physiotherapy and herbal massage by trained ladies/ gents therapist: 7008773793. D-65045

Experience full body massage with us by expert Enquiry: 7377048581. D-65147

Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036

Madam Monalisa massage club-50% discount full body massage by hiprofile smart lady therapist. 9708545108. D-9167

New new openeing full body massage ladies, gents. 7438851534, 7609923705. D-38540

Now Matrimonial ads. only on Wednesday & Sunday
Book 1 Get 1 FREE




Contact for Tissue Culture Banana plants. 9853429105, 7377162775. D-9227

### LOST

ମୁଁ ଶ୍ରୀ ମନୋଜ କୁମାର ମଲିକ, ବୟସ- ୩୨ ବର୍ଷ, ପିତା- ବଟକୃଷ୍ଣ ମଲିକ, ସା- ବୈରିମାଳ, ସାମିଲ୍- ଚଣ୍ଡିଆଗଡ଼ି, ପୋ- ମାଳପାଟଣା, ଥାନା- ଆଳି, ଜିଲ୍ଲା- କେନ୍ଦ୍ରାପଡ଼ା ଗତ ୧୯।୧୦।୧୮ ତାରିଖ ସନ୍ଧ୍ୟାରେ ଆଳି ନୂଆବଜାରକୁ ଜେରକ୍ସ କରିବାକୁ ନେଇଥିବା ପଟ୍ଟା ଓ କବଲା ହଜିଯାଇଛି। ମୋର ଓରିଜିନାଲ ପଟ୍ଟା ଖାତା ନମ୍ବର ୯୦୩/୨୫୪, ପ୍ଲଟ୍ ନମ୍ବର ୧୭୭୩, ମୌଜା- ଚଣ୍ଡିଆଗଡ଼ି ଓ କବଲା ନମ୍ବର ୧୦୮୭ କେଉଁଠାରେ ହଜିଯାଇଛି। ଏହି ଘୋଷଣା କରୁଛି କି ଏହା ଦରକାର ବେଳେ କର୍ମରେ ଆସିବ। ମନୋଜ କୁମାର ମଲିକ, ବୈରିମାଳ, ଚଣ୍ଡିଆଗଡ଼ି, ଆଳି, କେନ୍ଦ୍ରାପଡ଼ା। ଧ-୯୭୩୮

### AFFIDAVIT

By virtue of an affidavit sworn before the Executive Magistrate, Bhubaneswar on dated 26th October, 2018. I have changed my name from Dhrubendranath Soren to Rakesh Soren. Henceforth, I shall be known as Rakesh Soren for all purpose. D-65046


ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ପ୍ରତାରଣାର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# 'ସୁନ୍ଦରୀ' ଧରା ଅଭିଯାନ 'ଯଶୋଦା'ର ସହାୟତା ନେବ ବନ ବିଭାଗ

## ପରବର୍ତ୍ତୀ ସମୟରେ ଯିବ 'ନନ୍ଦ'



ଭୁବନେଶ୍ୱର, ୨।୧୧ (ବ୍ୟୁରୋ) /ବନ୍ତଳା(ଡି.ଏନ୍.ଏ.)/ବାରଙ୍ଗ (ଡି.ଏନ୍.ଏ.)

ସାତକୋଶିଆରେ ବାଘୁଣୀ 'ସୁନ୍ଦରୀ'କୁ ଟ୍ରାଙ୍କୁଲାଇଜ କରି ଧରିବା ପାଇଁ ବନ ବିଭାଗର ୩ଟି ଟିମ୍ ବିଫଳ ହୋଇଛନ୍ତି। ସୁନ୍ଦରୀ ଜଙ୍ଗଲ ଭିତରେ ଲୁଚି ଯାଉଥିବାରୁ ତାକୁ ହାତୀ ଉପରେ ବସି ଟ୍ରାଙ୍କୁଲାଇଜ କରାଯିବାକୁ ବନ ବିଭାଗ ନିଷ୍ପତ୍ତି ନିଷ୍ପତ୍ତି ନେଇଛି। ତେଣୁ 'ସୁନ୍ଦରୀ'କୁ ଧରିବା ପାଇଁ ଚନ୍ଦକାରୁ 'ଯଶୋଦା' ଓ 'ନନ୍ଦ' ହାତୀକୁ ନିଆଯିବ। 'ସୁନ୍ଦରୀ'କୁ ଧରିବା ପାଇଁ ପ୍ରଥମେ ଚନ୍ଦକା ଗୋଡ଼ିବାରୀରେ ଥିବା କୁମ୍‌କି ହାତୀ 'ଯଶୋଦା'କୁ ନିଆଯାଇଛି। ଶୁକ୍ରବାର ରାତିରେ ଏକ ସ୍ୱତନ୍ତ୍ର ଗାଡ଼ିରେ 'ଯଶୋଦା'କୁ ସାତକୋଶିଆ ନିଆଯାଇଛି। ଯଶୋଦା ସହିତ ୪ମାହୁନ୍ତ ଓ ବନ କର୍ମଚାରୀ ଯାଇଛନ୍ତି। ଶନିବାର ଟ୍ରାଙ୍କୁଲାଇଜର ଟିମ୍ 'ଯଶୋଦା' ଉପରେ ବସି ବାଘୁଣୀକୁ ଖୋଜିବ। ପରବର୍ତ୍ତୀ ସମୟରେ 'ନନ୍ଦ' ହାତୀକୁ ନିଆଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଶୁକ୍ରବାର ରାତ୍ରି ସୁଦ୍ଧା ସୁନ୍ଦରୀ ପୁରୁଣାକୋଟର ମଝିପଡ଼ା ସଂରକ୍ଷିତ ଜଙ୍ଗଲର ଗୁଡ଼ଭଙ୍ଗା ନାଳ ନିକଟରେ ଥିବା ଜଣାପଡ଼ିଛି।

# ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଶାନ୍ତିଲତା ବେହେରା**

ଗ୍ରାମ- ଖରପଡ଼ା, ଭୁବନେଶ୍ୱର
ଆବିର୍ଭାବ: ୩୦।୦୧।୧୯୬୭
ତିରୋଧାନ: ୧୧।୧୦।୨୦୧୮

ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସ୍ୱାମୀ- ଗନ୍ଧର୍ବ ବେହେରା, ପୁତ୍ର- ସନ୍ଦୀପ, ପ୍ରଦୀପ, ଝିଅ- ଲିଜା। ଧ-୯୭୨୭

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ କାହ୍ନୁଚରଣ ଓଝା**

ଗୋପାଳପୁର, ଟେଣ୍ଟିପୁର, ଯାଜପୁର ଟାଉନ୍
ଆବିର୍ଭାବ: ୦୭।୧୧।୧୯୪୦
ତିରୋଧାନ: ୨୫।୧୦।୨୦୧୮

ତୁମର ଆଦର୍ଶ, ଶାନ୍ତଶୀଳ ସ୍ୱଭାବ, ଶ୍ରଦ୍ଧା, ସହିଷ୍ଣୁତା, ସହିଷ୍ଣୁତା, ଆତ୍ମୀୟମାନଙ୍କ ନିକଟରେ ଚିରସ୍ମରଣୀୟ ହୋଇ ରହିବ। ... [illegible]

ଶୋକସନ୍ତପ୍ତ: ... ଧ-୯୭୨୮

### ଶ୍ରଦ୍ଧାଞ୍ଜଳି
ଦ୍ୱାଦଶାହ ଉପଲକ୍ଷେ



**ସୁକାନ୍ତ କୁମାର ଦାଶ**

୧୯୫୨-୨୦୧୮
ମଣିପଡ଼ା, କଟକ

[illegible]

ଶୋକ ସନ୍ତପ୍ତ: ... ଧ-୯୭୪୧

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ କବିରାଜ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶର୍ମା**

କବିରାଜ ଭବନ, ଆସିକା, ଗଞ୍ଜାମ
ଆବିର୍ଭାବ: ମହାଶିବରାତ୍ରି, ୧୯୧୪
ତିରୋଧାନ: କାର୍ତ୍ତିକ କୃଷ୍ଣପକ୍ଷ ଏକାଦଶୀ, ୨୦୦୭

ଆପଣଙ୍କ ଆଦର୍ଶ ଆମମାନଙ୍କର ପାଥେୟ। ଶୋକସନ୍ତପ୍ତ: ପୁତ୍ର- ପ୍ରଶାନ୍ତ, ବୋହୂ- ବିଜୟଲକ୍ଷ୍ମୀ, ଝିଅ- ରଞ୍ଜିତା, ଜ୍ୱାଇଁପୁଅ- ଏନ୍.ସି. ପାତ୍ର ଓ ବନ୍ଧୁବର୍ଗ। ଧ-୯୭୪୦

### ୪ର୍ଥ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଭୁବନେଶ୍ୱର ହୋତା (ଶିକ୍ଷକ)**

୧୯୩୮ ସାଲ- କମାଶାସନ

କେତେ ସ୍ନେହ ଢାଳୁଥିଲ ଆପଣ ଶିରରେ, ସେଥିପାଇଁ ଲୁହ ଝରେ ସବୁରି ଆଖିରେ, କର୍ମ ହିଁ ଭଗବାନ, ଆପଣଙ୍କ ଏହି ମନ୍ତ୍ର ହିଁ ଆମର ପ୍ରେରଣା। ଶୋକସନ୍ତପ୍ତ: ପୁତ୍ର- ଗଦାଧର, ବିଧାଧର, ଭାଇ- ରବିନାରାୟଣ, ବନ୍ଧୁ ଓ ପରିବାରବର୍ଗ। ଧ-୯୭୩୯

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ଆଜି ବୁଧ ଶନିଙ୍କ ନକ୍ଷତ୍ରରେ ରହିଥିବାରୁ ଭାଇ, ବନ୍ଧୁ, ନିକଟ ସମ୍ପର୍କୀୟ କିମ୍ବା ଆତ୍ମୀୟମାନଙ୍କ ସାହାଯ୍ୟରୁ ଅର୍ଥ ପାଇବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି। ଆଜି ବିବାଦୀୟ ଘଟଣାରେ କୌଣସି ନିର୍ଦ୍ଦିଷ୍ଟ ପକ୍ଷକୁ ସମର୍ଥନ କରିବା ଠିକ୍ ହେବ ନାହିଁ। କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ, କଳା କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ** - ସପ୍ତମାଧିପ ମଙ୍ଗଳ ଧନିଷ୍ଠା ନକ୍ଷତ୍ରରୁ ହେତୁ ଗତକାଲି ଠାରୁ ସ୍ଥିର କରିଥିବା ଆଜିର ପ୍ରସ୍ତାବ ଯାତ୍ରା ପ୍ରତିପ୍ରଦ ରହିବ। ସତର୍କତା ଅଭାବରୁ ଅତି ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସହ ଭୁଲ ବୁଝାମଣା ଘଟିପାରେ। ଅଫିସରେ କେତେକ ବିଗରୁ ଚାପର ସମ୍ମୁଖୀନ ହେବାକୁ ପଡ଼ିପାରେ। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି।

**ମିଥୁନ** - ରାହୁ ନକ୍ଷତ୍ରରୁ ରବିଙ୍କ କାରଣରୁ ଦିନଟିରେ ବହୁ ଗହଣରେ ବେଶି ସମୟ କଟିଲେ ମଧ୍ୟ ଘରର ଅଶାନ୍ତି ମନକୁ ଭାରାକ୍ରାନ୍ତ କରିରଖିବ। ବହୁତ ଦିନରୁ ଚେଷ୍ଟା କରିମଧ ପାଇ ନ ଥିବା ପ୍ରାପ୍ୟଧନ ଆଜି ସନ୍ଧ୍ୟାରେ ପାଇବେ। ସମ୍ପର୍କୀୟ ବର୍ଷ୍ଟିମାନଙ୍କ ସଙ୍ଗରେ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲିତ ହେବ। ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ କୌଣସି ସମସ୍ୟା ରହିବ ନାହିଁ।

**କର୍କଟ** - ଭାଗ୍ୟାଧିପ ବୃହସ୍ପତି ଏକାଦଶ ସ୍ଥାନକୁ ଦେଖୁଥିବାରୁ ସାମାଜିକ ଦୃଷ୍ଟିକୋଣରୁ ଦିନଟି ଭଲରେ ଭଲରେ ଅତିବାହିତ ହେବ। ଆପଣଙ୍କ କାର୍ଯ୍ୟଦକ୍ଷତାର ପ୍ରଶଂସା କରି ବନ୍ଧୁମାନେ ସାହାଯ୍ୟ କରିବାକୁ ଆଗେଇ ଆସିବେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କଚେରି ମାମଲା, ଜମିଜମା ସମ୍ପର୍କୀୟ ବିବାଦୀୟ ଘଟଣାରେ ବିଜୟୀ ହେବେ।

**ସିଂହ** - ଅଷ୍ଟମାଧିପ ଗୁରୁଙ୍କ କୁପ୍ରଭାବରେ ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ବିଷୟରେ ଚିନ୍ତା କରି ମନ ଭଲ ରହିବ ନାହିଁ। ପରିବହନ, ବ୍ୟବସାୟରେ ମାନମାନଙ୍କର ଦେଖା ଦେଇପାରେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ନିଜ ପାଇଁ କ୍ଷତିର କାରଣ ହେବ। ଅବଶ୍ୟ ପୂର୍ବ ପ୍ରସ୍ତୁତିକ୍ରମେ ବନ୍ଧୁମିଳନ ଓ ଦୂର ଯାତ୍ରା କରିପାରନ୍ତି।

**କନ୍ୟା** - ଶନିଙ୍କ ପ୍ରଭାବରେ ପ୍ରତ୍ୟେକ କାମ ସମସ୍ୟା ବିଜଡ଼ିତ ସାଙ୍ଗକୁ ବହୁତ ବିଳମ୍ବରେ ହେଉଥିବାରୁ କ୍ରମଶଃ ବ୍ୟସ୍ତତା ବଢ଼ିଯିବ। ବନ୍ଧୁ କିମ୍ବା ଆତ୍ମୀୟଙ୍କ ଦୁଃଖିତ ମନକୁ ସାନ୍ତ୍ୱନା ଦେବାକୁ ଯାଇ ପରିବାରରେ ଦ୍ୱନ୍ଦ ଲାଗିଯାଇପାରେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ, ପ୍ରଶାସନ ଓ ଆଇନ ଅଦାଲତରେ କାମର ଚାପ ବିଶେଷ ପରିମାଣରେ ବୃଦ୍ଧି ପାଇପାରେ।

**ତୁଳା** - ଧନସ୍ଥାନରେ ବୁଧ ଓ ଗୁରୁଙ୍କ ସମାବେଶରୁ ବନ୍ଧୁମାନଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ ଏବଂ ବିଭିନ୍ନ ସ୍ତରରୁ ମଧ୍ୟ ଉପକୃତ ହେବେ। ବ୍ୟୟ ଭାର କ୍ରମଶଃ କମି କମି ଆସିବ ଏବଂ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଆର୍ଥିକ ଅନଟନ ଓ ସ୍ଥାନ ବଦଳିବା କାରଣରୁ ଦୁଶ୍ଚିନ୍ତା ବୃଦ୍ଧି ପାଇବ।

**ବିଛା** - ଜନ୍ମ ବୃହସ୍ପତିଙ୍କ କୁପ୍ରଭାବରେ କର୍ମକ୍ଷେତ୍ରର ଚାପ କ୍ରମଶଃ ବୃଦ୍ଧି ପାଇବା କାରଣରୁ ଓ ଝିଙ୍ଗା ବ୍ୟତିକ୍ରମ ମଧ୍ୟରେ ସମୟ ଅତିବାହିତ ହେବ। ତେଣୁ ପିତାଙ୍କ ଦ୍ୱନ୍ଦ ଯୋଗୁ ବହୁତ ଦିନ ହେଲା ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଉଚ୍ଚ ପଦାଧିକାରୀଙ୍କ ପୃଷ୍ଠପୋଷକତା କାରଣରୁ ଦୀର୍ଘ ଦିନରୁ ପଡ଼ିରହିଥିବା କାମଟିରେ ଅଗ୍ରଗତିର ସୂଚନା ପାଇବେ।

**ଧନୁ** - ରାଶିରେ ଶନିଙ୍କ ସ୍ଥିତି କାରଣରୁ ଦିନ ତମାମ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ କିନ୍ତୁ ଉପଭୋଗ୍ୟ ନ ହୋଇପାରେ। ସାହିତ୍ୟ, ଭ୍ରମଣ, ରାଜନୀତି, ପ୍ରଶାସନ, ସାମ୍ବାଦିକତା, ବ୍ୟବସାୟ ପାଇଁ ଆଜି ଦିନଟି ବହୁତ ଭଲ। ରାଜନୀତି, କଳା, ସାହିତ୍ୟ, ପ୍ରଶାସନିକ ସ୍ତରରେ ତଥା ସଭାସମିତି କାମରେ ବ୍ୟସ୍ତତା ବୃଦ୍ଧି ପାଇବ।

**ମକର** - ଗ୍ରହମାନଙ୍କ ଅନୁକୂଳ ପ୍ରଭାବରେ କାର୍ଯ୍ୟସିଦ୍ଧି ସାଙ୍ଗକୁ ଅର୍ଥ ଓ ସୁନାମ ପାଇବେ। ପାରିବାରିକ ସମସ୍ୟା ସମାଧାନ କରିବା କଷ୍ଟକର ହୋଇପଡ଼ିବ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ସାଙ୍ଗକୁ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ ଦୂରେଇ ଯିବାରୁ ମନ ମଧ୍ୟ ହାଲୁକା ରହିବ। ଆଜିର ସକାଳୁଆ ଯାତ୍ରାରେ ସଫଳତା ପାଇବେ।

**କୁମ୍ଭ** - ନବମସ୍ଥ ବୃହସ୍ପତି ଅଷ୍ଟମାଧିପ ଯୁକ୍ତ ଜନିତ ବନ୍ଧୁ କିମ୍ବା ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ସୃଷ୍ଟି ହେବାର ଆଶଙ୍କାକୁ ମଧ୍ୟ ଏଡ଼ି ହେବ ନାହିଁ। ଜମିଜମା କାରବାର, ସରକାରୀ ସ୍ତରରୁ ଅର୍ଥ, ଧାର୍ମିକ କାର୍ଯ୍ୟ ପ୍ରଭୃତିରେ ଆଶାନୁରୂପ ସଫଳତା ପାଇବେ। ବାଦବିବାଦରେ ଆପୋସ ସମାଧାନ ଘଟିବ ଓ ଶତ୍ରୁଭୀତ ବିଜୟୀ ହେବେ।

**ମୀନ** - ଷଷ୍ଠସ୍ଥ ଚନ୍ଦ୍ର ଯାତ୍ରା, ନୂତନ କର୍ମାରମ୍ଭ ସକାଶେ ପ୍ରତିଦାୟକ ହେବ। ସାମାଜିକ ସ୍ତରରେ ବନ୍ଧୁମାନଙ୍କ ସାହାଯ୍ୟ ଲାଭ କରି ମାନସିକ ସ୍ଥିତି କ୍ରମଶଃ ସୁସ୍ଥ ହୋଇଯିବ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ, ନହେଲେ ଅସୁସ୍ଥତା କରିବାକୁ ପଡ଼ିବ। ଆଲୋଚନା, ସରକାରି, କ୍ରୀଡ଼ା, କଳା ଓ ଚଳଚ୍ଚିତ୍ର ଏବଂ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ପ୍ରଭୃତିରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିବ।

ଆଜି କାର୍ତ୍ତିକ କୃଷ୍ଣପକ୍ଷର ରମା ଏକାଦଶୀ ଶନିବାର, ନଭେମ୍ବର ୩ ତାରିଖ, ରାଶି ନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୧।୫୩ମି. ଗତେ ଘ.୧।୨୭ମି. ମଧ୍ୟେ, ଘ.୩।୪୨ମି. ଗତେ ଘ.୫।୦୭ମି. ମଧ୍ୟେ ଅମୃତବେଳା। ସକାଳ ଘ.୭।୦୮ମି. ଗତେ ଘ.୮।୩୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୮।୩୧ମି. ଗତେ ଘ.୧୦।୦୫ ମଧ୍ୟେ ରାହୁକାଳ।

11 BLOOMING YEARS

Reliance
Growth is Life

ଉତ୍କୃଷ୍ଟ ମୁହୂର୍ତ୍ତରୁ
ଅମୂଲ୍ୟ ପ୍ରତିଶ୍ରୁତି
ପର୍ଯ୍ୟନ୍ତ
ଆପଣଙ୍କ ସହିତ
ପ୍ରତିଟି ମୁହୂର୍ତ୍ତରେ



ଖାସ୍ ଦୀପାବଳୀ ଅଫର୍ | 12 ଅକ୍ଟୋବର – 11 ନେଭମ୍ବେର 2018

ଫ୍ଲାଟ୍ 50% ଛାଡ଼*
ଗୋଲ୍ଡ ଜ୍ୱେଲରୀ ତିଆରି ଉପରେ
(₹75,000 ରୁ ଊର୍ଦ୍ଧ୍ୱ ଇନ୍‌ଭଏସ୍ ମୂଲ୍ୟ ଉପରେ)

ଫ୍ଲାଟ୍ 0%
ମେକିଂ ଡାଇମଣ୍ଡ ଜ୍ୱେଲରୀ ଉପରେ*
(₹75,000 ରୁ ଊର୍ଦ୍ଧ୍ୱ ଇନ୍‌ଭଏସ୍ ମୂଲ୍ୟ ଉପରେ)

ଫ୍ଲାଟ୍ 75% ଛାଡ଼*
ଗୋଲ୍ଡ କଏନ୍ ମେକିଂ ଉପରେ
(50 ଗ୍ରାମ୍ ଓ ଊର୍ଦ୍ଧ୍ୱ ଆକାର ଉପରେ)

ଏହା ସହିତ ପାଆନ୍ତୁ ଅନନ୍ୟ ଭାଲ୍ୟୁ ଆଡିଶନ୍‌ସ ଯେପରି
ଓଲ୍ଡ ଗୋଲ୍ଡ ଏକ୍ସଚେଞ୍ଜ୍ ଉପରେ ସମ୍ପୂର୍ଣ୍ଣ ଫେରସ୍ତ ଓ ଫ୍ରୀ ଜ୍ୱେଲରୀ ଇନସୁରାନ୍‌ସ*

*ସର୍ତ୍ତ ଓ ନିୟମାବଳୀ ଲାଗୁ ।

Reliance Jewels
BE THE MOMENT

5% EXTRA CASHBACK* SBI Debit Card | SBI Card Make life simple

*Min. trxn: ₹25,000; Max. Cashback: ₹2,500 per card account.
Validity: 27 Oct - 05 Nov '18. T&C Apply.

ଭୁବନେଶ୍ୱର: ଜନପଥ, ସତ୍ୟ ନଗର, ଫୋନ୍: 0674-2570035 • ଚନ୍ଦ୍ରଶେଖରପୁର, ନାଲ୍‌କୋ ଛକ, ସାମନ୍ତ ବିହାର, କଳିଙ୍ଗ ହସ୍ପିଟାଲ୍ ସ୍କୋୟାର୍, ଫୋନ୍: 0674-2303541 କଟକ: କେଣ୍ଟନମେଣ୍ଟ୍ ରୋଡ୍, 553, ଗୋପାଳ ଭବନ, ହାଉଡ଼ା ମୋଟର୍ସ ନିକଟ, ଫୋନ୍: 0671-2520011

ଅଧିକନ୍ତୁ, କିଣନ୍ତୁ ଟ୍ରେଣ୍ଡି ଲାଇଟ୍-ୱେଟ୍ ଫାଇନ୍ ଜ୍ୱେଲରୀ ରିଲାଏନ୍‌ସ ଜ୍ୱେଲ୍‌ସ SIS: At TRENDS • ପ୍ଲଟ୍ ନଂ. 12/2902. 2907, ମାଜେଷ୍ଟିକ୍ ପ୍ଲାଜା, ଦୋଳମୁଣ୍ଡାଇ ସ୍କୋୟାର୍, କଟକ • ସହୀଦ ନଗର ଜନପଥ

thoughtrains-kaleido RJ291018

ପ୍ରତ୍ୟେକ ଲୋକର ନିଜବାଟରେ ଭାବିବା, ଅନୁଭବ କରିବା ଓ ପ୍ରତିକ୍ରିୟା ଦେଖାଇବାର ଅଧିକାର ରହିଛି। କାହିଁକି ତୁମେ ଭାବିବ ଯେ, ଅନ୍ୟମାନେ ତୁମେ ଯାହା କରୁଛ ତାହା କରନ୍ତୁ ଓ ତୁମରି ଭଳି ହୁଅନ୍ତୁ ? -ଶ୍ରୀମା



# ଡୋଭାଲଙ୍କ ହାତମୁଠା ଟାଣ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଆନ୍

ସଂଯୁକ୍ତ ଗୋଇନ୍ଦା କମିଟି (ଜେଆଇସି)ର ପୂର୍ବତନ ଅଧ୍ୟକ୍ଷ ଆର୍.ଏନ୍. ରବିଙ୍କୁ ଜାତୀୟ ସୁରକ୍ଷା ଉପପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇଛି। ଏହାଦ୍ୱାରା ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲଙ୍କ ହାତମୁଠା ଆହୁରି ଟାଣ ହେଲା ବୋଲି ପର୍ଯ୍ୟବେକ୍ଷକମାନେ ମନେ କରୁଛନ୍ତି। ରବି ହେଉଛନ୍ତି ତୃତୀୟ ଡେପୁଟି, ଯାହାଙ୍କୁ ଏନ୍‌ଏସ୍‌ଏଙ୍କୁ ରିପୋର୍ଟ କରିବାକୁ ପଡ଼ିବ। ଅନ୍ୟ ଦୁଇଜଣ ହେଉଛନ୍ତି ପୂର୍ବତନ ର' ସଚିବ ରାଜିନ୍ଦର ଖାନ୍ନା ଏବଂ ପୂର୍ବତନ କୂଟନୀତିଜ୍ଞ ପଙ୍କଜ ଶରଣ। ତେବେ ୧୯୭୬ ବ୍ୟାଚ୍‌ର ଆଇପିଏସ୍ ଅଫିସର ହିସାବରେ ଡୋଭାଲଙ୍କ ଡେପୁଟିମାନଙ୍କ ଭିତରେ ରବି ହେଉଛନ୍ତି ବରିଷ୍ଠତମ। ଉଭୟ ଡୋଭାଲ ଓ ରବି ହେଉଛନ୍ତି କେରଳ କ୍ୟାଡର ଆଇପିଏସ୍ ଅଫିସର ଏବଂ ଉଭୟଙ୍କ ମଧ୍ୟରେ ଘନିଷ୍ଠତା ଥିବା ବିଶ୍ୱାସ କରାଯାଏ। ରବି ସରକାରଙ୍କ ତରଫରୁ ମଧ୍ୟସ୍ଥ ଭାବେ ନାଗା ଉଗ୍ରପନ୍ଥୀଙ୍କ ସହିତ କଥାବାର୍ତ୍ତା କରି ଶାନ୍ତି ଫେରାଇ ଆଣିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପୁନଶ୍ଚ ରବିଙ୍କୁ ନୂତନ ଦାୟିତ୍ୱ ମିଳିବା ପରେ ସଂଯୁକ୍ତ ଗୋଇନ୍ଦା କମିଟି ସମ୍ପୂର୍ଣ୍ଣରୂପେ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ନିୟନ୍ତ୍ରଣକୁ ଆସିଗଲା। କୁହାଯାଉଛି ଯେ, ଭାରତ ସୁରକ୍ଷା ନୀତିର ଅଭ୍ୟନ୍ତରୀଣ ଭାଗଟା ରବି ପରିଚାଳନା କରିବେ ଏବଂ ବାହ୍ୟ ଭାଗଟା ପଙ୍କଜ ଶରଣଙ୍କ ଦାୟିତ୍ୱରେ ରହିବ। ରାଜିନ୍ଦର ଖାନ୍ନା ନିର୍ଦ୍ଦିଷ୍ଟ ଭାବରେ ଗୋଇନ୍ଦା ଦିଗଟା ବୁଝିବେ। ଆହୁରି ମଧ୍ୟ ଶୁଣିବାକୁ ମିଳୁଛି ଯେ, ରିଭ୍ୟୁ ଇନ୍‌ଷ୍ଟ୍ରେକ୍ଟର ସମ୍ପ୍ରସାରଣ ଘଟିବ, ଅର୍ଥାତ୍ ନୂତନ କୋଠାବାଡ଼ି ତିଆରି ହୋଇ ମୂଳ ପ୍ରତିଷ୍ଠାନ ସହ ଯୋଗ କରାଯିବ।

### ପକ୍ଷାଘାତରେ ପିଇଏସ୍‌ବି

ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ୍)ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ପଦ ପାଇଁ ନିର୍ଦ୍ଧାରିତ ସାକ୍ଷାତ୍କାର ପରୀକ୍ଷାକୁ ସ୍ଥଗିତ ରଖିବାକୁ ପଡ଼ିଛି, କାରଣ ଲୋକ ଉଦ୍ୟୋଗ ନିଯୁକ୍ତି ବୋର୍ଡ (ପିଇଏସ୍‌ବି) ଜଣେ ମାତ୍ର ସଦସ୍ୟକୁ ହ୍ରାସପାଇ ଏକ ପ୍ରକାର ଅଚଳ ହୋଇପଡ଼ିଛି। ନୂତନ ଅଧ୍ୟକ୍ଷ ଓ ସଦସ୍ୟମାନଙ୍କ ନାମ ଘୋଷଣା କରା ନ ଯିବା ପର୍ଯ୍ୟନ୍ତ ସବୁ ପ୍ରକାର ସାକ୍ଷାତ୍କାର ପରୀକ୍ଷା ବନ୍ଦ ରଖିବା ପାଇଁ ବୋର୍ଡ ନିଷ୍ପତ୍ତି ନେଇଛି। ଏହାଦ୍ୱାରା ବିଶୃଙ୍ଖଳା ଉପୁଜିବା ସହ ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ପିଏସ୍‌ୟୁ)ଗୁଡ଼ିକରେ ଅସନ୍ତୋଷ ବଢ଼ିବ। ବୋର୍ଡ ଇତିହାସରେ ବୋଧହୁଏ ପ୍ରଥମଥର ପାଇଁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ପିଇଏସ୍‌ବିର କାର୍ଯ୍ୟକାରୀ ଅଧ୍ୟକ୍ଷ ଶ୍ରୀମତୀ ଗୌରୀ କୁମାରଙ୍କ ଗତମାସରେ ଅବସର ନେବା ପରଠାରୁ ୧୯୮୧ ବ୍ୟାଚ୍ ଆଇଏଏସ୍ ଅଫିସର ମଧୁସୂଦନ ପ୍ରସାଦ ବସ୍ତୁତଃ ବୋର୍ଡର ଏକମାତ୍ର ସଦସ୍ୟ ଅଛନ୍ତି। ପାରମ୍ପରିକଭାବେ ପିଇଏସ୍‌ବି ନିଯୁକ୍ତି ସାକ୍ଷାତ୍କାର ପାଇଁ ତାରିଖ ନିର୍ଦ୍ଧାରଣ କରେ ଏବଂ ସାକ୍ଷାତ୍କାରର ୧୫ ଦିନ ପୂର୍ବରୁ ପ୍ରାର୍ଥୀମାନଙ୍କର ସଂକ୍ଷିପ୍ତାକୃତ ତାଲିକା ପ୍ରକାଶ କରେ। ଯେହେତୁ ନିଯୁକ୍ତିର ସମୟସୀମା ବିଷୟରେ ବୋର୍ଡ ପାଖରେ କୌଣସି ଖବର ନାହିଁ, ତେଣୁ ଏହା ନିଯୁକ୍ତି ସାକ୍ଷାତ୍କାର ପରିଚାଳନା କରିବା ଲାଗି ଅପ୍ରତିଭ ହୋଇପଡ଼ୁଛି। ଉଲ୍ଲେଖନୀୟ ଯେ, ସଞ୍ଜୟ କୋଠାରି ୨୦୧୭ ଜୁଲାଇ ମାସରେ ରାଷ୍ଟ୍ରପତିଙ୍କ ସଚିବ ଭାବେ ରାଇସିଆନା ହିଲ୍‌କୁ ସ୍ଥାନାନ୍ତରିତ ହେବା ପରଠାରୁ ଉକ୍ତ ତାରିଜଣିଆ ବୋର୍ଡ (ଅଧ୍ୟକ୍ଷ ସମେତ) ମୁଖ୍ୟହୀନ ହୋଇପଡ଼ିଥିଲା। ଅଂଶୁମାନ ଦାସ ବୋର୍ଡର ବରିଷ୍ଠତମ ସଦସ୍ୟ ହୋଇଥିବାରୁ ତାଙ୍କୁ ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଗଲା। ସେ କିନ୍ତୁ ଅଗଷ୍ଟ ମାସରେ ଶ୍ରୀମତୀ ଗୌରୀ କୁମାରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଦେଲେ। ତେଣୁ ପ୍ରାୟ ବର୍ଷକରୁ ଅଧିକ କାଳ ହେଲାଣି ପିଏସ୍‌ଇବି ସୀମିତ ଲୋକଶକ୍ତିକୁ ନେଇ ଚାଲିଛି। ଫଳରେ ସିପିଏସ୍‌ଇ ଓ ଅନ୍ୟ ଷ୍ଟେକ୍‌ହୋଲ୍ଡରଙ୍କ ମଧ୍ୟରେ ଅନିଶ୍ଚୟତାର ବାତାବରଣ ସୃଷ୍ଟି ହୋଇଛି।

### ପିଏମ୍‌ଓର ୨୦୧୯ ପାଇଁ ପ୍ରସ୍ତୁତି

୨୦୧୪ ମେ ମାସରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରୁ ମୋଦି ସରକାର ପରିଚାଳିତ ହୋଇଆସୁଛି। ୨୦୧୯ ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ ଗୁଜବ ଶୁଣିବାକୁ ମିଳୁଛି ଯେ, ଖୋଦ୍ ପିଏମ୍‌ଓରେ ମଧ୍ୟ ପୁନର୍ଗଠନ ହେବାର ସମ୍ଭାବନା ଅଛି। ପ୍ରଶାସନିକ ପରିଚାଳନାରେ ଦେଖାଦେଉଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକ ସୁଧାରିବା ଲାଗି ଉଦ୍ୟମ କରାଯାଉଛି। ଜାଣିବା ଶୁଣିବା ମହଲରେ ବିଶ୍ୱାସ କରାଯାଉଛି ଯେ, ପିଏମ୍‌ଓରୁ ଜଣେ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ବଦଳି କରାଯିବ। ତା' ସହ ବଡ଼ ବଡ଼ ପ୍ରସଙ୍ଗରେ ମୋଦିଙ୍କୁ ସହାୟତା କରିବା ଲାଗି ଆଉ ଜଣେ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ପିଏମ୍‌ଓରେ ନିଯୁକ୍ତି ଦିଆଯିବ। ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ପିଏମ୍‌ଓ ଟିମ୍‌ରେ ଆହୁରି ଅନେକ ପରିବର୍ତ୍ତନ କରାଯାଇପାରେ ବୋଲି ଅନୁମାନ କରାଯାଉଛି। ଯାହା ଜଣାଯାଏ, ଦୁଇ ଜଣ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ପିଏମ୍‌ଓକୁ ଅଣାଯାଇ ଅତିରିକ୍ତ ଓ ଯୁଗ୍ମ ସଚିବ ପାହ୍ୟାରେ ନିଯୁକ୍ତି ଦିଆଯିବ। ଉତ୍ତରାଞ୍ଚଳ ରାଜ୍ୟର ଜଣେ ଆଇଆଇଟି କମ୍ପ୍ୟୁଟର ବିଜ୍ଞାନ ସ୍ନାତକରୁ ଆଇଏଏସ୍ ହୋଇଥିବା ଏବଂ ଦକ୍ଷିଣାଞ୍ଚଳ ରାଜ୍ୟରୁ ପ୍ରାଇଭେଟ ସେକ୍ଟର ପୃଷ୍ଠଭୂମିର ଜଣେ ଯୁଗ୍ମ ସଚିବପ୍ରାୟ ଆଇଏଏସ୍ ଅଫିସରଙ୍କୁ ଟିମ୍ ପିଏମ୍‌ଓରେ ନିଯୁକ୍ତି ଦିଆଯାଇପାରେ। ଜଣେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ଦେଖିବେ ଏବଂ ଆଉ ଜଣେ ଯୋଗାଯୋଗ, ଲୋକଙ୍କ ପାଖରେ ପହଞ୍ଚିବାର ରଣକୌଶଳ ପ୍ରସ୍ତୁତ କରିବେ, ଯାହା ମୋଦିଙ୍କୁ ପୁନଃ ନିର୍ବାଚିତ କରାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ।

Email: dilipcherian@gmail.com

# ଗଙ୍ଗା ପାବନ ପ୍ରହସନ



ଡ. ପ୍ରଫୁଲ୍ଲ କୁମାର ସାହୁ

ଗଙ୍ଗାପୁତ୍ର ସ୍ୱାମୀ ଜ୍ଞାନସ୍ୱରୂପ ସାନନ୍ଦ। ଜଣେ ବର୍ଷୀୟାନ୍ ସନ୍ଥ ଓ ପ୍ରଖ୍ୟାତ ପରିବେଶବିଜ୍ଞାନୀ। ପ୍ରଫେସର ଗୁରୁଦାସ ଅଗ୍ରୱାଲ ନାମରେ ପରିଚିତ ସ୍ୱାମୀ ସାନନ୍ଦ ପରିବେଶ ସୁରକ୍ଷା ପାଇଁ ଜାଳିଥିଲେ କ୍ରାନ୍ତିର ମଶାଲ। ଗଙ୍ଗାମାତାର ସୁରକ୍ଷା ଦାବି ନେଇ ଆମରଣ ଅନଶନ ଚଳାଉଥିବା ସ୍ୱାମୀ ସାନନ୍ଦ ଶେଷରେ ୧୧।୧୦।୨୦୧୮ରେ ଆତ୍ମରାଜିକ ଚାଲିଗଲେ ସରକାରୀ ଉଦାସୀନତାର ଶିକାର ହୋଇ। ତାଙ୍କ ଭଳି ଜଣେ ପ୍ରଖ୍ୟାତ ପରିବେଶବିତ୍‌ଙ୍କୁ ଜାଣିଶୁଣି ମୃତ୍ୟୁମୁହଁକୁ ଠେଲିଦିଆଗଲା ବୋଲି ଏବେ ଚାରିଆଡ଼େ ଚାଲିଛି ଚର୍ଚ୍ଚା।

ଏକଦା କାନପୁର ଆଇଆଇଟିର ପର୍ଯ୍ୟାବରଣ ବିଭାଗର ମୁଖ୍ୟ ଓ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ-ସଚିବ ଥିବା ପ୍ରଫେସର ଅଗ୍ରୱାଲ ୨୦୦୧ରେ ସନ୍ନ୍ୟାସ ଗ୍ରହଣ କରିଥିଲେ ଏବଂ ସେବେଠୁ ସେ ପରିଚିତ ହୋଇଥିଲେ ସ୍ୱାମୀ ଜ୍ଞାନସ୍ୱରୂପ ସାନନ୍ଦ ନାମରେ। ପରିବେଶ ସୁରକ୍ଷା ଦିଗରେ ନିଜକୁ ସମ୍ପୂର୍ଣ୍ଣ ନିୟୋଜିତ କରିଥିବା ସ୍ୱାମୀ ସାନନ୍ଦ ଭାଗୀରଥି ନଦୀ ଉପରେ ଡ୍ୟାମ୍ ନିର୍ମାଣକୁ ବିରୋଧ କରି ୨୦୦୯ ମସିହାରେ ୩୮ ଦିନ ଧରି ଅନଶନରେ ବସିବା କାରଣରୁ ଡ୍ୟାମ୍ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବା ପାଇଁ ବାଧ୍ୟ ହୋଇଥିଲେ ତତ୍କାଳୀନ ସରକାର। ଜଣେ ବିଶିଷ୍ଟ ପରିବେଶବିଜ୍ଞାନୀ ତଥା ମଦନମୋହନ ମାଲବ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ 'ଗଙ୍ଗା ମହାସଭା'ର ମାର୍ଗଦର୍ଶକ ଭାବରେ ଗଙ୍ଗାନଦୀର ସୁରକ୍ଷା ପାଇଁ ତାଙ୍କର ଜୀବନ ଥିଲା ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ। ତେଣୁ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଜରିଆରେ ଗଙ୍ଗାନଦୀକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ସେ ପ୍ରୟାସ ଜାରି ରଖିଥିଲେ ଏବଂ ଏ ଦିଗରେ ସକାରାତ୍ମକ ପଦକ୍ଷେପ ନେବା ପାଇଁ ସରକାରଙ୍କୁ ଅନୁରୋଧ କରୁଥିଲେ ବାରମ୍ବାର। ବିଶେଷକରି 'ନମାମି ଗଙ୍ଗେ' ନାରା ଦେଇ ବାରାଣସୀ ସଂସଦୀୟ କ୍ଷେତ୍ରରୁ ନିର୍ବାଚିତ ହୋଇଥିବା ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଖରୁ ସେ ଆଶା କରୁଥିଲେ ବହୁତକିଛି। ମାତ୍ର ଯେବେଠାରୁ ସେ ଅନୁଭବ କଲେ 'ନମାମି ଗଙ୍ଗେ' ଯୋଜନା କେବଳ ଅଟକିଛି ବଡ଼ ବଡ଼ ଭାଷଣ, ପ୍ରତିଶ୍ରୁତି ଓ ନିର୍ବାଚନ ଇସ୍ତାହାର ଭିତରେ, ସେବେଠୁ ତାଙ୍କୁ ଅଧିକ ବିବ୍ରତ କଲା ଗଙ୍ଗାମାତାର ସୁରକ୍ଷା ଚିନ୍ତା। ଶେଷରେ ଗଙ୍ଗାନଦୀ ଉପରେ ବନ୍ଧ, ବ୍ୟାରେଜ୍ ଓ ଟନେଲ୍ ନିର୍ମାଣକୁ ବିରୋଧକରି ଗତ ଜୁନ୍ ୨୨ରୁ ଆରମ୍ଭ କଲେ ଆମରଣ ଅନଶନ। ହରିଦ୍ୱାର ମୈତ୍ରୀ ସଦନ ଆଶ୍ରମରେ ୧୧୧ଦିନ ଅନଶନରେ ବସିବା ପରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିବାରୁ ତାଙ୍କୁ ବଳପୂର୍ବକ ଉଠେଇନେଇ ଭର୍ତ୍ତି କରାଯାଇଥିଲା ଋଷିକେଶସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନରେ। ପରଦିନ ସେଠାରେ ସବୁଦିନ ପାଇଁ ଆଖି ବୁଜିଦେଲେ ୮୭ ବର୍ଷୀୟ ସ୍ୱାମୀ ସାନନ୍ଦ। ଜଣେ ମହାନ୍ ସନ୍ଥ ତଥା ପରିବେଶବିଜ୍ଞାନୀଙ୍କୁ ବଞ୍ଚେଇ ରଖିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଲାନି ବିଶେଷ ତତ୍ପରତା। ବ୍ୟର୍ଥପ୍ରାଣ ଗଙ୍ଗାପୁତ୍ରଙ୍କ ଡାରିଦିଆ ଦାବିକୁ ମାନିନେଇ ଗଙ୍ଗାମାତାକୁ ପ୍ରଦୂଷଣମୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ଜୁଟେଇ ପାରିଲେନି ନୈତିକ ସାହସ। ଅର୍ଥାତ୍ ରାଜନୈତିକ ସ୍ୱାର୍ଥପରତା ଆଗରେ କୌଣସି ମୂଲ୍ୟ ରଖିଲାନି ଗଙ୍ଗାନଦୀର ସୁରକ୍ଷା ଓ ଗଙ୍ଗାପୁତ୍ରଙ୍କ ଜୀବନ।

ଏହି ପରିପ୍ରେକ୍ଷୀରେ ସରକାର ଜାଣିରଖିବା ଉଚିତ ଯେ, ଭାରତୀୟମାନଙ୍କ ଦୃଷ୍ଟିରେ ଗଙ୍ଗା କେବଳ ଏକ ନଦୀ ନୁହେଁ, ତାହା ଉତ୍ସର୍ଜିତ ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସର ଏକ ଅଖଣ୍ଡ ପ୍ରବାହ। ଇତିହାସର ବ୍ରାହ୍ମ ମୁହୂର୍ତ୍ତରୁ ଏହା ଦେଶବାସୀଙ୍କ ହୃଦୟ ଜିଣିଥିବା ଏକ ପବିତ୍ର ତୀର୍ଥକ୍ଷେତ୍ର। ଯେଉଁ ତୀର୍ଥଜଳରେ ସ୍ନାନ କଲେ ଧୋଇଯାଏ ଜୀବନର ସକଳ ପାପ। ସେ ତୀର୍ଥକ୍ଷେତ୍ରରେ ମୃତ ବ୍ୟକ୍ତିର ଅସ୍ଥି ବିସର୍ଜନ କଲେ ମୋକ୍ଷ ଲଭେ ଆତ୍ମା। ଏହା ପ୍ରତ୍ୟେକ ହିନ୍ଦୁଙ୍କ ବିଶ୍ୱାସ।

କେବଳ ଆଧିଭୌତିକ ଦୃଷ୍ଟିରୁ ନୁହେଁ, ଗଙ୍ଗା ଜଳର ଶୁଦ୍ଧତାକୁ ନେଇ ସାରା ବିଶ୍ୱରେ ରହିଛି ତା'ର ଖ୍ୟାତି। କାରଣ ବିଜ୍ଞାନାଗାରର ବିଶୁଦ୍ଧ ଜଳଠାରୁ ଗଙ୍ଗାନଦୀର ଜଳ ଆହୁରି ଶୁଦ୍ଧ। ସେଥିପାଇଁ ପୃଥିବୀର ସର୍ବବୃହତ୍ ସାଂସ୍କୃତିକ ମଞ୍ଚ ମହାକୁମ୍ଭ ମେଳା ସମୟରେ ପ୍ରୟାଗ ନିକଟରେ ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ସମାଗମ ହେଲେ ବି ସେଠାରେ କେବେ ବ୍ୟାପୁ ନ ଥିଲା ମହାମାରୀ। ଗଙ୍ଗାଜଳର ଏହି ଚମତ୍କାରିତା ବିନେ ବୈଜ୍ଞାନିକମାନଙ୍କ ଚିନ୍ତା ରାଜ୍ୟରେ ସୃଷ୍ଟି କରିଥିଲା ଆଲୋଡ଼ନ। ସେମାନେ ଗବେଷଣା କରି ଆବିଷ୍କାର କରିଥିଲେ ତା'ର ରହସ୍ୟ। ୧୮୯୬ ମସିହାରେ ପ୍ରକାଶିତ ବିଶିଷ୍ଟ ବୈଜ୍ଞାନିକ ଅର୍ନେଷ୍ଟ ହାନବରୀଙ୍କ ଗବେଷଣାଲବ୍ଧ ତଥ୍ୟ ଅନୁସାରେ ଗଙ୍ଗାଜଳରେ ରହିଛି ଭୂତାଣୁ ବିନାଶକାରୀ ଗୁଣ। ତା'ର ସଂସ୍ପର୍ଶରେ ଆସିବାର ମାତ୍ର ୩ଘଣ୍ଟା ମଧ୍ୟରେ ଆପେ ଆପେ ନଷ୍ଟ ହୋଇଯାଆନ୍ତି ହଇଜା ରୋଗର ଭୂତାଣୁ ଭାଇବ୍ରିଓ କଲେରା। ଅଥଚ ପରିତାପର ବିଷୟ ଶହ ଶହ ବର୍ଷ ଧରି ଚାଲିଥିବା ଅତ୍ୟାଚାର ଯୋଗୁ ସେହି ଗଙ୍ଗାର ବିଶୁଦ୍ଧ ଜଳ ଏବେ ଆବର୍ଜନାରେ ପୂର୍ଣ୍ଣ। ସେ ହରେଇ ବସିଛି ତା'ର ଭୂତାଣୁ ବିନାଶକାରୀ ଗୁଣବତ୍ତା।

ସାଧାରଣତଃ ସବୁ ଦେଶରେ, ସବୁକାଳରେ ଜୀବନ ପାଇଁ ନଦୀଗୁଡ଼ିକ ହିଁ ବାଣ୍ଟିଛନ୍ତି ଜଳ। ସେହି ଜଳସମ୍ପଦ ପାଇଁ ଲୋକେ ସର୍ବଦା ଲୋଡ଼ିଛନ୍ତି ନଈକୂଳିଆ ଜାଗା। ଏହି ଦୃଷ୍ଟିରୁ ବିଚାର କଲେ ଗଙ୍ଗା କେବଳ ପତିତପାବନୀ ନୁହେଁ, ଏହା ଭାରତବର୍ଷର ସାମାଜିକ, ସାଂସ୍କୃତିକ ଓ ଆର୍ଥନୀତିକ ବିକାଶର ମାନଦଣ୍ଡ। ଜୀବନ ବାଞ୍ଛିବା ପାଇଁ ହିମାଳୟର ଗଙ୍ଗୋତ୍ରୀଠାରୁ ସୁନ୍ଦରବନର ସାଗରସଙ୍ଗମ ପର୍ଯ୍ୟନ୍ତ ତା'ର ଅଢେଇ ହଜାର କି.ମି. ବ୍ୟାପି ପ୍ରଲମ୍ବିତ ଯାତ୍ରା। ମାତ୍ର ଯିଏ କାଳ କାଳ ଧରି ଜୀବନ ବାଣ୍ଟୁଛି, ସେ ଆଜି ନିଜେ ହରେଇବସିଛି ସ୍ୱଚ୍ଛରେ ପ୍ରବାହିତ ହେବାର ଅଧିକାର। ବିଭିନ୍ନ କାରଣରୁ କ୍ରମଶଃ ସଂକୁଚିତ ହେବାରେ ଲାଗିଛି ଚିରସ୍ରୋତା ଗଙ୍ଗାର ଜଳପ୍ରବାହ। ନଦୀର ସ୍ରୋତ ଦୁର୍ବଳ ହୋଇପଡ଼ିବା କାରଣରୁ ନିଷ୍କାସିତ ହୋଇପାରୁନି ନଦୀ ଗର୍ଭରେ ମିଶୁଥିବା ନାନା ପ୍ରକାର ଆବର୍ଜନା। ଶାସ୍ତ୍ର କହେ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଧମନୀରେ ଯେମିତି ଶୁଦ୍ଧ ରକ୍ତ ପ୍ରବାହିତ ହେବା ଦରକାର, ସେମିତି ନଦୀର ସ୍ୱାସ୍ଥ୍ୟ ନିମନ୍ତେ ଆବଶ୍ୟକ ତା'ର ଜଳ ପ୍ରବାହରେ ସ୍ୱଚ୍ଛତା। ମାତ୍ର ଗଙ୍ଗାଜଳ ସମ୍ପର୍କରେ ପ୍ରକାଶ ପାଇଥିବା ଏକ ରିପୋର୍ଟରୁ ଜଣାଯାଏ, ସ୍ନାନ ପାଇଁ ଗଙ୍ଗାଜଳକୁ ବ୍ୟବହାର କରିବା ତ ଦୂରର କଥା, ତାହା କୃଷି କାର୍ଯ୍ୟ ପାଇଁ ମଧ୍ୟ ଏବେ ଅନୁପଯୋଗୀ।

ଗଙ୍ଗାନଦୀ କୂଳରେ ଗଢ଼ିଉଠିଥିବା ପ୍ରକାଣ୍ଡକାୟ ଶିଳ୍ପସଂସ୍ଥାଗୁଡ଼ିକ ତା'ର ଜଳରେ ଶୋଷ ମେଣ୍ଟାଉଛନ୍ତି, ଅଥଚ ତା' ଦେହକୁ ଛାଡ଼ୁଛନ୍ତି ବିଭିନ୍ନ ପ୍ରକାର ବର୍ଜ୍ୟବସ୍ତୁ। ବିଶେଷକରି କାନପୁର ସହରରେ ଗଢ଼ିଉଠିଥିବା ବୃହତ୍ ଚମଡ଼ା ଶିଳ୍ପଗୁଡ଼ିକର ଦୂଷିତ ଓ ସାଂଘାତିକ ଭାବରେ କ୍ଷୟକାରୀ ତରଳ ବର୍ଜ୍ୟ ପ୍ରବେଶ କରିବା ଫଳରେ ଦସ୍ତା, କ୍ରୋମିୟମ୍ ଆଦି ବିଷାକ୍ତ ଧାତୁଯୁକ୍ତ ହୋଇପଡ଼ୁଛି ଗଙ୍ଗାଜଳ। ଏଥି ସହିତ ବିଷାକ୍ତ ହେଉଛି ଗାଙ୍ଗେୟ କ୍ଷେତ୍ରରେ ଉତ୍ପନ୍ନ ଖାଦ୍ୟଶସ୍ୟ ଓ ପନିପରିବା। ନଦୀକୂଳରେ ଗଢ଼ିଉଠିଥିବା ସହରର ନର୍ଦ୍ଦମା ପାଣି ଅବାଧରେ ମିଶୁଛି ଗଙ୍ଗା ଦେହରେ। ଗଣମାଧ୍ୟମରେ ପ୍ରକାଶିତ ଏକ ତଥ୍ୟ ଅନୁସାରେ ପ୍ରତିଦିନ ଗଙ୍ଗା ଗର୍ଭକୁ ପ୍ରବେଶକରୁଛି ଦେଢ଼ଶହକୋଟି ଲିଟର ନାଳନର୍ଦ୍ଦମା ପାଣି। କୋଟି କୋଟି ଟନ୍‌ର ଅଳିଆ, ଆବର୍ଜନା ଓ କାଦୁଅରେ ଅଟ୍ଟାଳ ହେଉଛି ଗଙ୍ଗା। ପ୍ରତିବର୍ଷ ପ୍ରାୟ ୧ଶ ଗଙ୍ଗା ଗର୍ଭକୁ ଫିଙ୍ଗାଯାଉଛି ୧ଲକ୍ଷ ୧୫ହଜାର ଟନ୍ ପ୍ଲାଷ୍ଟିକ। ଦେଶର ସବୁଠାରୁ ଜନବହୁଳ ଅଞ୍ଚଳ ଦେଇ ପ୍ରବାହିତ ନଦୀକୁ ଯଦି ନର୍ଦ୍ଦମା ଭଳି ବ୍ୟବହାର କରାଯାଏ, ତେବେ ତା'ର ଅମୃତଧାରା ଜହରରେ ପରିଣତ ହେବା ଏକ ସ୍ୱାଭାବିକ କଥା।

ଗଙ୍ଗାନଦୀର ଜଳକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ 'ଗଙ୍ଗା ପରିମଳ ଯୋଜନା'(୧୯୮୬)ଠାରୁ ବର୍ତ୍ତମାନର 'ନମାମି ଗଙ୍ଗେ' ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଛି ଯୋଜନା ପରେ ଯୋଜନା। ଏ ଦିଗରେ ଟିକସଦାତାଙ୍କ ପଇସା ବି ଖର୍ଚ୍ଚ ଚାଲିଛି ବେପରୁଆଭାବେ। ମାତ୍ର କମିବାର ନାଁ ଧରୁନି ପ୍ରଦୂଷଣର ମାତ୍ରା। ସବୁଠାରୁ ବିଡ଼ମ୍ବନାର ବିଷୟ ହେଉଛି ଗଙ୍ଗା ପ୍ରଦୂଷଣ ପାଇଁ ଯେଉଁ କାରଣଗୁଡ଼ିକ ଦାୟୀ, ତାହା ବହୁ ପୂର୍ବରୁ ଚିହ୍ନଟ ହୋଇ ସାରିଥିଲେ ବି ସରକାର ଖୋଜି ପାଉନାହାନ୍ତି ସମାଧାନର ବାଟ। ଏଥିରୁ ବାରିହୋଇ ପଡୁଛି ଗଙ୍ଗାମାତାର ସୁରକ୍ଷା ପ୍ରତି ସରକାରଙ୍କ ପ୍ରତିବଦ୍ଧତାର ସ୍ୱରୂପ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ- ୯୪୩୮୫୪୫୦୮୮

# ପଲିଥିନ୍‌ର ବିଭୀଷିକା



ଅଭିମନ୍ୟୁ ଧଳ

ପ୍ରତିଦିନ ଜିନିଷ କିଣିବା ପାଇଁ ମୁଁ ବ୍ୟାଗ ବାହାର କଲି। ବନ୍ଧୁ କ୍ଷୀରୋଦ ପରିଡ଼ା ବିକାଳିଙ୍କୁ ପଲିଥିନ ମୁଣାରେ ପରିବା ଦେବା ପାଇଁ କହିବାରୁ ସେ କହିଲେ- ଏଭଥରକ ନିଅନ୍ତୁ, ଆଉ ଥରକୁ ବ୍ୟାଗ ଆଣିବେ। ସରକାର ଏହାକୁ ବନ୍ଦ କଲେଣି, ବ୍ୟବହାର କଲେ ଜରିମାନା ଦେବୁ। ବନ୍ଧୁଙ୍କ ମୁହଁରେ ହସ। ସଙ୍ଗେ ସଙ୍ଗେ ଲଘୁ ହିସାବଟିଏ କଲେ। ସକାଳଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ଏହାର ରାଜୁତି। ପଲିଥିନ୍ ହିଁ ଫୁଲତୋଳା, ମନ୍ଦିରକୁ ଭୋଗ ନେଇ ଯିବା, ସଉଦାପତ୍ର ଆଣିବା, କାହାଘରକୁ କିଛି ପଠାଇବା, ରେନକୋଟ ନ ନେଇଥିଲେ ମୁଣ୍ଡରେ ଢାଙ୍କିବା, ମନିପର୍ସ ଓ ମୋବାଇଲକୁ ବର୍ଷାରୁ ସୁରକ୍ଷିତ ରଖିବା, ଟିଫିନ ନେବା, ଏପରିକି ଫ୍ରିଜରେ ପରିବା ରଖିବା କାମ ଚଳାଏ। ଗୃହିଣୀଙ୍କର ଏହା ଅମୂଲ୍ୟ ସମ୍ପଦ। ଅଧିକାଂଶ ପରିବାରରେ ରୋଷେଇଘରେ ଏହା ପାଇଁ ସ୍ୱତନ୍ତ୍ର ସ୍ଥାନ, ଏହା ବନ୍ଦ ହେବା କ'ଣ ସମ୍ଭବ?

ବାସ୍ତବିକ ପ୍ଲାଷ୍ଟିକ ଯେଉଁଭଳି ଆମ ଦୈନନ୍ଦିନ ଜୀବନକୁ ଆବୋରି ନେଇଛି ସେଥିରୁ ମୁକୁଳିବା କଷ୍ଟକର, କିନ୍ତୁ ଅସମ୍ଭବ ନୁହେଁ। ୧୯୩୩ ମସିହାରେ ଆକସ୍ମିକ ଭାବେ ପ୍ଲାଷ୍ଟିକ ସୃଷ୍ଟି ହୋଇଥିଲା। ଏରିକ ଫସେଟ ଏବଂ ରେଜିନାଲ୍ଡ ଗିବ୍‌ସନ୍ ନାମକ ଦୁଇ ବ୍ରିଟିଶ ବୈଜ୍ଞାନିକ ଏହା ଉପରେ ଗବେଷଣା କରି ସଫଳ ହୋଇଥିଲେ। ସେତେବେଳେ ସେ ଜାଣି ନ ଥିଲେ ଯେ ଯେଉଁ ପଲିଥିନ୍‌କୁ ସେମାନେ ମଣିଷର ଉପକାରରେ ଆସିବ ବୋଲି ସୃଷ୍ଟି କରିଥିଲେ ତାହା ଦିନେ ପରିବେଶ ପାଇଁ ଏକ ଭୟଙ୍କର ବିପଦ ପାଲଟିଯିବ। ଆମେ ବ୍ୟବହାର କରୁଥିବା ପ୍ରକୃତିର ଅମୃତ ଭଣ୍ଡାର ପାଣି, ପବନ ଓ ମାଟିକୁ ପଲିଥିନ ବିଷାକ୍ତ କରିଦେଉଛି। ମିନେରାଲ ୱାଟରରେ ପ୍ଲାଷ୍ଟିକର ସୂକ୍ଷ୍ମ କଣିକା ରହୁଛି। ଗବା ଗଦା ପଲିଥିନ ପୋଡ଼ାଯିବା ବେଳେ ସେଥିରୁ ଡାଇଅକ୍ସିନ ଓ ଫ୍ୟୁରାନ ଭଳି ବିଷାକ୍ତ ବାଷ୍ପ ନିର୍ଗତ ହୋଇ ପାଖାପାଖି ରହୁଥିବା ଲୋକଙ୍କ ଭିତରେ କର୍କଟ ରୋଗ ସୃଷ୍ଟି କରିବାର ସମ୍ଭାବନା ଥାଏ। ଏହା ରୋଗପ୍ରତିରୋଧକ ଶକ୍ତି ହ୍ରାସ କରେ। ହରମୋନର ଅସନ୍ତୁଳନ ଘଟାଇଥାଏ। ସେହିଭଳି ପ୍ଲାଷ୍ଟିକଗୁଡ଼ିକ ବିଘଟନ ହୋଇ ନ ଥିବାରୁ ବର୍ଷ ବର୍ଷ ଧରି ମାଟିରେ ନ ମିଶି ସେମିତି ପଡ଼ିରହିଥାଏ। ସରେଜମିତି ଏହାକୁ ବାହାର କରିବା ବୈଜ୍ଞାନିକଙ୍କଠାରୁ ସେ ଅମରବର ଲାଭ କରିଛି। ଏହାର ସୂକ୍ଷ୍ମ କଣିକା ପାଣିକୁ ପ୍ରଦୂଷିତ କରିଥାଏ। ପ୍ରୋସେସିଂ ସମୟରେ ଏହି ସୂକ୍ଷ୍ମ କଣିକାକୁ ଅଲଗା କରିବା ପ୍ରାୟତଃ ଅସମ୍ଭବ।

ପଲିଥିନ ମୁଣାରେ ଗରମ ଖାଦ୍ୟ ନେବା, ପ୍ଲାଷ୍ଟିକ୍ କପ୍‌ରେ ଚା' ପିଇବା, ପ୍ଲାଷ୍ଟିକ୍ ଭିତରେ ପାନୀୟଜଳ ରହିବା ରୋଗ ସୃଷ୍ଟିର କାରଣ। ପୃଥିବୀର ପ୍ରତ୍ୟେକ ଦେଶ ପାଇଁ ଏହା ମୁଣ୍ଡବିନ୍ଧାର କାରଣ ହେଲାଣି। ଏହାର ବ୍ୟବହାରକୁ କମ୍ କରିବା, ବର୍ଜ୍ୟ ପ୍ଲାଷ୍ଟିକକୁ ବିଘଟନ କରିବା ଏବଂ ପ୍ଲାଷ୍ଟିକ୍‌ର ବିକଳ୍ପ ଖୋଜିବାରେ ମାନବ ସମାଜ ଲାଗିପଡ଼ିଲାଣି। ଉଦାହରଣସ୍ୱରୂପ ନେଦରଲାଣ୍ଡ ସରକାର ସମୁଦ୍ର ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରିସାରିଛନ୍ତି। ନିଜ ସମୁଦ୍ରତଟରେ ରବରର ବଡ଼ ଅବରୋଧକ ଲଗାଉଛନ୍ତି। ଏହା ସମୁଦ୍ରକୁ ଆସୁଥିବା ଆବର୍ଜନାକୁ ଏକାଠି କରିବ। ପ୍ଲାଷ୍ଟିକ୍‌କୁ ନଷ୍ଟ କରିଦେଲା ଭଳି ଏନ୍‌ଜାଇମ ବିକଶିତ କରୁଛନ୍ତି ଆମେରିକା ଓ ବ୍ରିଟେନ ବୈଜ୍ଞାନିକମାନେ। ମିଲ୍‌ୱାର୍ମ ଲାର୍ଭା ପ୍ଲାଷ୍ଟିକ ବିନାଶକ ବୋଲି ସେମାନେ କହିଛନ୍ତି। ଗୋଟିଏ ମିଲ୍‌ୱାର୍ମ ଲାର୍ଭା ଥରକୁ ପ୍ରାୟ ୪୦ ମିଲିଗ୍ରାମ ପ୍ଲାଷ୍ଟିକ ଖାଇ ଚବିଶ ଘଣ୍ଟା ଭିତରେ ହଜମ କରିପାରେ। ତେଣୁ କୋଟି କୋଟି ମିଲ୍‌ୱାର୍ମ ଲାର୍ଭା କୃତ୍ରିମ ଉପାୟରେ ସୃଷ୍ଟିକରି ପ୍ଲାଷ୍ଟିକ ନଷ୍ଟ କାର୍ଯ୍ୟରେ ଲଗାଇବା ପାଇଁ ଉଦ୍ୟମ କରାଯାଉଛି। ଏସବୁ ଉଦ୍ୟମ ସମୟସାପେକ୍ଷ ହୋଇଥିବାରୁ ଆମକୁ ସଚେତନ ହେବାକୁ ପଡ଼ିବ।

ସାଇନ୍ସ ଆଡଭାନ୍ସ ଜର୍ନାଲ ରିପୋର୍ଟ ଅନୁସାରେ ୧୯୫୦ ଦଶକରେ ପ୍ଲାଷ୍ଟିକ ଉତ୍ପାଦନ ୨ ମିଲିୟନ ଟନ୍ ଥିବାବେଳେ ୨୦୧୫ରେ ଏହା ୪୦୦ ମିଲିଅନ୍ ଟନ୍‌କୁ ବୃଦ୍ଧିପାଇଛି। ଅଦ୍ୟାବଧି ୮.୫ ବିଲିଅନ ଟନ୍ ପ୍ଲାଷ୍ଟିକ ସୃଷ୍ଟି ହେଲାଣି, ଯାହାକି ଭୂଭାଗ ଓ ଜଳଭାଗରେ ଆବର୍ଜନାର ରୂପନେଇ ପ୍ରାକୃତିକ ପରିବେଶକୁ ବିପର୍ଯ୍ୟୟ ଆଡ଼କୁ ଟାଣିନେଉଛି। ସମୁଦ୍ରରେ ଯେତିକି ପ୍ଲାଷ୍ଟିକ ଜମା ହୋଇଛି ୨୦୫୦ ମସିହା ବେଳକୁ ଏହା ସମୁଦାୟ ମାଛଙ୍କ ଓଜନରୁ ଅଧିକ ହୋଇଯିବ।

୧୯୭୦ ଦଶକ ପୂର୍ବରୁ ଆମେ ବିଶେଷ ଭାବେ କପଡ଼ା ବ୍ୟାଗ, ମାଟି ପାତ୍ର, ବିଭିନ୍ନ ଧାତୁ ଓ କାଚ ବ୍ୟବହାର କରୁଥିଲେ। ଏହି ସିନ୍ଥେଟିକ ପଲିମର ବ୍ୟବହାର ବଦଳରେ ପ୍ରକୃତିର ପଲିମର ବ୍ୟବହାର କଲେ ପ୍ଲାଷ୍ଟିକ୍ ଧୀରେ ଧୀରେ ଉଭେଇଯିବ। କପା ଓ ରେଶମ ଏହାର ଉଦାହରଣ। ମଣିଷ, ଗୋରୁ, ଜଳଜୀବ ଏହାଦ୍ୱାରା ମୃତ୍ୟୁମୁଖରେ ପଡୁଛନ୍ତି। ପ୍ରତିବର୍ଷ ସମୁଦ୍ରକୁ ୧୩ ନିୟୁତ ଟନ୍ ପ୍ଲାଷ୍ଟିକ ଯାଉଥିବାରୁ ୧ ଲକ୍ଷ ସାମୁଦ୍ରିକ ଜୀବ ଓ ୨ ନିୟୁତ ସାମୁଦ୍ରିକ ପକ୍ଷୀ ମୃତ୍ୟୁମୁଖରେ ପଡୁଛନ୍ତି। ଆମ ରାଜ୍ୟ ସରକାର ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରୁ ପ୍ଲାଷ୍ଟିକ ବ୍ୟବହାରକୁ ନିଷିଦ୍ଧ କରିଛନ୍ତି। ଏହା ନିଶ୍ଚିତ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏବେଠାରୁ ସରକାର ଓ ବିଭିନ୍ନ ବେସରକାରୀ ସଂଗଠନ ଏ ଦିଗରେ ଲାଗିପଡ଼ିଲେଣି। ଏକ ସୁସ୍ଥ ପରିବେଶ ଓ ସୁସ୍ଥ ଜୀବନ ପାଇଁ ଆସନ୍ତୁ ଆମେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା।

ଓସଙ୍ଗରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ମୋ-୯୮୬୧୦୪୮୦୫୨

### ଏଇ ଭାରତରେ

କିଛି ଘଟଣା ସତ ଲାଗୁଥିଲେ ମଧ୍ୟ ସେଗୁଡ଼ିକ ପରମୁହୂର୍ତ୍ତରେ ମିଥ୍ୟା ପ୍ରମାଣିତ ହୁଏ। ଏପରି ଏକ ଘଟଣାକ୍ରମରେ ଜଣେ ବ୍ୟକ୍ତିଙ୍କ ଶ୍ରାଦ୍ଧକ୍ରିୟା ସରିଯିବାପରେ ସେ ଫେରିଆସିବା ଘଟଣାରେ ପରିବାର ସଦସ୍ୟ ଆଶ୍ଚର୍ଯ୍ୟ ହୋଇଛନ୍ତି। ଉକ୍ତ ବ୍ୟକ୍ତି ଜଣକ ମନଦୁଃଖ କରିଛନ୍ତି। କାରଣ ସେ ବଞ୍ଚି ଥାଉଥାଉ ପରିବାର ଲୋକେ ତାଙ୍କ ପାଇଁ ଶୁଦ୍ଧି ହୋଇପଡ଼ିଛନ୍ତି। ଏପରି ଏକ ଘଟଣା ଘଟିଛି କେରଳରେ। ୪୯ବର୍ଷ ବୟସ୍କ ସାଜି ମଗିଯାଇଥିବା ପରିବାର ଲୋକେ ଦୁଃଚିନ୍ତିତ ହୋଇଥିଲେ। ସାଜି କିଛି ମାସ ତଳେ କାମଧନ୍ଦା ଅନ୍ୱେଷଣରେ ବାହାରକୁ ଚାଲିଯାଇଥିଲେ। କର୍ଣ୍ଣାଟକରେ ଜଣେ ମୃତବ୍ୟକ୍ତିର କେହି ଦାବିଦାର ନ ଥିବାବେଳେ ତାହା ସାଜିଙ୍କର ମୃତଦେହ ବୋଲି ପରିବାର ଲୋକେ ଚିହ୍ନଟ କରିଥିଲେ। ସାଜିଙ୍କ ଦେହର ଯେଉଁ ଅଂଶରେ ଦାଗ ରହିଥିଲା ତାହା ମୃତଦେହରେ ଥିବା ଦେଖି ପରିବାର ଲୋକେ ଏହା ସାଜିଙ୍କର ବୋଲି ନିଶ୍ଚିତ ହୋଇଥିଲେ। ଏହାପରେ ମୃତଦେହ ଘରକୁ ଆଣି ଅକ୍ଟୋବର ୧୭ରେ ଅନ୍ତ୍ୟେଷ୍ଟିକ୍ରିୟା କରାଯାଇଥିଲା। କିନ୍ତୁ ସାଜି ୩ ଦିନ ତଳେ ଘରକୁ ଫେରିବା ପରେ ପରିବାର ଲୋକେ ତଟସ୍ଥ। ଏ ସମ୍ପର୍କରେ ପୋଲିସକୁ ଜଣାଇବା ପରେ ପୂର୍ବୋକ୍ତ ମୃତଦେହ ବିଷୟରେ ଅନୁସନ୍ଧାନ ଆରମ୍ଭ ହୋଇଛି।

### ଚିରନ୍ତନୀ

ପାଦପ-ତଳେ କୁଟୀର ବୁକେ
କୃଷକ ଅଛି ଶୋଇଛି ସୁଖେ
ସ୍ୱପନ କୋଳେ ସକଳ ଶ୍ରମ
ଭାବନା ରାଶି ନାଶି
ଆମ୍ରବନ କୁଟୀର ତଳବାସୀ!
(କୃଷ୍ଣ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୩ ନଭେମ୍ବର ୧୯୯୩

- ଇଣ୍ଡୋନେସିଆର ରାଜଧାନୀ ଜାକର୍ତ୍ତାଠାରେ ଏକ ଭୟାବହ ରେଳ ଦୁର୍ଘଟଣାରେ ୩୫ ଜଣ ରେଳଯାତ୍ରୀଙ୍କ ମୃତ୍ୟୁ।
- ଉଗ୍ରପନ୍ଥୀଙ୍କ ମୁକାବିଲା କରିବା ପାଇଁ ମଣିପୁରରେ କେବୁଲ ଟିଭି ଜରିଆରେ ଭିଡିଓ ଫିଲ୍ମ ପ୍ରଦର୍ଶନ ଉପରେ ସରକାର ନିଷେଧାଦେଶ ଜାରି କରିଛନ୍ତି।

### su|do|ku | ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| D | 8 | | 4 | | | C | | 7 |
| | B | | 2 | | E | 9 | | 8 |
| | 0 | 3 | 6 | 7 | | 2 | A | | D |
| A | 3 | | C | | | | | 0 |
| 2 | | 4 | | | C | 1 | 6 | E |
| | | | E | 5 | 2 | D | 7 | |
| | | | | | 1 | B | 0 | 9 |
| | 2 | | 0 | 9 | | 3 | 4 | 7 |
| 4 | 1 | 3 | D | 9 | 6 | | | |
| | | | 6 | D | A | | 8 | 3 | C |
| 3 | 7 | 8 | 9 | A | | | E | |
| | 5 | | | | B | | | |
| 9 | | 4 | C | | 0 | 2 | | |
| C | | | | B | 8 | | | |
| | D | | 0 | 7 | | 5 | 6 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

ଗତକାଲିର ଉତ୍ତର

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 3 | 7 | E | 5 | 8 | 9 | C | D | B | A | 6 | 4 | 1 | 2 |
| 6 | 4 | 1 | 5 | 8 | 9 | 2 | E | 1 | A | C | 3 | 7 | 8 | D |
| 2 | A | C | 7 | 6 | D | 4 | B | E | 1 | 5 | 8 | 9 | 3 | 0 |
| E | 1 | B | A | 4 | 9 | 3 | 5 | 0 | 2 | C | D | A | 7 | 6 |
| 8 | 6 | D | 1 | A | C | 7 | 3 | 2 | 9 | 0 | 4 | E | 5 | B |
| 1 | 0 | 8 | 3 | 9 | D | 6 | C | E | 0 | A | 2 | 7 | 4 | 5 |
| 4 | 9 | 5 | 2 | 0 | 7 | 6 | 4 | 3 | 8 | C | B | D | 7 | 1 |
| 7 | B | 6 | C | 1 | 4 | 0 | D | 9 | E | 8 | 5 | 2 | 3 | 6 |
| D | 2 | 3 | 0 | 5 | E | A | C | A | 7 | 6 | B | 9 | 8 | 1 |
| B | 2 | A | 5 | E | 7 | 8 | 3 | 6 | 0 | 4 | 1 | C | 9 | D |
| 5 | 8 | 4 | 1 | 9 | D | 0 | 7 | 2 | 5 | 6 | C | 3 | B | 8 |
| 9 | C | 6 | 7 | 4 | 8 | 1 | 2 | 0 | D | 5 | 6 | 3 | 2 | B |
| 5 | 8 | 9 | 6 | D | 2 | 0 | E | 1 | C | 1 | 4 | 3 | 7 | 5 |
| 6 | 7 | 3 | 8 | B | 6 | 9 | 5 | C | 0 | A | E | D | 4 | 2 |

## ପାଠକ ଶ୍ରେଷ୍ଠ ବିଚାରକ

### ହକି ବିଶ୍ୱକପ୍‌ରେ ଓଡ଼ିଶା ବଦ୍‌ନାମ ନ ହେଉ

ମହାଶୟ,

ଏହା ଗର୍ବ ଓ ଗୌରବର ବିଷୟ ଯେ, ଭୁବନେଶ୍ୱରଠାରେ ପୁରୁଷ ହକି ବିଶ୍ୱକପ୍ ଖେଳାଯିବ। ଏହି ବିଶ୍ୱକପ୍‌କୁ ସଫଳ କରିବା ପାଇଁ ଓଡ଼ିଶା ସରକାରଙ୍କ ସମସ୍ତ ବିଭାଗ ଅହରହ ପରିଶ୍ରମ କରୁଛନ୍ତି। କିନ୍ତୁ ରାଜଧାନୀର ବହୁ ଅଞ୍ଚଳ ଏବେ ମଧ୍ୟ ଅଳିଆ, ଆବର୍ଜନାରେ ଭରପୂର। ବର୍ତ୍ତମାନ ମଧ୍ୟ ବହୁ ଅଞ୍ଚଳର ରାସ୍ତା ଖାଲଖମାପୂର୍ଣ୍ଣ ରହିଛି। କଟକରୋଡ଼ ଅବସ୍ଥା ସବୁଠାରୁ ଖରାପ। ହକି ବିଶ୍ୱକପ୍ ଅବସରରେ ରାଜ୍ୟ ବାହାରୁ ଓ ଦେଶବିଦେଶରୁ ବହୁ ଖେଳାଳି ଓ ଦର୍ଶକ ଆସିବେ। ସେମାନେ ଭୁବନେଶ୍ୱର ସ୍ମାର୍ଟ ସିଟିର ଏପରି ଅବସ୍ଥା ଦେଖି କ'ଣ ଭାବିବେ? ଏହାଦ୍ୱାରା ରାଜ୍ୟର ବଦନାମ ହେବ ନାହିଁ କି?

କେ. ରବି, ଇ-୨୫୭, ଜେଜିପି କଲୋନୀ, ଭୁବନେଶ୍ୱର

### ରାଜଧାନୀଆଙ୍କ ବୃକ୍ଷପ୍ରୀତି

ଆମେ ସମସ୍ତେ ରାଜଧାନୀଆଙ୍କ ପୁଷ୍ପପ୍ରୀତି ସମ୍ପର୍କରେ ଜାଣୁ। ସକାଳୁ ଉଠି ଅନ୍ୟ ବାଡ଼ିରୁ ଫୁଲ ତୋଳିବାରେ ଏମାନେ ଓସ୍ତାଦ୍। ଏବେ ରାଜଧାନୀଆଙ୍କ ବୃକ୍ଷପ୍ରୀତି ମଧ୍ୟ କଷ୍ଟଦାୟକ ମନେହେଲାଣି। ବାଡ଼ି ଭିତରେ ଗଛର ମୂଳଟା ରହି ସାରା ଗଛଟା ରାସ୍ତାରେ କିମ୍ବା ଅନ୍ୟ ବାଡ଼ିରେ। ସେଥିପାଇଁ ଝଗଡ଼ା ଓ ଗଣ୍ଡଗୋଳ। ସାବଧାନ ହୋଇ ଗାଡ଼ି ନ ଚଳାଇଲେ ମୁହଁରୁ ଖଣ୍ଡେ ଉଡ଼ିଯିବାର ଭୟ। ରାସ୍ତାକୁ ମାଡ଼ିଆସିଥିବା ଡାଳପତ୍ରକୁ ମଝିରେ ମଝିରେ କାଟିବା ମଧ୍ୟ କ'ଣ ସରକାରଙ୍କ ଦାୟିତ୍ୱ?

ସ୍ୱୟଂସିଦ୍ଧା ପରିଡ଼ା, ପାଇକନଗର, ଭୁବନେଶ୍ୱର

### ଚାକିରିଆଙ୍କ ଅସନ୍ତୋଷ ବଢ଼ିବ

ସପ୍ତମ ବେତନ କମିଶନକୁ ଚିନିବର୍ଷ ପୂରଣ ହେବାକୁ ଯାଉଛି। ଅଥଚ ଚାକିରିଆଙ୍କୁ ନୂତନ ଘରଭଡ଼ା ମିଳୁନାହିଁ। ସେପଟେ ସରକାର ଭୋଟ ପାଇଁ ଯୋଜନା ପରେ ଯୋଜନା କରୁଛନ୍ତି। ଆୟୁଷ୍ମାନ ଭାରତ ଓ ବିଜୁ ସ୍ୱାସ୍ଥ୍ୟ ଯୋଜନା ମଧ୍ୟରେ ଲଢ଼େଇ ଲାଗିଲାଣି। କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କ ପାଇଁ ସବୁଦିନ କାନ୍ଦୁଛନ୍ତି। ଲୋକଙ୍କ ଉପରେ ମୁଣ୍ଡପିଛା ଋଣ କୋଡ଼ିଏ ହଜାରରୁ ଅଧିକ ହେଲାଣି। ତଥାପି ସରକାର ଚେତା ପାଉନି। ମେକ୍ ଇନ୍ ଓଡ଼ିଶା କରି ପୁଞ୍ଜି ନିବେଶକାରୀଙ୍କୁ ସରକାର ଭିକ ମାଗୁଛନ୍ତି। କେଉଁଆଡ଼ୁ ପୁଣି ଅର୍ଥ ଆସିଲେ ଆଗକୁ ଖର୍ଚ୍ଚ ହେବ। ସରକାରୀ ଚାକିରିଆଙ୍କୁ ଦରମା ଦେବାରେ, ଘରଭଡ଼ା ଦେବାରେ ଅର୍ଥ ଅଭାବ ଦେଖାଉଛନ୍ତି। କିନ୍ତୁ ହଜାର ହଜାର ଯୋଜନା କରି କାଙ୍ଗାଳବାଡ଼ରେ ପୋଷ୍ଟର ମାରିବାକୁ ସରକାର ଆଗୁଆ। ଯଥାଶୀଘ୍ର ସଂଶୋଧିତ ଘରଭଡ଼ା ଦିଆଯାଉ, ନଚେତ୍ ଚାକିରିଆଙ୍କ ଅସନ୍ତୋଷ ବଢ଼ିବ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


SONY
BRAVIA
OLED
A NEW TV
EXPERIENCE AWAKENS
MASTER series A9F OLED 4K HDR
A masterclass in contrast
X1 Ultimate | Pixel Contrast Booster | Acoustic Surface Audio+ | androidtv
164cm (65) Rs. 5,59,990/- EMI Rs. 6,500/-
139cm (55) Rs.3,99,990/- EMI Rs. 5,500/-
works with alexa Hands-free control
Google Assistant
A8F OLED 4K HDR
A new TV experience awakens
X1 Extreme | Acoustic Surface | TRILUMINOS DISPLAY | androidtv
164cm (65) Rs. 4,29,990/- EMI Rs. 6,500/-
139cm (55) Rs.2,99,990/- EMI Rs. 5,500/-
works with alexa Hands-free control
Google Assistant
X9000F SERIES 4K HDR
Fine details in dark and light with X1™ Extreme
X1 Extreme | Full Array LED Local Dimming | TRILUMINOS DISPLAY | androidtv | works with alexa Hands-free control | Google Assistant
215cm (85) Rs. 10,99,990/- EMI Rs. 8,500/-
164cm (65) Rs. 3,29,990/- EMI Rs. 6,500/-
139cm (55) Rs. 2,29,990/- EMI Rs. 5,500/-
X8500F SERIES 4K HDR
The best colour on a TV with Triluminos™ Display
X1 4K HDR Processor | TRILUMINOS DISPLAY | androidtv | works with alexa Hands-free control | Google Assistant
189cm (75) Rs. 4,49,990/- EMI Rs. 7,500/-
139cm (55) Rs. 1,59,990/- EMI Rs. 5,500/-
123cm (49) Rs. 1,19,990/- EMI Rs. 4,900/-
108cm (43) Rs. 89,990/- EMI Rs. 4,300/-
X7500F/X7002F SERIES 4K HDR
Your gateway to detail with 4K resolution
4K X-Reality PRO | SMART TV | Smart Plug & Play | androidtv | works with alexa Hands-free control | Google Assistant
X7500F: 164cm (65) • 139cm(55) • 123cm (49) • 108cm (43)
X7002F: 139cm(55) • 123cm (49) • 108cm (43)
Range starts from Rs. 68,990/-
W800F SERIES Full HD 1080
A brand new entertainment experience with Android TV™
X-Reality PRO | Bass Reflex Speaker | androidtv | works with alexa Hands-free control | Google Assistant
123cm (49) • 108cm (43)
Range starts from Rs. 62,990/-
W6F SERIES Full HD 1080
Clearer, sharper, more entertaining
X-Reality PRO | Bass Reflex Speaker | SMART TV
W662F: 126cm (50) • 108cm (43)
W672F: 80cm (32) • W622F: 80cm (32)
Range starts from Rs. 33,990/-
R SERIES Full HD 1080
Simply clear and beautiful picture
X-Reality PRO | Clear Resolution Enhancer | Smart Plug & Play
R422F: 80cm (32) • R352F: 102cm (40) • R302F: 80cm (32)
R252F: 102cm (40) • R202F: 80cm (32)
Range starts from Rs. 23,990/-
SPECIAL FESTIVE OFFERS!*
EXCLUSIVE OFFER^ NETFLIX 6 Months Subscription Bonus worth Rs. 4,800/-
^Applicable models are 85X9000F, 75X8500F, 65A9F, 65A8F, 65X9000F, 65X7500F, 55A9F, 55A8F, 55X9000F, 55X8500F & 55X7500F only
Sony Premium Digital Surround Wireless TV Headphones — WH-L600 worth Rs. 19,990/- — Available with 85X9000F, 75X8500F, 65A9F, 65A8F, 55A9F and 55A8F only.
Sony Extra Bass Wireless Speaker — SRS-XB30 worth Rs. 12,990/- — Available with 65X9000F, 55X9000F, 55X8500F and 49X8500F only.
Sony 1TB External Hard Drive — HD-B1 worth Rs. 6,700/- — Available with 65X7500F, 55X7500F, 55X7002F, 49X7500F, 49X7002F and 49W800F only.
Sony Wireless Bluetooth Headphones — WH-CH400 worth Rs. 4,990/- — Available with 50W662F, 43X8500F, 43X7500F and 43X7002F only.
Sony Extra Bass Headphones — MDR-XB450AP worth Rs. 2,490/- — Available with 43W662F and 43W800F only.
Sony USB Portable Charger (3000 mAh) — Charger (3000mAh) worth Rs. 1,420/- — Available with 40R352F, 40R252F, 32W672F, 32W622F, 32R422F and 32R302F only.
Sony 32GB Pen Drive — worth Rs. 1,300/- — Available with 32R202F only.
Upgrade with easy EMIs
Pay As Per Screen Size** | Screen Size x 100 = EMI
SIZE: 215cm (85) | 189cm (75) | 164cm (65) | 139cm (55) | 123cm (49)
EMI (Rs.): 8,500/- | 7,500/- | 6,500/- | 5,500/- | 4,900/-
BAJAJ FINSERV EMI Tenure up to 36 months
SPECIAL FINANCE OFFERS^
Up to 10% ADDITIONAL CASHBACK*
HDFC BANK We understand your world | ICICI Bank Credit Cards | AXIS BANK
Finance with No Processing Fees through: BAJAJ FINSERV | CAPITAL FIRST | HDB FINANCIAL SERVICES
For Sales & Service
Toll Free: 1800-103-7799
Website: www.sony.co.in
To locate nearest dealer: www.sony.co.in/dealerlocator
e-mail: sonyindia.care@ap.sony.com
For corporate enquires e-mail: b2bindia@ap.sony.com
FOLLOW US ON
facebook.com/SonyIndia
twitter.com/sony_india
Warranty Offer
2 YEAR WARRANTY*
*1 Year standard +1 Year additional on panel only
Limited period offer with BRAVIA models only
**Fraction amount if any will be taken along with last EMI. Maximum term 36 months. Scheme applicable only with Bajaj Finserv. ^Special Finance Offers are applicable on select products only. Down payment of Rs.1/- (Select Product/Day only) and rest in 9 EMI through BAJAJ Finance/ Capital First. Contact Finance Co./Banks for coverage /network area. Finance at the sole discretion of the financier. Limited Period Offer. Product images/features may differ for each model. Please check range leaflet/website for feature details. 4K = 3840 x 2160 pixels / Please update the software to the latest version. Google and Android TV are trademarks of Google LLC. Product feature/colour may vary for each model of each product as per the stock availability. Please check leaflet/website for further details. All MRP/Price inclusive of all taxes. Quoted MRP/Price is for 1U (unit) of the product. *Special Festive Offer applicable for select products and in select city only. Offers are for limited period only or till stocks last, whichever is earlier. *For 10% Cashback Minimum Transaction amount Rs. 32,000/- & Maximum cashback Rs. 6,000/- (Bravia 40 inch & above). Upto 10% cashback through Capital First on BRAVIA 43 inch & above (max Rs. 6,000/-). For 5% Cashback Minimum Transaction amount Rs, 15,000/- & Maximum cashback Rs. 3,000/- (on Bravia 32 inch & Below). Cash Back will be posted within 90 Days from end of the offer period. Cashback applicable on HDFC Bank, ICICI Bank and Axis Bank Credit & HDFC Bank Debit Cards, CD loans. Offer valid till 15th Nov'18 and T&C apply, for more details visit (www.sony.co.in/microsite/finance-offer/)
RECYCLE SMART
For recycling your electronic waste, please call us on Toll Free number 1800-103-7799 or visit: www.sony.co.in
Regd. Office: Sony India Pvt. Ltd., A-18, Mohan Co-operative Indl. Estate, Mathura Road, New Delhi-110 044. Ph: 6600 6600 Fax: 26959141. CIN No : U74899DL1994PTC062781
Visit your nearest store for the entire range of BRAVIA products and accessories | Sony Center The Ultimate Sony Experience


୧.୯୭ କୋଟି ଟଙ୍କାର ଜମି ଦୁର୍ନୀତି ମାମଲାରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ଓ ତାଙ୍କ ପୁଅ ଦୁଶ୍ୟନ୍ତ ସିଂଙ୍କ ଅଡୁଆ ବଢ଼ିଲା। ମାମଲାର ସିବିଆଇ ତଦନ୍ତ ଲାଗି ଦାବି କରି ସୁପ୍ରିମକୋର୍ଟରେ ଏକ ଆବେଦନ ଦାଏର ହୋଇଛି। ଏହାର ଶୁଣାଣି କରିବାକୁ ଶୁକ୍ରବାର ରାଜି ହୋଇଛନ୍ତି ସର୍ବୋଚ୍ଚ ଅଦାଳତ।


## ପୂର୍ବ ତଟ ରେଳପଥ

**ଖୋର୍ଦ୍ଧା ରୋଡ଼ ମଣ୍ଡଳର ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ଖାଦ୍ୟ ସରବରାହ ସେବା ବ୍ୟବସ୍ଥା**

ଟେଣ୍ଡର ବିଜ୍ଞପ୍ତି ସଂ.G129/Catg/Stalls/SMU & SMU(Ladies)/KUR Divn., ତା.29.10.2018ରିଖ

**(1) ଭୁବନେଶ୍ୱର ଷ୍ଟେସନ :** ଷ୍ଟେସନ ବର୍ଗ - 'A1', ଖାଦ୍ୟ ସରବରାହ ୟୁନିଟ୍ - ଖାଦ୍ୟ ସରବରାହ ଷ୍ଟଲ-02(ନୂଆ ଷ୍ଟଲ), SMU ବର୍ଗ - FF/WW/WRE ଇତ୍ୟାଦି, ସ୍ଥାନ - ପ୍ଲାଟଫର୍ମ ନଂ.6 (ପିଲର ନଂ.153 ଏବଂ 154 ମଧ୍ୟରେ), 5 ବର୍ଷ ପାଇଁ ସର୍ବନିମ୍ନ ଲାଇସେନ୍ସ ଶୁଳ୍କ/ଆରକ୍ଷଣ ମୂଲ୍ୟ (ଟଙ୍କାରେ): 25.50 ଲକ୍ଷ, ମୋଟ୍ ମୂଲ୍ୟ ର 5% EMD ଜମା (ଟଙ୍କାରେ)- 1,27,500/- ।

**(2) ଭୁବନେଶ୍ୱର ଷ୍ଟେସନ :** ଷ୍ଟେସନ ବର୍ଗ - 'A1', ଖାଦ୍ୟ ସରବରାହ ୟୁନିଟ୍ - ଖାଦ୍ୟ ସରବରାହ ଷ୍ଟଲ-03(ନୂଆ ଷ୍ଟଲ), SMU ବର୍ଗ - ଅନୁସୂଚିତ ଜାତି(ମହିଳା), ସ୍ଥାନ - ପ୍ଲାଟଫର୍ମ ନଂ. 4/5 (ହାଓଡ଼ା ପଟରୁ-ୱାଟର ବୁଥ୍ ନଂ. 45 ଏବଂ 52 ମଧ୍ୟରେ), 5 ବର୍ଷ ପାଇଁ ସର୍ବନିମ୍ନ ଲାଇସେନ୍ସ ଶୁଳ୍କ/ଆରକ୍ଷଣ ମୂଲ୍ୟ (ଟଙ୍କାରେ)- 24.75 ଲକ୍ଷ, ମୋଟ୍ ମୂଲ୍ୟ ର 5% EMD ଜମା (ଟଙ୍କାରେ)- 1,23,800/- ।

**(3) ଖୋର୍ଦ୍ଧା ରୋଡ଼ ଷ୍ଟେସନ :** ଷ୍ଟେସନ ବର୍ଗ - 'A', ଖାଦ୍ୟ ସରବରାହ ୟୁନିଟ୍ : ତାଜା ଫଳ ଏବଂ ଜୁସ୍ ଷ୍ଟଲ(ପ୍ରଚଳିତ ଷ୍ଟଲ), SMU ବର୍ଗ - ଦିବ୍ୟାଙ୍ଗ (PH-ମହିଳା), ସ୍ଥାନ - ପ୍ଲାଟଫର୍ମ ନଂ.3 (ମଧ୍ୟ ଭାଗ), 5 ବର୍ଷ ପାଇଁ ସର୍ବନିମ୍ନ ଲାଇସେନ୍ସ ଶୁଳ୍କ/ଆରକ୍ଷଣ ମୂଲ୍ୟ (ଟଙ୍କାରେ)- 7.00 ଲକ୍ଷ, ମୋଟ୍ ମୂଲ୍ୟ ର 5% EMD ଜମା (ଟଙ୍କାରେ)- 35,000/- ।

**(4) ପୁରୀ ଷ୍ଟେସନ :** ଷ୍ଟେସନ ବର୍ଗ : 'A1', ଖାଦ୍ୟ ସରବରାହ ୟୁନିଟ୍ - ଖାଦ୍ୟ ସରବରାହ ଷ୍ଟଲ-08 (ନୂଆ ଷ୍ଟଲ), SMU ବର୍ଗ - ଅନୁସୂଚିତ ଜନଜାତି (ମହିଳା), ସ୍ଥାନ - ପ୍ଲାଟଫର୍ମ ନଂ.1/2 (ପ୍ଲାଟଫର୍ମର ମଧ୍ୟ ଭାଗ), 5 ବର୍ଷ ପାଇଁ ସର୍ବନିମ୍ନ ଲାଇସେନ୍ସ ଶୁଳ୍କ/ଆରକ୍ଷଣ ମୂଲ୍ୟ (ଟଙ୍କାରେ)- 18.75 ଲକ୍ଷ, ମୋଟ୍ ମୂଲ୍ୟ ର 5% EMD ଜମା (ଟଙ୍କାରେ)- 93,800/- ।

**(5) ପୁରୀ ଷ୍ଟେସନ :** ଷ୍ଟେସନ ବର୍ଗ - 'A1', ଖାଦ୍ୟ ସରବରାହ ୟୁନିଟ୍ - ଖାଦ୍ୟ ସରବରାହ ଷ୍ଟଲ-09 (ନୂଆ ଷ୍ଟଲ), SMU ବର୍ଗ - ଗରିବ ସୀମାରେଖା ତଳେ ରହୁଥିବା ବ୍ୟକ୍ତି(BPL), ସ୍ଥାନ - ପ୍ଲାଟଫର୍ମ ନଂ. 5/6 (ଖୋର୍ଦ୍ଧା ରୋଡ଼ ପଟରୁ), 5 ବର୍ଷ ପାଇଁ ସର୍ବନିମ୍ନ ଲାଇସେନ୍ସ ଶୁଳ୍କ/ଆରକ୍ଷଣ ମୂଲ୍ୟ (ଟଙ୍କାରେ)- 18.75 ଲକ୍ଷ, ମୋଟ୍ ମୂଲ୍ୟ ର 5% EMD ଜମା (ଟଙ୍କାରେ)- 93,800/- ।

**(6) ପଲାସା ଷ୍ଟେସନ :** ଷ୍ଟେସନ ବର୍ଗ - 'A', ଖାଦ୍ୟ ସରବରାହ ୟୁନିଟ୍ - ଖାଦ୍ୟ ସରବରାହ ଷ୍ଟଲ-01 (ନୂଆ ଷ୍ଟଲ), SMU ବର୍ଗ - ଗରିବ ସୀମାରେଖା ତଳେ ରହୁଥିବା ବ୍ୟକ୍ତି(BPL), ସ୍ଥାନ - ପ୍ଲାଟଫର୍ମ ନଂ. 2/3 (ବିଶାଖାପାଟଣା ପଟରୁ, ରାମ୍ପ ନିକଟବର୍ତ୍ତୀ), 5 ବର୍ଷ ପାଇଁ ସର୍ବନିମ୍ନ ଲାଇସେନ୍ସ ଶୁଳ୍କ/ଆରକ୍ଷଣ ମୂଲ୍ୟ (ଟଙ୍କାରେ): 11.00 ଲକ୍ଷ, ମୋଟ୍ ମୂଲ୍ୟ ର 5% EMD ଜମା (ଟଙ୍କାରେ)- 55,000/- ।

ବିଡ୍ ନଥିପତ୍ର ବିକ୍ରି ହେବା ତାରିଖ ଓ ସମୟ : ତା.02.11.2018 ରିଖ 1000 ଘଟିକାରୁ ତା.27.11.2018 ରିଖ 1700 ଘଟିକା ପର୍ଯ୍ୟନ୍ତ, ବିଡ୍ ଗ୍ରହଣ କରାଯିବା ତାରିଖ ଓ ସମୟ : ତା.27.11.2018 ରିଖ 1200 ଘଟିକା ପର୍ଯ୍ୟନ୍ତ, ବିଡ୍ ଖୋଲାଯିବା ତାରିଖ ଓ ସମୟ : ତା.27.11.2018 ରିଖ 1230 ଘଟିକାରେ ।

ବିଡ୍ ନଥିପତ୍ର ଉପଲବ୍ଧ ହେବା ସ୍ଥାନ : ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼, ସା/ପୋଷ୍ଟ:ଜଟଣୀ, ଜିଲ୍ଲା : ଖୋର୍ଦ୍ଧା, ପିନ୍ - 752050ଙ୍କ କାର୍ଯ୍ୟାଳୟରେ । ବିଡ୍ ନଥିପତ୍ର ୱେବ୍‌ସାଇଟ୍ www.eastcoastrail.indianrailways.gov.in ରେ ମଧ୍ୟ ଉପଲବ୍ଧ ହେବ ।

ହକି ବିଶ୍ୱକପ୍‌କୁ ଆଉ ମାତ୍ର ୧୫ ଦିନ ବାକି ରହିଛି। ପର୍ଯ୍ୟଟକ ଏବଂ ସହରବାସୀଙ୍କ ଯାତାୟାତ ସୁବିଧା ନିମନ୍ତେ ସହରରେ ୨୦୦ ନୂଆ ସ୍ମାର୍ଟ ବସ୍ ଗଡିବ ବୋଲି କୁହାଯାଇଥିଲା। ଆସନ୍ତା ୬ ତାରିଖରେ ଯାତ୍ରୀଙ୍କ ଲାଗି ଏହି ବସ୍ ସେବା ଆରମ୍ଭ ହେବ। ୧୨୫ଟି ସ୍ମାର୍ଟ ବସ୍ ଲୋକାର୍ପଣ କରାଯିବ ବୋଲି ବିଏମ୍‌ସି, ବିଡିଏ, ସ୍ମାର୍ଟସିଟି ଏବଂ କ୍ୟାପିଟାଲ ରିଜିୟନ ଅର୍ବାନ ଟ୍ରାନ୍ସପୋର୍ଟ(ସିଆରୟୁଟି) ପକ୍ଷରୁ ସୂଚନା ଦିଆଯାଇଛି। ଖୁବ୍‌ଶୀଘ୍ର ଆଉ ୭୫ ବସ୍ ଆସିବ ବୋଲି ସିଆରୟୁଟି କହିଛି। ଏହି ବସ୍‌ଗୁଡିକରେ ଅତ୍ୟାଧୁନିକ ଟେକ୍ନୋଲୋଜିର ସୁବିଧା ରହିଛି। ମୋବାଇଲ୍ ଆପ୍ ଜରିଆରେ ଯାତ୍ରୀମାନେ ଆଗୁଆ ବସ୍ ଟିକେଟ କାଟିବା ସହ ବସ୍‌ର ଗତିବିଧି ସମ୍ପର୍କରେ ଜାଣିପାରିବେ। ଯାତ୍ରୀମାନେ ଅପେକ୍ଷା କରିଥିବା ଷ୍ଟପେଜରେ କେତେ ସମୟ ମଧ୍ୟରେ ବସ୍ ଆସି ପହଞ୍ଚିବ ଏବଂ କେତେ ସମୟରେ ଛାଡିବ ତାହା ମଧ ଆପ୍ ମାଧ୍ୟମରେ ଜଣାପଡ଼ିବ।

## ପଲିଥିନ୍ ଜବତ: ୩୨,୯୦୦ ଟଙ୍କା ଜରିମାନା ଆଦାୟ

**ଭୁବନେଶ୍ୱର, ୨।୧୧(ବ୍ୟୁରୋ)**

ପଲିଥିନ୍ ଏବଂ ପ୍ଲାଷ୍ଟିକ୍ ଚେକିଂର ଦ୍ୱିତୀୟ ଦିନରେ ବିଏମ୍‌ସିର ଡେପୁଟି କମିଶନରଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ସ୍କ୍ୱାଡ, ଏନଫୋର୍ସମଣ୍ଟ ଟିମ୍ ଏବଂ କେତେକ ଅଧିକାରୀ ବିଭିନ୍ନ ସ୍ଥାନରେ ଚଢାଉ କରି ୫୧ କି.ଗ୍ରା ପଲିଥିନ୍ ଜବତ କରିଥିବାବେଳେ ୩୨,୯୦୦ଟଙ୍କା ଜରିମାନା ଆଦାୟ କରିଛନ୍ତି। ପଲିଥିନ୍ ଏବଂ ପ୍ଲାଷ୍ଟିକ୍ ଚେକିଂ ପାଇଁ ଗଠିତ ୩ ସ୍ୱତନ୍ତ୍ର ସ୍କ୍ୱାଡ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢାଉ କରି ମୋଟ୍ ୧୩, ୭୦୦ ଟଙ୍କା ଜରିମାନା ଆଦାୟ କରିଥିବାବେଳେ ୨୪ କି.ଗ୍ରା ପଲିଥିନ୍‌ଏବଂ ପ୍ଲାଷ୍ଟିକ୍ ଜବତ କରିଛି। ଦୁଇଦିନ ହେଲା ସ୍କ୍ୱାଡ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିବାବେଳେ ଦକ୍ଷିଣ ପୂର୍ବାଞ୍ଚଳ ଜୋନର ଡେପୁଟି କମିଶନରଙ୍କ ନିର୍ଦ୍ଦେଶକ୍ରମେ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ କଳ୍ପନା ଛକରୁ ରସୁଲଗଡ ଯାଏ କେତେକ ଦୋକାନ ଉପରେ ଚଢାଉ କରି ୧୩ କି.ଗ୍ରା ପଲିଥିନ୍ ଜବତ କରିଛି। ସେହିପରି ଡେପୁଟି କମିଶନର ବିମଳେନ୍ଦୁ ରାୟଙ୍କ ନେତୃତ୍ୱରେ ୩୨ଟି ସ୍ଥାନରେ ଚଢାଉ କରାଯାଇ ୧୦,୦୦୦ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ୭କି.ଗ୍ରା ପଲିଥିନ୍ ଜବତ ହୋଇଛି। ଡେପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟି କେତେକ ଅଧିକାରୀଙ୍କୁ ଧରି ବିଭିନ୍ନ ସ୍ଥାନରେ ଚଢାଉ କରି ୩କି.ଗ୍ରା ପଲିଥିନ୍ ଜବତ କରିବା ସହିତ ୫,୫୦୦ ଟଙ୍କା ଜରିମାନା ଆଦାୟ କରିଛି। ଡେପୁଟି କମିଶନର ଲଲାଟେନ୍ଦୁ ସାହୁଙ୍କ ନେତୃତ୍ୱରେ ଚଢାଉ ହୋଇଥିବାବେଳେ ୪କି.ଗ୍ରା ପଲିଥିନ୍ ଜବତ ହେବା ସହିତ ୩,୭୦୦ଟଙ୍କା ଜରିମାନା ଆଦାୟ ହୋଇଛି।








@ ମେହେକ



@ ଦେବୀପ୍ରିୟା



@ ଆଶାଲତା



@ ଦିଲ୍ଲୀପ



@ ସନ୍ତୋଷୀ



@ ପ୍ରବୀଣ




@ ପ୍ରେମାନନ୍ଦ



@ ପଲ୍ଲବୀ






# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୋତେ ଯେତେ ମାଠିବୁ ମାଠ**
**ମୁଁ ସେଇ ଦରପୋଡ଼ା କାଠ ।**

ଅଯୋଗ୍ୟ ଓ ଅପଦାର୍ଥ ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ଓ ବୋଲକୁ ସେମାନଙ୍କର ଡର କି ଭୟ ରହୁ ନ ଥିବା ବେଳେ କୌଣସି ଆକଟ ଅଥବା ଶାସ୍ତି କାଟୁ କରି ନ ଥାଏ। ତେଣୁ ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟାକଲେ ମଧ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମର୍ତ୍ତ୍ୟ ମଣ୍ଡଳେ ଦେହ ବହି,**
**ଦେବତା ହେଲେ ବି ମରଇ ।**

ମୃତ୍ୟୁ ଅନିବାର୍ଯ୍ୟ, ତେଣୁ ପୃଥିବୀକୁ ମୃତ୍ୟୁଲୋକ କୁହାଯାଇଛି। ଯଦି କିଛି ସତ୍ୟ ଥାଏ ତାହା ହିଁ ମୃତ୍ୟୁ । ବୀର, ବଳବାନ, ଶକ୍ତିମାନ ଅଥବା ସୈତାନ ସମସ୍ତେ ମୃତ୍ୟୁ ଆଗରେ ପରାଜିତ। ଯେପରି ଆଲୋକ ସାମ୍‌ନାରେ ଅନ୍ଧକାରର ସ୍ଥିତି ଅସମ୍ଭାଳ, ସେପରି ମୃତ୍ୟୁଲୋକରେ ଅମରତ୍ୱ ଅସମ୍ଭବ। ଜନ୍ମ ଅଛି ମାନେ ମୃତ୍ୟୁ ଅଛି। ଧରାପୃଷ୍ଠରେ ଜନ୍ମିତ ସକଳ ପ୍ରାଣୀ ମୃତ୍ୟୁମୁଖରେ ପଡ଼ିବା ଅବଶ୍ୟମ୍ଭାବୀ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ପରିଣୟ ପୂର୍ବରୁ ଉତ୍ସବ ପାଳିଲେ ଦୀପିକା

ବେଙ୍ଗାଲୁରୁ,୨।୧୧



ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ଅଭିନେତା ରଣବୀର ସିଂଙ୍କୁ ବିବାହ କରିବାକୁ ଯାଉଥିବା ବେଳେ ଏଠାରେ ତାଙ୍କର ପ୍ରାକ୍-ପରିଣୟ ଉତ୍ସବ ପାଳିତ ହୋଇଛି। ପାରମ୍ପରିକ ରୀତିରେ ଏହି ଉତ୍ସବ ପାଳନ କରାଯାଇଥିଲା। କମଳାରଙ୍ଗର ବସ୍ତ୍ର ପରିଧାନ କରିବା ସହିତ ସ୍ୱର୍ଣ୍ଣ କୁଣ୍ଡଳ ପିନ୍ଧି ବେଶ୍ ହସହସ ମୁହଁରେ ଶୋଭାମୟ ଦେଖାଯାଉଥିଲେ ଦୀପିକା। ତାଙ୍କ ଶାଢ଼ିର ଡିଜାଇନ୍ ପ୍ରସ୍ତୁତ କରିଥିଲେ ଡିଜାଇନର ସବ୍ୟସାଚୀ ମୁଖାର୍ଜୀ। ଦୀପିକା ଉକ୍ତ ଶାଢ଼ି ପିନ୍ଧି ଏକ ନୂଆ ଜୀବନ ଆରମ୍ଭ କରିଥିବା ପ୍ରକାଶ କରିଛନ୍ତି ସବ୍ୟସାଚୀ। 'ଆପଣଙ୍କର ଏକ ନୂତନ ଏବଂ ଉଚ୍ଛ୍ୱାସଭରା ଜୀବନଯାତ୍ରା ଏହି ମାତ୍ର ଆରମ୍ଭ ହୋଇଛି। ଆମେ ସମସ୍ତେ ଆପଣଙ୍କ ଶୁଭ କାମନା କରୁଛୁ' ବୋଲି ମୁଖାର୍ଜୀ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଦୀପିକା ଦୀର୍ଘ ୬ବର୍ଷ ହେଲା ଅଭିନେତା ରଣବୀରଙ୍କ ସହିତ ଡେଟିଂ କରି ଆସୁଛନ୍ତି। ସେ ପୂଜାସ୍ଥଳରୁ ଷ୍ଟାଇଲ୍‌ଯୁକ୍ତ ଫଟୋ ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି। ତେବେ ଏହି ପ୍ରେମୀଯୁଗଳଙ୍କ ବିବାହ ନଭେମ୍ବର ୧୪-୧୫ ଦୁଇଦିନ ଧରି ଅନୁଷ୍ଠିତ ହେବ ବୋଲି କିଛିଦିନ ତଳେ ସେମାନେ ଘୋଷଣା କରିଥିଲେ। ଏହା ପୂର୍ବରୁ ସେମାନଙ୍କ ବିବାହ ନେଇ ଦର୍ଶକ ଓ ପ୍ରଶଂସକଙ୍କ ମହଲରେ ନାନାଦି କଳ୍ପନା ଜଳ୍ପନା ଲାଗି ରହିଥିଲା। ଦୀପିକା ଏବଂ ରଣବୀର 'ଗୋଲିଓଁ କି ରାସଲୀଲା: ରାମ-ଲୀଲା', 'ବାଜିରାଓ ମସ୍ତାନୀ' ଏବଂ 'ପଦ୍ମାବତ୍' ଭଳି ଫିଲ୍ମରେ ଅଭିନୟ କରି ଖୁବ୍ ଚର୍ଚ୍ଚିତ ଓ ପ୍ରଶଂସିତ ହୋଇଛନ୍ତି।




# ଆଗୁଆ ୪୦୦ କୋଟି ମାଗିଲା ରାଜ୍ୟ

ଭୁବନେଶ୍ୱର,୨।୧୧(ବ୍ୟୁରୋ)

## ତିତ୍‌ଲି କ୍ଷୟକ୍ଷତି: କେନ୍ଦ୍ରୀୟ ଟିମ୍‌ର ଅନୁଧ୍ୟାନ

ବାତ୍ୟା ତିତ୍‌ଲି ଓ ଏହା ପରବର୍ତ୍ତୀ ବର୍ଷା ଯୋଗୁ ଗଞ୍ଜାମ, ଗଜପତି ଓ ରାୟଗଡା ସମେତ ୧୭ଟି ଜିଲାରେ ବ୍ୟାପକ କ୍ଷତି ହୋଇଛି। ରାଜ୍ୟ ସରକାର ରିଲିଫ ଓ ଥଇଥାନ କାର୍ଯ୍ୟ ଜାରି ରଖିଛନ୍ତି। ଏହି କ୍ଷତି ଭରଣା ପାଇଁ ତୁରନ୍ତ ରାଜ୍ୟ ବିପର୍ଯ୍ୟୟ ରିଲିଫ ପାଣ୍ଠି(ଏସ୍‌ଡିଆରଏଫ)ର ଦ୍ୱିତୀୟ କିସ୍ତି ୩୯୦ କୋଟି ଟଙ୍କା ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏନ୍‌ଡିଆରଏଫ)ରୁ ୧ ହଜାର କୋଟି ଟଙ୍କା ଯୋଗାଇ ଦେବାକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଶୁକ୍ରବାର ସଚିବାଳୟଠାରେ ବାତ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବାକୁ ଆସିଥିବା କେନ୍ଦ୍ରୀୟ ଟିମକୁ ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ସ୍ମାରକପତ୍ର ଦିଆଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଏସ.କେ. ସାହିଙ୍କ ନେତୃତ୍ୱରେ ଆସିଥିବା କେନ୍ଦ୍ରୀୟ ଟିମ ଦୁଇଦିନ ଧରି ଗଞ୍ଜାମ ଓ ଗଜପତି ଜିଲାଗସ୍ତ କରି କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି। ଶୁକ୍ରବାର ଏହି ଟିମ ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ରିଲିଫ ଓ ଥଇଥାନ ନେଇ ଆଲୋଚନା କରିଥିଲେ। ସାହି କହିଛନ୍ତି, ବାତ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଛୁ। ଖୁବଶୀଘ୍ର କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ। ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ସମୁଦାୟ ୨୭୮୦ କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି। ଏନେଇକେନ୍ଦ୍ରୀୟଟିମକୁସ୍ମାରକପତ୍ରଦିଆଯାଇଛି।





ଦୁର୍ଦ୍ଧାନ୍ତ ଆତଙ୍କବାଦୀ ସଙ୍ଗଠନ ତାଲିବାନର 'ଜନକ' ଭାବେ ପରିଚିତ ପାକିସ୍ତାନର ପ୍ରମୁଖ ଧର୍ମଗୁରୁ ମୌଲାନା ସାମିଉଲ୍ ହକ୍ ହତ୍ୟାର ଶିକାର ହୋଇଛନ୍ତି। ରାୱଲପିଣ୍ଡି ସହରରେ ଶୁକ୍ରବାର ତାଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା। ସେଠାରେ ପ୍ରାଣ ହରାଇଛନ୍ତି ବୋଲି ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।
**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ।। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୬ | ୧୯.୯ |
| ଚାନ୍ଦବାଲି | ୩୧.୫ | ୨୨.୫ |
| କଟକ | ୩୧.୫ | ୨୧.୦ |
| ପାରାଦ୍ୱୀପ | ୩୦.୭ | ୨୩.୩ |
| ଭୁବନେଶ୍ୱର | ୩୨.୭ | ୨୨.୫ |
| ଗୋପାଳପୁର | ୩୩.୦ | ୨୩.୪ |
| ପୁରୀ | ୩୧.୫ | ୨୩.୪ |
| ଅନୁଗୋଳ | --- | ୨୦.୦ |
| ବାରିପଦା | ୩୦.୪ | ୨୨.୬ |
| ଝାରସୁଗୁଡ଼ା | ୩୩.୦ | ୨୦.୭ |
| କେନ୍ଦୁଝର | ୨୯.୮ | ୧୮.୫ |
| ସମ୍ବଲପୁର | ୩୩.୨ | ୨୧.୧ |
| ସୁନ୍ଦରଗଡ଼ | ୩୩.୦ | --- |
| ହୀରାକୁଦ | ୩୨.୯ | ୨୧.୧ |
| ତାଳଚେର | ୩୩.୮ | ୨୨.୩ |
| ଭବାନୀପାଟଣା | ୩୧.୦ | ୧୯.୦ |
| ବଲାଙ୍ଗୀର | ୩୨.୫ | ୨୧.୦ |
| କୋରାପୁଟ | ୩୦.୦ | ୧୬.୬ |
| ଫୁଲବାଣୀ | ୩୦.୦ | ୧୪.୬ |
| ଟିଟିଲାଗଡ଼ | ୩୦.୫ | ୧୫.୫ |
| ମାଲକାନଗିରି | ୩୫.୦ | --- |
| ସୋନପୁର | ୩୨.୨ | ୨୦.୨ |
| ଦାରିଙ୍ଗିବାଡ଼ି | ୨୬.୫ | ୧୪.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଆକବରଙ୍କ ମୁଣ୍ଡରେ ଖଣ୍ଡା

ୱାଶିଂଟନ୍/ନୂଆଦିଲ୍ଲୀ,୨।୧୧(ପି.ଟି.)



### ଅଧୁରି '# ମିଟୁ' ଝଡ଼

- ବଳାତ୍କାର ଅଭିଯୋଗ ଆଣିଲେ ଆମେରିକାର ସାମ୍ବାଦିକା
- ସହମତି ଭିତ୍ତିରେ ସମ୍ପର୍କ ଥିଲା ବୋଲି କହିଲେ ଆକବର

'# ମିଟୁ' ଝଡ଼ର ଶିକାର ହୋଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏମ୍.ଜେ. ଆକବରଙ୍କ ମୁଣ୍ଡରେ ପୁଣି ଖଣ୍ଡା। ଦେଶରେ ଅନେକ ସାମ୍ବାଦିକା ତାଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ଏବେ ବିଦେଶ ମାଟିରୁ ମଧ୍ୟ ତାଙ୍କ ବିରୋଧରେ ଉଠିଛି ସ୍ୱର। ଆମେରିକାର ଏକ ପ୍ରମୁଖ ଗଣମାଧ୍ୟମ ସଂସ୍ଥାର ସମ୍ପାଦିକା ପଲ୍ଲବୀ ଗୋଗୋଇ ତାଙ୍କ ନାଁରେ ଆଣିଛନ୍ତି ସଙ୍ଗିନ ଅଭିଯୋଗ। ଦୁଇ ଦଶନ୍ଧି ପୂର୍ବେ ଭାରତରେ ଥିବାବେଳେ ଆକବର ତାଙ୍କୁ ବଳାତ୍କାର କରିଥିଲେ ବୋଲି ଗୋଗୋଇ କହିଛନ୍ତି। ତେବେ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଆକବର। ସ୍ତ୍ରୀ ମଲ୍ଲିକା ଆକବର ମଧ୍ୟ ତାଙ୍କ ସମର୍ଥନରେ ବାହାରିପଡ଼ିଛନ୍ତି।

୨୩ ବର୍ଷ ପୂର୍ବର କଥା। ସେତେବେଳେ 'ଦ ଏସିଆନ୍ ଏଜ୍' ଖବରକାଗଜର ସମ୍ପାଦକ ଥିଲେ ଆକବର। ଏହି ବିଚକ୍ଷଣ ସାମ୍ବାଦିକ ଜଣକ ନିଜ ପଦବୀର ଅପବ୍ୟବହାର କରି ଅନେକ ମହିଳାଙ୍କୁ ଯୌନ ଶୋଷଣ କରିଥିଲେ। ସେ ମଧ୍ୟ ବଳାତ୍କାରର ଶିକାର ହୋଇଥିଲେ ବୋଲି ପୀଡ଼ିତା ପଲ୍ଲବୀ ଗୋଗୋଇ କହିଛନ୍ତି। ପଲ୍ଲବୀ ଏବେ ୱାଶିଂଟନସ୍ଥିତ ଆମେରିକୀୟ ଗଣମାଧ୍ୟମ ସଂସ୍ଥା ନ୍ୟାଶନାଲ ପବ୍ଲିକ୍ ରେଡିଓ (ଏନ୍‌ପିଆର୍)ରେ କାର୍ଯ୍ୟରତ ଅଛନ୍ତି। ଅନେକ ମହିଳା ଆକବରଙ୍କ ବିରୋଧରେ ମୁହଁ ଖୋଲିବା ପରେ ଗୋଗୋଇ ମଧ୍ୟ ନିଜ ସହ ବିତିଥିବା ସେହି ବର୍ବରତାର ପର୍ଦ୍ଦାଫାଶ କରିଛନ୍ତି। 'ଦ ୱାଶିଂଟନ୍ ପୋଷ୍ଟ'ରେ ତାଙ୍କର ଏକ ଲେଖା ପ୍ରକାଶ ପାଇଛି। ସେଥିରେ ସେ ଆକବରଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୋଇଥିବା ଦର୍ଶାଇଛନ୍ତି। ୨୨ ବର୍ଷ ବୟସରେ ଏଭଳି ନିର୍ଯାତନା ପାଇବା ତାଙ୍କ ଜୀବନର ସବୁଠାରୁ ଯନ୍ତ୍ରଣାଦାୟକ ସ୍ମୃତି ବୋଲି ଗୋଗୋଇ ଲେଖିଛନ୍ତି। ସେ କହିଛନ୍ତି, ୨୩ ବର୍ଷ ବେଳକୁ ଅର୍ଥାତ୍ ଖୁବ୍ କମ୍ ବୟସରେ ତାଙ୍କୁ ସମ୍ପାଦକୀୟ ପୃଷ୍ଠାର ସମ୍ପାଦକ ଦାୟିତ୍ୱ ମିଳିଥିଲା। କିନ୍ତୁ ଏଥିପାଇଁ ତାଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ତାଙ୍କ ଧାରଣା ବାହାରେ ଥିଲା। କିଛି ମାସ ପରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ମୁମ୍ବାଇକୁ ଯାଇଥିବାବେଳେ ତାଜ ହୋଟେଲ ଭିତରେ ସେ ପୁଣି ବ୍ୟଭିଚାରର ଶିକାର ହୋଇଥିଲେ। ପାଟି ଖୋଲିଲେ ଚାକିରିରୁ ବିଦା କରିଦେବାକୁ ଆକବର ଧମକ ଦେଉଥିଲେ ବୋଲି ଆମେରିକାରେ ନାଗରିକତ୍ୱ ଗ୍ରହଣ କରିଥିବା ଗୋଗୋଇ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷେ ଆକବରଙ୍କ ଓକିଲ ସନ୍ଦୀପ କୌର ତାଙ୍କ ତରଫରୁ ସଫେଇ ଦେଇଛନ୍ତି। ଆକବରଙ୍କ ନାଁରେ ଆସିଥିବା ସମସ୍ତ ଅଭିଯୋଗ ମିଥ୍ୟା ବୋଲି ସେ କହିଛନ୍ତି। ଆକବର କହିଛନ୍ତି, ଗୋଗୋଇଙ୍କ ସହ ତାଙ୍କର ସହମତି ଭିତ୍ତିରେ ସମ୍ପର୍କ ଥିଲା। କିନ୍ତୁ ପରେ ତାହା ତୁଟିଗଲା। ସେହିପରି ଆକବରଙ୍କ ସ୍ତ୍ରୀ ମଲ୍ଲିକା ମଧ୍ୟ କହିଛନ୍ତି, ତାଙ୍କ ସ୍ୱାମୀଙ୍କ ବିରୋଧରେ ଗୋଗୋଇ ମିଛ ଆରୋପ ଲଗାଉଛନ୍ତି।

## ■ ଟ୍ରିପଲ୍ ତଲାକ ଅଧ୍ୟାଦେଶକୁ ଚ୍ୟାଲେଞ୍ଜ
## ହସ୍ତକ୍ଷେପ କରିବେନି ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨।୧୧(ପି.ଟି.):** ମୁସଲମାନ ପୁରୁଷମାନେ ସ୍ତ୍ରୀଙ୍କୁ ତତ୍‌କ୍ଷଣାତ୍ ତିନିଥର 'ତଲାକ୍' କହି ବୈବାହିକ ସମ୍ପର୍କ ଛିନ୍ନ କରିବା ଏକ ଦଣ୍ଡନୀୟ ଅପରାଧ। ଏଭଳି ଆଇନଗତ ପରିବର୍ତ୍ତନ ଆଣିବା ସହ ସେପ୍ଟେମ୍ବର ୧୯ରେ କେନ୍ଦ୍ର ସରକାର ଏକ ଅଧ୍ୟାଦେଶ ଜାରି କରିଥିଲେ। ଏହାକୁ ଅସାମ୍ବିଧାନିକ ଦର୍ଶାଇ ସୁପ୍ରିମକୋର୍ଟରେ ଏକାଧିକ ଆବେଦନ ହୋଇଛି। ମୁସଲମାନ ମହିଳା (ବିବାହ ସମ୍ପର୍କିତ ଅଧିକାର ସୁରକ୍ଷା) ଅଧ୍ୟାଦେଶକୁ ବିରୋଧ କରି ଦାଏର ହୋଇଥିବା ଆବେଦନ ଉପରେ ହସ୍ତକ୍ଷେପ କରିବାକୁ ସର୍ବୋଚ୍ଚ ଅଦାଲତ ଅରାଜି ହୋଇଛନ୍ତି।

## ବୋଫର୍ସ ଦୁର୍ନୀତି ମାମଲା: ସିବିଆଇକୁ ଝଟକା

**ନୂଆଦିଲ୍ଲୀ,୨।୧୧(ପି.ଟି.):** ବହୁ ଚର୍ଚ୍ଚିତ ବୋଫର୍ସ ଦୁର୍ନୀତିକୁ ନେଇ ପୁଣି ଜୋର୍ ଧରିଛି ଚର୍ଚ୍ଚା। ଏହି ମାମଲାର ସମସ୍ତ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରି ଦିଲ୍ଲୀ ହାଇକୋର୍ଟ ୨୦୦୫ରେ ଦେଇଥିବା ରାୟକୁ ଦୀର୍ଘଦିନ ପରେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)। କିନ୍ତୁ ବିଳମ୍ବ କାରଣ ଦର୍ଶାଇ ତଦନ୍ତ ସଂସ୍ଥାର ଆବେଦନକୁ ଶୁକ୍ରବାର ଅଦାଲତ ଖାରଜ କରିଦେଇଛନ୍ତି। ଏଥିସହିତ ଆବେଦନକାରୀଙ୍କ ଉପରେ କୋର୍ଟ ପ୍ରବଳ ବର୍ଷିଛନ୍ତି।

## ଐଶ୍ୱର୍ଯ୍ୟାଙ୍କୁ ଛାଡ଼ପତ୍ର ଦେବେ ତେଜପ୍ରତାପ

**ପାଟନା,୨।୧୧(ପି.ଟି.):** ବିବାହକୁ ମାତ୍ର ୬ ମାସ ହୋଇଛି। ଏବେ ଏହି ବନ୍ଧନରୁ ମୁକ୍ତ ହେବାକୁ ଚାହୁଁଛନ୍ତି ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁପ୍ରସାଦ ଯାଦବଙ୍କ ପୁଅ ତେଜପ୍ରତାପ ଯାଦବ। ସ୍ତ୍ରୀ ଐଶ୍ୱର୍ଯ୍ୟାଙ୍କ ସହ ସମ୍ପର୍କ ତୁଟାଇବା ଲାଗି ଶୁକ୍ରବାର ଏକ କୋର୍ଟରେ ସେ ଛାଡ଼ପତ୍ର ଆବେଦନ କରିଛନ୍ତି।

## ସୁପ୍ରିମକୋର୍ଟରେ ୪ ନୂଆ ବିଚାରପତି

**ନୂଆଦିଲ୍ଲୀ,୨।୧୧(ପି.ଟି.):** ସୁପ୍ରିମକୋର୍ଟର ବିଚାରପତିଙ୍କ ଟିମ୍‌ରେ ଆଉ ୪ ନୂଆ ସଦସ୍ୟ ସାମିଲ ହୋଇଛନ୍ତି। ସର୍ବୋଚ୍ଚ ଅଦାଲତର ବିଚାରପତି ଭାବେ ଶୁକ୍ରବାର ଜଷ୍ଟିସ୍ ହେମନ୍ତ ଗୁପ୍ତା, ଆର୍. ସୁଭାଷ ରେଡ୍ଡୀ, ଏମ୍.ଆର୍. ଶାହ ଏବଂ ଅଜୟ ରସ୍ତୋଗୀ ଶପଥ ଗ୍ରହଣ କରିଛନ୍ତି। ପୂର୍ବାହ୍ନ ୧୦ଟା ୩୦ରେ କୋର୍ଟ ନମ୍ବର ୧ରେ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ। ୪ ନୂଆ ବିଚାରପତିଙ୍କ ନିଯୁକ୍ତି ସଂକ୍ରାନ୍ତ କଲେଜିୟମ୍‌ର ସୁପାରିସକୁ ଗୁରୁବାର ମୋହର ମାରିଥିଲେ ରାଷ୍ଟ୍ରପତି ରାମନାଥ କୋବିନ୍ଦ। ପ୍ରକାଶ ଯେ, ସର୍ବୋଚ୍ଚ ଅଦାଲତରେ ବିଚାରପତିଙ୍କ ସଂଖ୍ୟା ୩୧ ରହିବ ବୋଲି ମଞ୍ଜୁର ହୋଇଛି। ୪ ନୂଆ ବିଚାରପତିଙ୍କୁ ମିଶାଇଲେ ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୨୮ ହୋଇଛି। ଆହୁରି ୩ ବିଚାରପତି ପଦବୀ ଏବେ ବି ଖାଲିପଡ଼ିଛି।

## ସଲାହୁଦ୍ଦିନ୍, ହାଫିଜ୍‌ଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ

**ନୂଆଦିଲ୍ଲୀ,୨।୧୧(ପି.ଟି.):** ଭାରତରେ ଆତଙ୍କବାଦର କାୟାବିସ୍ତାର କରୁଥିବା ପାକିସ୍ତାନସ୍ଥିତ ଲଶ୍କର-ଇ-ତୋଇବା ପ୍ରତିଷ୍ଠାତା ତଥା ଜେୟୁଡି ମୁଖ୍ୟ ହାଫିଜ୍ ସଇଦ ଏବଂ ହିଜବୁଲ୍ ମୁଜାହିଦ୍ଦିନ୍ ମୁଖ୍ୟ ସୟିଦ ସଲାହୁଦ୍ଦିନ୍‌ଙ୍କ ମୁଣ୍ଡରେ ଶକ୍ତ ପ୍ରହାର ବାଜିଛି। ଏନ୍‌ଆଇଏ କୋର୍ଟ ଏମାନଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି କରିଛନ୍ତି। କଶ୍ମୀରରେ ଅସ୍ଥିରତା ସୃଷ୍ଟି କରିବା ସହ ଭାରତ ବିଭିନ୍ନ ସ୍ଥାନରେ ଅନେକ ଆକ୍ରମଣ ଘଟାଇଛନ୍ତି ହାଫିଜ୍ ଏବଂ ସଲାହୁଦ୍ଦିନ୍। ଆତଙ୍କବାଦୀଙ୍କୁ ଏମାନେ ଅର୍ଥ ମଧ୍ୟ ଯୋଗାଉଛନ୍ତି।

### [ଇତିହାସର ଆଇନାରେ]
### ନଭେମ୍ବର ୩ର ପ୍ରମୁଖ ଘଟଣା

୧୯୫୬ ନଭେମ୍ବର ୩ରେ ଗାଜାର ଖାନ୍ ୟୁନିସ୍‌ରେ ଇସ୍ରାଏଲ ସୈନିକ ୨୭୫ଜଣ ପାଲେଷ୍ଟିନୀୟଙ୍କୁ ହତ୍ୟା କରିଥିଲେ। ଏହି ଗଣହତ୍ୟା ସୁଏଜ ସଙ୍କଟ ସମୟରେ ହୋଇଥିଲା। ସୁଏଜ କେନାଲକୁ ପାଶ୍ଚାତ୍ୟ ଦେଶରେ ସ୍ଥାପିତ କରିବା ଏବଂ ଇଜିପ୍ଟ ରାଷ୍ଟ୍ରପତି ନାସିରଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ଆକ୍ରମଣ କରାଯାଇଥିଲା।

୧୯୮୨ ନଭେମ୍ବର ୩ରେ ଆଫଗାନିସ୍ତାନର ସାଲଙ୍ଗ ସୁଡଙ୍ଗରେ ଅଗ୍ନିକାଣ୍ଡ ଘଟି ୨୦୦୦ ଲୋକଙ୍କର ପ୍ରାଣହାନି ଘଟିଥିଲା। ଆଫଗାନିସ୍ତାନ ଗୃହଯୁଦ୍ଧ ସମୟରେ ଏହି ଟନେଲରେ ଅଗ୍ନିକାଣ୍ଡ ଘଟିଥିଲା।

**DISTRICT RURAL DEVELOPMENT AGENCY, PURI**
Tel. No. : 0652-222136(O), Email : ori-dpuri@nic.in
Lt. No. 6372 , Date: 02.11.2018

**TENDER NOTICE FOR PROCUREMENT OF SPORTS EQUIPMENT**

Sealed tenders are invited by **District Rural Development Agency, Puri District** from reputed Firms/ Agencies as per tender specifications for **"Supply of Sports Equipment"** under **Biju Yuva Vahini Programme.** The detailed tender document may be downloaded from the website **www.puri.nic.in.**
Interested bidders may submit their sealed tender documents in the prescribed format mentoring **"Supply of Sports Equipment"** on the cover of the envelope to the District **Rural Development Agency, Puri District by** Dt. 19.11.2018 upto 3PM. Bidders are required to submit Technical Bid and Financial Bid in separate envelopes enclosed in a common envelope mentioning **"Supply of Sports Equipment" on the cover of the envelope along with the samples of the Sports Equipment.**
The Technical Bid will be opened on the **same day at 4PM** in the presence of the bidders or their authorized representatives. The date and time of opening of the Financial Bids will be intimated to the shortlised bidders later.
Tenders received after due date and time will not be accepted. **District Rural Development Agency Puri District** shall not be responsible for Postal delay or similar reasons. No Tenders sent through an electronic means shall be accepted. Any corrigendum / addendum, If any, will be uploaded in the above mentioned website.
Available of Bid document in website :- From Dt. 03.11.2018 of 11.00 AM to Dt. 19.11.2018 upto 3.00 PM
Pre Bid Meeting : **Dt. 08.11.2018** on or before 3 PM
Last Date of Receipt of Bid : Dt. 19.11.2018 on or before 3 PM
Date of opening of online Bid : **Dt. 19.11.2018** on or before 4 PM
District Rural Development Agency, Puri District reserves the right to accept or reject any or all tender without assigning any reason thereof.
Address : District Rural Development Agency, Puri District, Email : ori-dpuri@nic.in
**Sd./- Project Director**
**District Rural Development Agency, Puri**

## ରାଜ୍ୟ ଖବର

# 'ଚୌକି ପାଇ ପ୍ରତିଶ୍ରୁତି ଭୁଲିଛି ଭାଜପା'

### ଜନସମ୍ପର୍କ ପଦଯାତ୍ରାରେ ବର୍ଷିଲେ ମୁଖ୍ୟମନ୍ତ୍ରୀ



ଜନସମ୍ପର୍କ ପଦଯାତ୍ରାରେ ଉଦ୍‌ବୋଧନ ଦେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

କଟକ ରୋଡ (ଡି.ଏନ୍.ଏ.), ଭୁବନେଶ୍ୱର, ୨।୧୧ (ବ୍ୟୁରୋ)

ଭୁବନେଶ୍ୱର, ୨।୧୧ (ବ୍ୟୁରୋ)–ନିର୍ବାଚନ ଯେତିକି ପାଖେଇ ଆସୁଛି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେତିକି ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରୁଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ଲକ୍ଷ୍ମୀସାଗର ମେଳଣ ପଡିଆରେ ଶୁକ୍ରବାର ଆୟୋଜିତ ଜନସମ୍ପର୍କ ପଦଯାତ୍ରାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଭାଜପା ଉପରେ ବର୍ଷିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ବିଜେଡି-ଭାଜପା ଏକାଠି ଶାସନ କରୁଥିଲେ। ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ପ୍ରସ୍ତାବ ଦେବା ପାଇଁ ଏକାଠି ଲଢୁଥିଲେ। ୨୦୦୯ ପରେ ମଧ୍ୟ ଉଭୟ ଦଳ ଏଥିପାଇଁ ଉଦ୍ୟମ ଜାରି ରଖିଥିଲେ। ଏପରି କି ୨୦୧୪ ନିର୍ବାଚନ ଇସ୍ତାହାରରେ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ପ୍ରସଙ୍ଗକୁ ଏକ ନମ୍ବର କାର୍ଯ୍ୟସୂଚୀ ଭାବେ ଭାଜପା ଅଭିହିତ କରିଥିଲା, ଯାହା ତାଙ୍କୁ ଖୁସି ଦେଇଥିଲା। ଏହା ଦ୍ୱାରା ଓଡ଼ିଶାବାସୀ ନ୍ୟାୟ ପାଇବେ ବୋଲି ସେ ମନେ କରିଥିଲେ। କିନ୍ତୁ ଦୁଃଖର କଥା, ଚୌକି ପାଇ ଭାଜପା ତା'ର ପ୍ରତିଶ୍ରୁତି ଭୁଲିଗଲା। ଓଡ଼ିଶାବାସୀଙ୍କ ଆଶା କେବଳ ଆଶାରେ ରହିଗଲା ବୋଲି ମୁଖ୍ୟମନ୍ତ୍ରୀ ସମାଲୋଚନା କରିଛନ୍ତି।

# ମିଲରଙ୍କ ହାତରେ ଚାଷୀଙ୍କ ଭାଗ୍ୟ: ଭାଜପା

ଭୁବନେଶ୍ୱର, ୨।୧୧(ବ୍ୟୁରୋ)

ଓଡ଼ିଶାରେ ଲଗାତର ଚାଷୀ ଆତ୍ମହତ୍ୟା ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟ ସରକାର ଚାଷୀ ଆତ୍ମହତ୍ୟାକୁ ପ୍ରଥମେ ସ୍ୱୀକାର କରିବା ସହ କ୍ଷତିଗ୍ରସ୍ତଙ୍କ ପରିବାରକୁ କ୍ଷତିପୂରଣ ରାଶି ପ୍ରଦାନ କରନ୍ତୁ ବୋଲି ଭାଜପା ଦାବି କରିଛି। ଭାଜପା ମୁଖ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି ଯେ, ଚାଷୀଙ୍କ ଭାଗ୍ୟ ଡୋରି ଏବେ ମିଲରମାନଙ୍କ ହାତରେ ବନ୍ଧା ପଡିଛି। ଚାଷୀଙ୍କଠାରୁ ଠିକ୍ ସମୟରେ ଧାନ ସଂଗ୍ରହ କରାଯାଉନାହିଁ। ମିଲରମାନେ ସରକାରଙ୍କ କଥା ଶୁଣୁନାହାନ୍ତି ବୋଲି ବିଭାଗୀୟ ମନ୍ତ୍ରୀ ସ୍ୱୀକାର କରିଛନ୍ତି। ଖାଦ୍ୟ ଯୋଗାଣ ବିଭାଗ ମିଲରମାନଙ୍କ ଦ୍ୱାରା ପରିଚାଳିତ। ତେବେ କାହା ନିର୍ଦ୍ଦେଶରେ ମିଲରମାନେ ମନ୍ତ୍ରୀଙ୍କ କଥା ଶୁଣୁନାହାନ୍ତି ବୋଲି ବସନ୍ତ ପ୍ରଶ୍ନ କରିଛନ୍ତି।

# ସଚେତନ ନାଗରିକ ମଞ୍ଚ ସଭାପତି ଗିରଫ

ପୁରୀ ଅଫିସ,୨।୧୧

ଶ୍ରୀମନ୍ଦିରରେ ଧାଡ଼ିଦର୍ଶନକୁ ନେଇ ହୋଇଥିବା ପୁରୀ ହିଂସାରେ ଶୁକ୍ରବାର ପୋଲିସ ସଚେତନ ନାଗରିକ ମଞ୍ଚ ସଭାପତି ପ୍ରସନ୍ନ ଦାଶଙ୍କୁ ଗିରଫ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଫଳରେ ଏହି ଘଟଣାରେ ଗିରଫଦାରି ସଂଖ୍ୟା ୧୧୩ ଛୁଇଁଛି। ପୁରୀ ବନ୍ଦକୁ ସମର୍ଥନ ଜଣାଇବା ଏବଂ ବନ୍ଦ ଦିନ ସକାଳେ ଅନୁଷ୍ଠିତ ଶୋଭାଯାତ୍ରାର ନେତୃତ୍ୱ ନେଇଥିବାରୁ ମଞ୍ଚ ସଭାପତି ଦାଶଙ୍କୁ ଗିରଫ କରାଯାଇଥିବା ସିଂହଦ୍ୱାର ଥାନା ଆଇଆଇସି ଗୋକୁଳ ଚନ୍ଦ୍ର ଦାଶ କହିଛନ୍ତି।

ଧରିତ୍ରୀ DHARITRI **CAREER APPOINTMENT**
every Wednesday & Saturday

**MNC JOB VACANCY**
Female - 12Nos & Male - 8Nos
Qualification-10th to Graduation
Age : 18-28Yrs
MONTHLY SALARY :
Rs.7500/- To 17000/- + Free Hostel
9937172198, 9937042198

Required The Following Personnel
1) ACCOUNTANT - 1 Nos
2) MARKETING - 2 Nos
PERSONS WITH EXPERIENCE ONLY CONTACT WITH DETAILS
**AURO ENTERPRISERS**
28A, Kharvela Nagar, Unit 3, Near Hotel Nandan, Bhubaneswar. Mail your CV at :
**auro.akc@gmail.com**

HDFC BANK We understand your world — OM FINANCE Authorized DSA of HDFC Bank Ltd.
We are the leading DSA of **HDFC BANK Ltd** requires following staffs in odisha for PERSONAL LOANS AND BUSINESS LOANS
Locations - Bhubaneswar,Cuttack,Puri,Khordha,Jatni,Paradip,Jagatsinghpur,Berhampur, Jajpur,Balasore,Bhadrak,Rourkela,Jharsuguda,Sambalpur,Bolangir,Sonepur.
1. **Team Manager - Male /Female -** Minimum Graduate - Salary up to 15000 pm
2. **Sales Officer - Male / Female -** Minimum Graduate - Salary up to 12000 pm
3. **Office assistant - Female -** Commerce Graduate - Salary up to 12000 - 15000
4. **Office Co ordinator - Female -** Any Graduate - Salary up to 10000 - 12000
Post No 3 & 4 only for Bhubaneswar and Cuttack Location.
**We are also providing attractive incentive and bonus for all posts with salary**
For Assistant Phone/Call ..
**Bolangir/Sambalpur/Sonepur - 8457853731,7381003731**
**Jajpur/Balasore/Bhadrak - 7788900434,9658987215**
**Others - 9238326748,9348117069,9853428171**
Come with Resume and one colour passport size photo for
**walk in interview dated 2nd, 3rd, 4th November 2018 between 11am to 2 pm**
**OM FINANCE, PLOT NO - 270, KHARVEL NAGAR, BHUBANESWAR**
Web site-**www.omfinance.co.in**, Email - **omfn@rediffmail.com**

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 8598856282

**TEACHERS REQUIRED**
Teachers Required Male/ Female for Odia Medium & English Medium School at Bhubaneswar.
Contact:
9337119851
9658118866

**WALK-IN-INTERVIEW**
Required **DTP Designer** (knows Photoshop & Coreldraw) & **Accountant** having one year experience.
At: A/68, Industrial Area, Unit-3, Bhubaneswar.
Mobile: 9090963364

**URGENTLY REQUIRED**
One **Laboratory Attendant.**
Apply with Bio-Data to the Principal before Dt. 17.11.2018.
**Principal, B.J.B. (Jr.) College, Gadarodang, Brahmagiri, Puri**

**MÖBEL FURNITURE**
Eastern India's most Admired Furniture Brand
**BHUBANESWAR REQUIRES**
- SHOWROOM MANAGER
- INTERIOR CUM KITCHEN DESIGNER
- CORPORATE SALES EXECUTIVE
- CUSTOMER CARE EXECUTIVE
- ACCOUNTANT
- SALES GIRLS
- FITTERS

90739 87973
www.MobelHomeStore.com
jobs@mobelindia.com

**Required**
**MARKETING EXECUTIVE** experience or fresher
**TELECALLER :** Must have computer knowledge
**Fresher Also Contact**
Mob.: 9439778365, 8327747035
Bhubaneswar

**URGENTLY REQUIRED**
**ADINATH TECHNO SERVICES BHUBANESWAR**
**Sales / Marketing Exe.**
For - CCTV, BIOMETRIC & IT
Fresher / Experience
Basic Salary + Allowance + Incentive
Mob : 7205071008 / 7205041008
Email : adinathtech.bbsr@gmail.com

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
**Rs. 18000/-** ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

**ଏକ SNACKS ଦୋକାନରେ DATA ENTRY OPERATOR**
ଆବଶ୍ୟକ। କମ୍ପ୍ୟୁଟର ସମ୍ପୂର୍ଣ୍ଣ ଜ୍ଞାନଥିବା ପୁଅ/ଝିଅ ଯୋଗାଯୋଗ କରନ୍ତୁ।
**SHIVASHAKTI DRY FOODS**
P.D MARKET, CRP SQUARE BHUBANESWAR
Mob : 9040036116

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
**CONSULTANT**
**09319945331**

**ALL INDIA NETWORK PROGRAMME ON 'GASTRO-INTESTINAL PARASITISM', ICAR-IVRI**
**DEPARTMENT OF VETERINARY PARASITOLOGY**
**COLLEGE OF VETERNIARY SCIENCE & ANIMAL HUSBANDRY**
**O.U.A.T., BHUBANESWAR - 03**
Tel No. : 9437011510 Email : vetpara2013@gmail.com

**WALK IN INTERVIEW**

Candidates interested in contractual engagement in the "All India Network Programme on Gastro Intestinal Parasitism" (AINP-GIP) operating in the Department of Veterinary Parasitology, College of Veterinary Science & Animal Husbandry, Odisha University of Agriculture and Technology, Bhubaneswar for a period upto March 2020 may avail of the opportunity through walk-in-interview. The activities of the post relate to various field works as well as laboratory analysis of the samples. The essential educational qualification, remuneration and time of interview are specified below. This post is purely temporary and co-terminus with completion of the project period i.e. March, 2020. The candidates having experience and exposure to laboratories and / or field activities on parasitic disease of animals would be added advantages. No T.A. and D.A. will be provided for appearing the interview.
Candidates appearing interview are to produce a set of attested photocopies of the original certificates indicating educational qualification and experience at the time of interview which will be held in the committee room of the Dean of Research, Odisha University of Agriculture & Technology, Bhubaneswar - 751003 as detailed below. Authority reserves the right to cancel the interview without assigning any reason thereof.

| Sl. No. | Name of Post (Number) | Essential Educational Qualification | Remuneration (per month) | Date and Time of Interview |
|---|---|---|---|---|
| 1 | Senior Research Fellow (1) | Post Graduate Degree in Veterinary Parasitology / Veterinary Pathology / Veterinary Microbiology | Rs. 25,000/- | 19.11.2018 10.30AM |

N.B. : These contents will be published on University Website and two Local News Papers (Dharitri & Samaj).
**Sd./- Principal Investigator AINP-GIP**

**J.K. Trust, Bombay**
**WANTED RURAL DEVELOPMENT OFFICERS**
J.K. Trust, Bombay a renowned NGO is carrying out "Cattle Breed Improvement Programme" through establishment of "Integrated Livestock Development (ILD) Centers" across various states of India. For the monitoring of this programme, we are looking for Rural Development officers in Odisha state.
Candidates with graduation/post-graduation in Agriculture, Social Science, Sociology & Rural Development with at least 3 years of relevant or similar experience should apply.
The candidate should mention his mobile no. so that they can be informed about date of interview telephonically.
The last date for receiving application at our office will be 15th November, 2018.
Please forward your resume by post or e-mail to following address.
**J. K. Trust**
Padmalaya, Ground Floor, Plot No: 166/2152/3368,
Near Udaygiri Vihar, Patrapada,Bhubaneswar
Dist: Khurda, Pin: 751019, Odisha. E-mail : odisha@jktrust.org
www.jktrust.org
www.jkbovagenix.org
JK BovaGenix — Improving Bovine Genetics

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

**OFFICIALLY JOB**
ଯୋଗ୍ୟତା: 10th Pass/Fail, ବୟସ: (18-35) yrs. Monthly Salary upto Rs.25000/-.
Contact Immediately
Mob: 8763257042

**A Play and Pre-School in Tankapani Road area of Bhubaneswar Requires**
**Teacher for Nursery:** Graduate, trained, Strong English speaking ability (Rs.5000-10000 per month).
**Teachers for CBSE school level Science, Social Studies, Mathematics, English** (payment negotiable).
**Arts and Crafts Teacher:** Experience in teaching arts, painting, crafts (salary negotiable).
**Song Teachers:** Odissi and Hindustani classical singing teachers (salary negotiable).
Please apply with bio-data to
**ngorecruitment@gmail.com**

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

Dollar 72.45 (100)
Sensex 579.68 35,011.65 | Nifty 172.55 10,553.00 | Gold ₹150 32,630.00 | Silver ₹310 39,500.00

## ସଂକ୍ଷେପରେ

### ୫ବର୍ଷରେ ଟଙ୍କାର ସର୍ବାଧିକ ମୂଲ୍ୟ ବୃଦ୍ଧି

ମୁମ୍ବାଇ,୨-୧୧: କିଛି ମାସ ହେବ ଡଲାର ତୁଳନାରେ ଟଙ୍କାର ମୂଲ୍ୟ କ୍ରମାଗତ ହ୍ରାସ ପାଇଚାଲିଥିଲା। କାଁଭାଁ କେତେବେଳେ ଟଙ୍କାର ମୂଲ୍ୟ ସାମାନ୍ୟ ବୃଦ୍ଧି ପାଉଥିଲା। ତାହା ଥିଲା ଅତ୍ୟନ୍ତ ନଗଣ୍ୟ। କିନ୍ତୁ ଶୁକ୍ରବାର ବୃଦ୍ଧି ପାଇବାରେ ଟଙ୍କା ୫ ବର୍ଷର ରେକର୍ଡ ଭାଙ୍ଗିଛି। ଏଥିରେ ୧୦୦ ପଇସା ବୃଦ୍ଧି ପାଇବାରୁ କାରବାର ବନ୍ଦ ବେଳକୁ ଟଙ୍କାର ମୂଲ୍ୟ ୭୨.୪୫ଥିଲା। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇବା ଏବଂ ଭାରତକୁ ଇରାନ ତେଲ କିଣିବା ଲାଗି ଆମେରିକା କଟକଣା କୋହଳ କରିବ ବୋଲି ମିଡିଆରେ ରିପୋର୍ଟ ପ୍ରକାଶ ପାଇଥିବାରୁ ଟଙ୍କାର ମୂଲ୍ୟ ବୃଦ୍ଧି ହୋଇଛି ବୋଲି କୁହାଯାଉଛି।

### ବିଶ୍ୱ ବ୍ୟାଙ୍କ ଅଧକ୍ଷଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା

ନୂଆଦିଲ୍ଲୀ,୨-୧୧: ବିଶ୍ୱ ବ୍ୟାଙ୍କ ଅଧକ୍ଷ ଜିମ୍ ୟଙ୍ଗ କିମ୍ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫୋନ କରିଥିଲେ । ବ୍ୟବସାୟିକ ସୁଗମତାରେ ଭାରତର ଐତିହାସିକ ଉତ୍ଥାନ ଲାଗି କିମ୍ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଥିଲାଗି ନିରନ୍ତର ସମର୍ଥନ ଏବଂ ମାର୍ଗଦର୍ଶନ ଯୋଗାଇ ଦେଇଥିବାରୁ ପ୍ରଧାନମନ୍ତ୍ରୀ ମୋଦି ବିଶ୍ୱ ବ୍ୟାଙ୍କ ଅଧକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ। ବିଶ୍ୱ ବ୍ୟାଙ୍କର ସମର୍ଥନ ଭାରତ ପାଇଁ ପ୍ରେରଣାର ଉତ୍ସ ବୋଲି ସେ କହିଥିଲେ।

> ଦେଶର ସମୁଦାୟ ଶ୍ରମ ଶକ୍ତିରେ ମହିଳାଙ୍କ ଯୋଗଦାନ ଜିଡିପିରେ ଅତିରିକ୍ତ ୭୦୦ ବିଲିୟନ ଡଲାର ସଂଯୋଗ କରିବ।
> – ଅମିତାଭ କାନ୍ତ, ସିଇଓ, ନୀତି ଆୟୋଗ



> ଏମ୍ଏସ୍ଏମ୍ଇଗୁଡ଼ିକୁ ସହଜ ଋଣ ପ୍ରଦାନ ଲାଗି ସରକାର ଗ୍ରହଣ କରିଥିବା ପଦକ୍ଷେପ ସଂସ୍ଥାଗୁଡ଼ିକ ଲାଗି ଲାଭକାରୀ ହେବ।
> – ଉଦୟ କୁମାର ବର୍ମା, ମହାସଚିବ,ଆସୋଚାମ



## ଏମ୍ଏସ୍ଏମ୍ଇଙ୍କୁ ଦୀପାବଳି ଉପହାର

# ୫୯ ମିନିଟରେ ୧ କୋଟି ଋଣ

ନୂଆଦିଲ୍ଲୀ,୨-୧୧

ଦେଶରେ ଏବେ ସୂକ୍ଷ୍ମ,ଲଘୁ ଓ ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ) ପ୍ରବଳ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ଏଭଳି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଏକ ଋଣ ପୋର୍ଟାଲ ଉନ୍ମୋଚନ କରିଛନ୍ତି। ଏହା ଜରିଆରେ ଏମ୍ଏସ୍ଏମ୍ଇ ଉଦ୍ୟୋଗ ମାତ୍ର ୫୯ ମିନିଟରେ ୧ କୋଟି ଟଙ୍କା ଋଣ ପାଇପାରିବେ। ଦିଲ୍ଲୀର ବିଜ୍ଞାନ ଭବନରେ ଏମ୍ଏସ୍ଏମ୍ଇଙ୍କ ଲାଗି ସରକାରଙ୍କ ସପୋର୍ଟ ଆଣ୍ଡ ଆଉଟରିଚ୍ ଇନିସିଏଟିଭ୍‌ର ଉନ୍ମୋଚନ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଯୋଗଦେଇ କହିଛନ୍ତି ଯେ, କେନ୍ଦ୍ର ସରକାର ଏମ୍ଏସ୍ଏମ୍ଇକୁ ଶକ୍ତିଶାଳୀ କରିବା ଲାଗି ୧୨ଟି ଯୋଜନା ଘୋଷଣା କରିଛନ୍ତି। ଏହାକୁ ଦୀପାବଳି ଉପହାର ବୋଲି ସେ ଉଲ୍ଲେଖ କରି କହିଛନ୍ତି ଯେ, ଏହି ନୀତିଗୁଡ଼ିକ ଯୋଗୁ ଏମ୍ଏସ୍ଏମ୍ଇ ଉଦ୍ୟୋଗକୁ ପୁଞ୍ଜି ପହଞ୍ଚିବ। ଏହି ନୀତିଗୁଡ଼ିକ ଯୋଗୁ ଏହି ଉଦ୍ୟୋଗକୁ ପ୍ରୋତ୍ସାହନ ମିଳିବ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଅଦ୍ୟାବଧି ସରକାର ୭୨୦୦୦ ଏମ୍ଏସ୍ଏମ୍ଇଙ୍କୁ ପାଇଲଟ ଭିତ୍ତିରେ ଋଣ ପ୍ରଦାନ ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଆଜି ସୁଦ୍ଧା ୭୨,୬୮୦ ଉଦ୍ୟୋଗକୁ ଋଣ ପ୍ରଦାନ କରାଯାଇପାରିଛି ବୋଲି ସେ କହିଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଜିଏସ୍‌ଟି ଅଧୀନରେ ପଞ୍ଜୀକୃତ ଉଦ୍ୟୋଗଗୁଡ଼ିକୁ ସିଧାସଳଖ ଜିଏସ୍‌ଟି ପୋର୍ଟାଲରୁ ଋଣ ମିଳିବ। ଜିଏସ୍‌ଟି ରିଟର୍ନ ଦାଖଲ କଲା ବେଳେ ଋଣ ଆବଶ୍ୟକ କି ବୋଲି ଟିକସଦାତାଙ୍କୁ ପୋର୍ଟାଲ ଜରିଆରେ ପ୍ରଶ୍ନ କରାଯିବ। ଜିଏସଟିରେ ପଞ୍ଜୀକୃତ କମ୍ପାନୀମାନେ ଋଣର ସୁଧ ଉପରେ ୨% ଛାଡ଼ ପାଇବେ। ସେହିପରି ରପ୍ତାନିକାରୀଙ୍କ ଲାଗି ରପ୍ତାନି କରିବା ପୂର୍ବରୁ ଏବଂ ମାଲ୍ ପଠାଇବା ପରେ ପାଇବାକୁ ଥିବା ରିବେଟ୍‌କୁ ୩ରୁ ୫%କୁ ବୃଦ୍ଧି କରାଯାଇଛି। ବାର୍ଷିକ ୫୦୦ କୋଟି ଟଙ୍କାର କାରବାର କରୁଥିବା କମ୍ପାନୀମାନେ ବାଧ୍ୟତାମୂଳକ ଭାବେ ଟିଆରଇଡିଏସ୍‌ରେ ସାମିଲ ହେବେ। ଦେଶବ୍ୟାପୀ ୨୦ଟି ଉତ୍ପାଦ ଡିଜାଇନ୍ ହବ୍ ନିର୍ମାଣ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଉଲ୍ଲେଖଥାଉ କି, ଦେଶରେ ଏବେ ୬.୩ କୋଟିରୁ ଅଧିକ ଏମ୍ଏସ୍ଏମ୍ଇ ୟୁନିଟ ରହିଛି ଏବଂ ଏଥିରେ ପ୍ରାୟ ୧୧.୧ କୋଟି ଲୋକେ ନିଯୁକ୍ତି ପାଇଛନ୍ତି। ଦେଶର ଜିଡିପିରେ ଏମ୍ଏସ୍ଏମ୍ଇର ଯୋଗଦାନ ପ୍ରାୟ ୩୦%। ଦେଶର ମୋଟ୍ ରପ୍ତାନିର ୪୦ ପ୍ରତିଶତ ଏହି ସେକ୍ଟରରୁ ହୋଇଥାଏ।

### ପୋର୍ଟାଲ ଉନ୍ମୋଚନ କଲେ ମୋଦି

- ୧୨ ଯୋଜନାର ପ୍ରଚଳନ
- ପାଇଲଟ ଭିତ୍ତିରେ ୭୨,୬୮୦ ଏମ୍ଏସ୍ଏମ୍ଇ ସାମିଲ ହୋଇଥିଲେ
- ଜିଏସ୍‌ଟିରେ ପଞ୍ଜୀକୃତଙ୍କୁ ମିଳିବ ୨% ସୁଧ ରିହାତି
- ଦେଶବ୍ୟାପୀ ୨୦ଟି ଉତ୍ପାଦ ଡିଜାଇନ୍ ହବ୍ ନିର୍ମାଣ କରାଯିବ




## ଏଲ୍‌ଜି ୱାଟର ପ୍ୟୁରିଫାୟରକୁ ହାର୍ଟ କେୟାର ଫାଉଣ୍ଡେଶନ ପ୍ରମାଣପତ୍ର

ଭୁବନେଶ୍ୱର,୨-୧୧

ପ୍ରମୁଖ କମ୍ପାନୀ ଏଲ୍‌ଜି ପକ୍ଷରୁ ପ୍ରସ୍ତୁତ ଏହାର ୱାଟର ପ୍ୟୁରିଫାୟର ରେଞ୍ଜ ହାର୍ଟ କେୟାର ଫାଉଣ୍ଡେଶନ ଅଫ୍ ଇଣ୍ଡିଆର ପ୍ରମାଣପତ୍ର ଲାଭ କରିଛି। ସ୍ୱାସ୍ଥ୍ୟପ୍ରଦ ପାନୀୟ ଜଳ ଯୋଗାଣର ସମସ୍ତ ମାନକକୁ କମ୍ପାନୀର ଏହି ପ୍ରଡକ୍ଟଗୁଡ଼ିକ ପୂରଣ କରୁଥିବାରୁ ଏଭଳି ମାନ୍ୟତା ପ୍ରଦାନ କରାଯାଇଛି। କମ୍ପାନୀର ପ୍ରଡକ୍ଟ ଜଳର ଶୁଦ୍ଧତା, ସଂରକ୍ଷଣ ଏବଂ ଉନ୍ନତ ପରିଚାଳନା ବୈଶିଷ୍ଟ୍ୟ ସହ ଆସୁଛି। ଏ ନେଇ ସ୍ଥାନୀୟ ଆଞ୍ଚଳିକ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ଏଲ୍‌ଜି ଇଲେକଟ୍ରୋନିକ୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ଆଞ୍ଚଳିକ ବାଣିଜ୍ୟ ମୁଖ୍ୟ ପ୍ରବଳ ସକ୍ସେନା ଏହି ସୂଚନା ଦେଇଛନ୍ତି। ଶୁଦ୍ଧ ପାନୀୟ ଜଳ ଯୋଗାଣକୁ ଧ୍ୟାନରେ ରଖି କମ୍ପାନୀ ଏହାର ୱାଟର ପ୍ୟୁରିଫାୟର ଶୃଙ୍ଖଳା ଏଲ୍‌ଜି ପ୍ୟୁରିକେୟାରକୁ ସମ୍ପ୍ରସାରଣ କରିଛି। ଏଥିରେ ନୂତନ, ସ୍ୱଚ୍ଛତା ବର୍ଦ୍ଧକ ବୈଶିଷ୍ଟ୍ୟ, ଡୁଆଲ ପ୍ରୋଟେକ୍ସନ ଷ୍ଟେନଲେସ ଷ୍ଟିଲ ଟ୍ୟାଙ୍କ, ଡିଜିଟାଲ ଷ୍ଟେରଲାଇଜିଂ କେୟାର, ସଦ୍ୟତମ ପ୍ୟୁରିଫିକେଶନ ସଲ୍ୟୁଶନ, ୫ ଷ୍ଟେଜ୍ ଧାରାରେ ଆଉ ଫିଲଟ୍ରେଶନ ଭଳି ସୁବିଧା ରହିଛି। ଗ୍ରାହକଙ୍କ ସୁରକ୍ଷାକୁ ଧ୍ୟାନରେ ରଖି ପ୍ରଡକ୍ଟଗୁଡ଼ିକ ବଜାରକୁ ଆସିଥିବା କମ୍ପାନୀ ପ୍ରକାଶ କରିଛି।




## ଏନ୍‌ବିଏଫ୍‌ସିଙ୍କୁ ମିଳିବ ଋଣ

# ବ୍ୟାଙ୍କଗୁଡ଼ିକୁ ଆର୍‌ବିଆଇର ଅନୁମତି

ମୁମ୍ବାଇ,୨-୧୧

ଅଣବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା (ଏନ୍‌ବିଏଫ୍‌ସି)ଗୁଡ଼ିକ ଗଭୀର ଆର୍ଥିକ ସଙ୍କଟର ସାମ୍ନା କରୁଥିବା ସ୍ୱୀକାର କରି ଭାରତୀୟ ରିଜର୍ଭ ବ୍ୟାଙ୍କ ଶୁକ୍ରବାର ବ୍ୟାଙ୍କଗୁଡ଼ିକୁ ଋଣ ପ୍ରଦାନ ଲାଗି ଅନୁମତି ଦେଇଛନ୍ତି। ଏନ୍‌ବିଏଫସିମାନେ ବଣ୍ଡ୍ ଜରିଆରେ ଋଣ ନେଲେ ବ୍ୟାଙ୍କଗୁଡ଼ିକ ଆଂଶିକ ଭାବେ ଗ୍ୟାରେଣ୍ଟର ହୋଇପାରିବେ ବୋଲି ଆର୍‌ବିଆଇ ପକ୍ଷରୁ କୁହାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କର ଏହି ପଦକ୍ଷେପ ଦ୍ୱାରା ଏନ୍‌ବିଏଫସିଗୁଡ଼ିକ ସମ୍ମୁଖୀନ ହେଉଥିବା ଆର୍ଥିକ ସଙ୍କଟ ଅନେକାଂଶରେ ଦୂର ହୋଇଯିବ। ବଜାରରେ ପୁଞ୍ଜି ପ୍ରବାହ ବଢ଼ିବ। ଉଲ୍ଲେଖଥାଉ କି, କେନ୍ଦ୍ର ସରକାର ଓ ରିଜର୍ଭ ବ୍ୟାଙ୍କ ମଧ୍ୟରେ ଗତ କିଛି ଦିନ ହେଲା ସୃଷ୍ଟି ହୋଇଥିବା ବିବାଦର ଏହା ଅନ୍ୟତମ କାରଣ ଥିଲା। ଏନ୍‌ବିଏଫ୍‌ସିଙ୍କୁ ଋଣ ନ ଦେବା ଲାଗି ଆର୍‌ବିଆଇ ଜିଦ୍ ଧରିଥିଲା ବେଳେ କେନ୍ଦ୍ର ସରକାର ବାଧ୍ୟ ହୋଇ ରିଜର୍ଭ ବ୍ୟାଙ୍କ ଆଇନର ଧାରା ୭ ଲାଗୁ କରିଥିଲେ।

# ରିଲାଏନ୍ସ ଜୁଏଲ୍‌ସ ପକ୍ଷରୁ ଧନତେରସ ଅଫର

ନୂଆଦିଲ୍ଲୀ,୨-୧୧

ପ୍ରମୁଖ ଜୁଏଲେରୀ ବ୍ରାଣ୍ଡ ରିଲାଏନ୍ସ ଜୁଏଲ୍‌ସ ପକ୍ଷରୁ ଧନତେରସ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅବସରରେ ଗ୍ରାହକଙ୍କୁ ୭୫,୦୦୦ ଟଙ୍କାରୁ ଅଧିକ ସୁନା ଗହଣା କ୍ରୟରେ ଗଢ଼ା ମୂଲ୍ୟରେ ଫ୍ଲାଟ୍ ୫୦% ରିହାତି ପ୍ରଦାନ କରାଯାଉଛି। ସେହିଭଳି ୭୫,୦୦୦ ଟଙ୍କାର ହୀରା ଗହଣା ଇନ୍‌ଭଏସ ଉପରେ ୦% ମେକିଂ ଚାର୍ଜ ରହିଛି। ୫୦ ଗ୍ରାମ ଏବଂ ଏହାଠାରୁ ଅଧିକ ଗୋଲ୍ଡ କଏନ ପ୍ରସ୍ତୁତିରେ ଫ୍ଲାଟ ୭୫% ରିହାତି ସୁବିଧା ମିଳୁଛି। ପୁରୁଣା ଗହଣା ଏକ୍ସଚେଞ୍ଜ ଉପରେ ଫୁଲ୍ ଭାଲ୍ୟୁ, ମାଗଣା ଗହଣା ବୀମା ସୁବିଧା କମ୍ପାନୀ ପ୍ରଦାନ କରୁଛି। ଉକ୍ତ ଅଫର ୧୧ ନଭେମ୍ବର ଯାଏ ରହିଛି। ପାରମ୍ପରିକ ଏବଂ ସଦ୍ୟତମ ଗହଣା ଶୋ'ରୁମରେ ଉପଲବ୍ଧ ହେଉଛି। ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ ଦ୍ୱାରା ଗ୍ରାହକଙ୍କୁ ଉନ୍ନତ କ୍ରୟ ଅଭିଜ୍ଞତା ପ୍ରଦାନ ଦିଗରେ କାର୍ଯ୍ୟ କରୁଛୁ ବୋଲି ରିଲାଏନ୍ସ ଜୁଏଲ୍‌ସର ସିଇଓ ସୁନୀଲ ନାୟକ ସୂଚନା ଦେଇଛନ୍ତି।

Reliance Jewels
BE THE MOMENT

## ଏଚ୍-୧ବି ଭିଜା ନିୟମ କଡ଼ାକଡ଼ି କଲେ ଟ୍ରମ୍ପ

ୱାଶିଂଟନ,୨-୧୧: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଚ୍-୧ବି ଭିଜା ନିୟମକୁ ଆହୁରି କଡ଼ାକଡ଼ି କରିଛନ୍ତି। ଏଥିରେ ଆହୁରି କିଛି ନିୟମ ଯୋଡ଼ା ଯାଇଛି। ଏଣିକି ଆମେରିକାର ସମସ୍ତ କମ୍ପାନୀ ସେମାନଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ସମସ୍ତ ବିଦେଶୀଙ୍କ ସମ୍ପର୍କରେ ସରକାରଙ୍କୁ ତଥ୍ୟ ଦେବେ। ଏହାଦ୍ୱାରା ବିଦେଶୀଙ୍କ ନୂଆ ନିଯୁକ୍ତି ପ୍ରଭାବିତ ହେବ ବୋଲି କୁହାଯାଉଛି। ଟ୍ରମ୍ପ ପ୍ରଶାସନର ଉକ୍ତ ନିଷ୍ପତ୍ତି ଯୋଗୁ ଭାରତୀୟ ପେସାଦାରମାନେ ଅଧିକ ସଂଖ୍ୟାରେ ପ୍ରଭାବିତ ହେବେ। କାରଣ ଆମେରିକାରେ କାମ କରିବା ପାଇଁ ସେମାନେ ଏହି ଭିଜାର ପ୍ରୟୋଗ କରିଥାନ୍ତି। ଉଲ୍ଲେଖଥାଉ କି, ଏଚ୍-୧ବି ଭିଜା ପାଇବା ଲାଗି କମ୍ପାନୀଙ୍କୁ ଶ୍ରମ ବିଭାଗରେ ଆବେଦନ କରିବାକୁ ପଡିଥାଏ। ତଥ୍ୟ ପ୍ରଦାନ ପରେ ନୂଆ ଭିଜା ପାଇବା କଷ୍ଟକର ହେବ।


GOVERNMENT OF ODISHA
**HEALTH & FAMILY WELFARE DEPARTMENT**
**OFFICE OF THE SUPERINTENDENT, VSS INSTITUTE OF MEDICAL SCIENCES & RESEARCH**
BURLA (SAMBALPUR), ODISHA - 768017
E-mail: superintendent.vssmch@gmail.com
Telephone No.: 0663-2430738, Fax: 0663-2430435
No.: 14292/VIMSAR Dated, Burla, the 02nd November, 2018

**QUOTATION CALL NOTICE**

No.: 543-E: Quotations are hereby invited by the undersigned from the intending firms having GST holders for **Comprehensive Annual Maintenance Contract** of 70 (Seventy) Nos. of Water Purifier System (Aquaguard) of this hospital so as to reach this office on or before **Dtd.15.11.2018 upto 5.00 P.M.** which will be opened on **Dtd.16.11.2018 at 03.30 P.M**. The quotation should be enclosed with the following documents mentioned below.

1. GST Registration Certificate
2. A Certificate to the effect that the rates quoted do not exceed the prevailing market price.
3. Photostat copy of PAN Card.
4. Experience of maintaining such type of water purifier system in public sector Institution.
5. An undertaking regarding availability of spares during the maintenance period at hand.
6. Rs.5000/- in shape of Bank Draft pledged in favour of Superintendent, VSS, IMSAR, Burla as EMD. The EMD will be refunded.

**Terms & Conditions:**

1. The quotation must be in a sealed cover and should be superscribed as **"QUOTATION FOR MAINTENANCE OF WATER PURIFIER SYSTEM AND DUE DATE IS DT.15.11.2018.**
2. The CAMC amount should be clearly mentioned along with GST.
3. Number of attending times should also be mentioned.
4. If the system can not be repaired during the CAMC period than that should be with proper certification of user authority.
5. The repair of the effective items should be done in the hospital premises only. If required outside repair than that should be taken with proper permission from head of the Unit/Authorized representative.
6. The periodical service with proper signature of the concerned departments should be furnished for record centrally.

The undersigned reserves the full right to accept or reject any or all quotations assigning any reason therefore.

Sd./- Dean & Principal
VIMSAR, Burla
10012/11/0049/1819



**DISTRICT RURAL DEVELOPMENT AGENCY, DEOGARH**
(E-mail: ori-ddeogarh@nic.in, Phone No.: 06641-226330)

**ADVERTISEMENT**

No.: 3512/DRDA/Estt. Date: 01.11.2018

Applications in prescribed format are invited from the eligible candidates along with attested copies of all relevant certificates and mark sheets for engagement of 1 (One) Post of **Asst. Project Director (Livelihood)-cum-Project Executive (Micro Finance)** in DRDA, Deogarh of Deogarh district on **Contractual Basis**. The district website **"www.deogarh.nic.in"** may be visited about the details of Age, Qualification, Selection Process, Remuneration & other criterion.
The last date of receipt of application is by **22.11.2018 by 5.00 P.M. by Speed Post/Regd. Post** only.

| Sl. No. | Name of the District | Name of the Post | No. of Post | Category | Monthly Consolidated Remuneration |
|---|---|---|---|---|---|
| 01 | Deogarh | Asst. Project Director (Livelihood)-cum-Project Executive (Micro Finance) in DRDA, Deogarh | 01 (One) | Open | Rs.25,000.00 |

Sd./- Collector-cum-CEO
DRDA, Deogarh



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SAMBALPUR**

**Tender Call Notice for purchase of New Mahindra Bolero Ambulance (Full Fitted)**

No. 542-E:-Tender call notices are invited from authorized dealers of Mahindra & Mahindra Ltd. for sale/supply of new Mahindra Bolero Ambulance under Critical Gap funds and MP LADS Funs for use in different health institutions of Sambalpur district as per following specification.

| Sl. No. | Type of vehicle | Make & Model | No of vehicle |
|---|---|---|---|
| 1. | Mahindra Bolero Ambulance<br>a) Foldable stretcher cum trolley<br>b) 2 seats for relatives/attendants<br>c) Stainless steel wash basin<br>d) One oxygen cylinder stand | BS-4 | 03 nos. |

The vehicle should be supplied after completion of Regd. Fees, Road tax & insurance Policy etc. the cost of the same will be included in the Ambulance cost.

The sealed tender papers should be submitted in closed envelopes through Speed Post. / Regd. Post only on or before 15.11.2018 to the office of the CDM & PHO, Sambalpur. The date of opening of tender will be intimated to the concerned dealer later on. The tender committee has been formed and the committee headed by the CDM & PHO, Sambalpur, RTO, Sambalpur & APD (finance), DRDA, Sambalpur. The authority has reserved the right to cancel all the whole process without any notice.

10049/11/0055/1819 Sd/- Chief District Medical & Public Health Officer, Sambalpur



**TENDER CALL NOTICE**

No.95-MM: Sealed tenders are invited from the intending bidders for disposal of the following confiscated vehicles, seized in commission of forest offence cases in this division as is where is basis, superscribed as Tender for Auction Sale of Vehicles, as furnished below.

**List of vehicles to be auctioned**

| Sl. No. | O.R. Case No. | Vehicle No. | Make/ Model. | Location where the vehicle is now available for inspection. |
|---|---|---|---|---|
| 1 | OR No.213 (A ) of 2013-14 | OR23A-4971 | Tractor fitted with compressor & Power tiller | Hemgir Range Office Campus at Kanika |
| 2 | OR No.189 of 2013-14 | OR16D-9884 | Tata Magic | Hemgir Range Office Campus at Kanika |
| 3 | OR No.202 of 2015-16 | TR NO. MH-12TR-BSY- 772 Ch No.MAT524001GRE034 73 | TATA Pick Up | Hemgir Range Office Campus at Kanika |
| 4 | OR No.351 of 2015-16 | OD16-1664/1667 | Tractor & Trolley | Hemgir Range Office Campus at Kanika |
| 5 | OR No.331 of 2015-16 UDC 73 of 2015-16 | CG-13A-6176 | 207 DI ex Pick up | Hemgir Range Office Campus at Kanika |
| 6 | OR No.73 of 2011-12 | RJ-06RA-2940 | Tractor fitted with compressor & Drilling Machine etc. | Hemgir Range Office Campus at Kanika |
| 7 | OR No.180 of 2005-06 | OR23-2909 | Mahindra Maxx Pick up | Hemgir Range Office Campus at Kanika |

The tender will be received up to 12.00 Noon of dt. 20.11.2018 by Regd. Post or speed post in the office of the undersigned with EMD of Rs. 5,000/- (Rupees five thousand) only for each vehicle in shape of Demand Draft drawn on any Nationalized Bank payable at Sundargarh in favour of the Divisional Forest Officer, Sundargarh Forest Division. Tenders shall be opened on 20.11.2018 in the office of the undersigned at 03.00 P.M. in the presence of tenderers or their authorized representatives. Tenders without E.M.D. and beyond the stipulated time shall be rejected. The vehicles can be inspected at the places as mentioned above against each vehicle on any working day from 11.00 A.M.to 4.00 P.M.

Successful bidder has to deposit 25% of the bid amount then and there and balance amount within 7 (seven) days failing which the deposit including EMD shall be forfeited. EMD can be adjusted with the total bid amount at the time of final payment of bid amount. The bidder must remove the vehicle from the site within 7 (seven) days from the date of final deposit of the full bid amount failing which ground rent @1% of the bid amount shall be charged for each day or part till removal of the vehicle from the site. The custody and safeguard of the vehicle beyond the date of deposit of full bid amount shall be the responsibility of the bidder and no claim or complaint on that account shall be entertained. In case the ground rent so charged exceeds the sale price deposited the bidder shall cease to have any right on the vehicle. The amount deposited by him towards the sale price shall be adjusted towards the ground rent and the vehicle shall become absolute property of Orissa Forest Department free from encumbrances. The authority reserves the right to reject any or all the tenders without assigning any reason thereof. The bidders are requested to mention clearly on the sealed envelope **"Tender for Auction Sale of Confiscated Vehicles"** as per the proforma mentioned below.

**Proforma**

| Name and address of bidder | Sl No. of the vehicle | Vehicle No. | Place in which vehicle is available | Bid Amount (in Rs.) | Details of EMD (D.D. No./ Date/ Amount) |
|---|---|---|---|---|---|
| 1 | 2 | 3 | 4 | 5 | 6 |

Divisional Forest Officer,
Sundargarh Forest Division
08034/11/0003/1819



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o the Sr. General Manager (S&S) Janpath, Bhubaneswar-751022. CIN: U40102OR2004SGC007553

**TENDER NOTICE NO. SRGMS - 15/2018-19**

For and on behalf of Odisha Power Transmission Corporation Ltd., Sr. G.M. (S&S), OPTCL, BBSR invites sealed Tenders from reputed Manufacturers / Authorised Dealers for supply of various types of LED light fittings (Philips/CG/Havells/PAC) to OPTCL Headqrs office duly superscribed on the cover as : **"Tender for Supply of different types of LED light fitting to OPTCL Headqrs office, Bhubaneswar"**. Tender papers can be downloaded from the OPTCL website from dt.**02.11.2018** to dt.**24.11.2018**. The tender will be opened on dt.**24.11.2018** at **4:00 PM**. Interested firms may visit OPTCL's official website **www.optcl.co.in** for detail specifications.

Sd/-
Sr. General Manager (S&S)

Please connect us: optcl.odisha optcl_odisha energyodisha



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ବିଜ୍ଞାପନ ସଂଖ୍ୟା: 11995 ତାରିଖ: 15.10.18
H-119/2018
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧, ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫(ପନ୍ଦର) ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ସ୍ୱର୍ଗତ ଅଞ୍ଜନା ଆଚାର୍ଯ୍ୟ, ସ୍ୱାମୀ: ବ୍ରହ୍ମାନନ୍ଦ ପତି, ସା: ତମରପା, ପୋ: ବିରିବାଟି, ଥାନା: କଟକ ସଦର, ଜିଲ୍ଲା: କଟକ | ଜି.ଏଲ୍.-୪୬, ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର | ୧. ବ୍ରହ୍ମାନନ୍ଦ ପତି (ସ୍ୱାମୀ)<br>୨. ସାରସ୍ୱତ ପତି (ପୁଅ) |
| | | | ସ୍ୱା./- ସହ ପ୍ରଶାସନିକ ଅଧିକାରୀ<br>ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା |



**ADVERTISEMENT**
**ODISHA CONSTRUCTION CORPORATION LTD.**
(A Government of Odisha Undertaking)
REGD. OFFICE: UNIT – VIII, GOPABANDHUNAGAR
BHUBANESWAR – 751 012 (ODISHA)
E-mail: theoccltd@odishaconstruction.com
Web: www.odishaconstruction.com
DESIGNED TO EXCEL

**REQUIRES**
1) Manager, Human Resources - 1 No.
2) Manager, Legal - 1 No.

Odisha Construction Corporation Limited, a state PSU invites applications from eligible applicants for filling up the above vacancies in the regular establishment of the Corporation.

1) **Scale of Pay :** Level-11 in the Pay Matrix of the ORSP Rules, 2017 shall be applicable to both the posts.
2) **Eligibility :**
a) **Qualification :**
For the post of Manager, Human Resources, the applicant should be an MBA/PGDM in Personnel or HR or Industrial Relation from recognized institute approved by AICTE or Masters / Post Graduation in Social welfare or Industrial Relation or Personnel Management from recognized Institute approved by AICTE.
For the post of Manager, Legal, the applicant should be a Degree in Law from any recognized University in India.
b) **Experience :**
For the post of Manager, Human Resources, the applicant should have 10 years, post qualification experience in relevant field.
For the post of Manager, Legal, the applicant should have 10 years Practice / experience as a member in Bar Association out of which 3 (three) years should be in the High Court.
c) **Age limit :** Not exceeding 42 years as on 31.10.2018 for both the posts.
3) **General Conditions :**
a) Age limit is relaxable as per ORV Act and Rules.
b) Applicants belonging to SC, ST & SEBC should submit caste certificates issued by the competent authority along with their applications.
c) Applicant employed in Government / Semi Government / PSU should route his application through proper channel and also produce "No Objection Certificate" at the time of interview.
d) Application along with detailed C.V. with full contact address / permanent address, telephone number , attested copies of qualification and experience certificate & recent passport size photograph etc. should be submitted within 15 days of the date of publication of the advertisement (the date of advertisement inclusive) to the Managing Director, Odisha Construction Corporation Ltd., Unit-VIII, Gopabandhunagar, Bhubaneswar-751012.
e) The Management reserves the right to reject any or all applications without assigning any reason thereof.

Sd/-
MANAGING DIRECTOR

# 'ଭାରତୀୟ ହକିରେ ପରିବର୍ତ୍ତନ ଆସିଛି'

ଭୁବନେଶ୍ୱର,୨।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ଗତ କେତେବର୍ଷ ମଧ୍ୟରେ ଭାରତୀୟ ହକିରେ ବହୁ ପରିବର୍ତ୍ତନ ହୋଇଛି। ଏକଦା ଭାରତୀୟ ହକିର କଡ଼ା ସମାଲୋଚକ ଭାବେ ଜଣାଶୁଣା ଥିବା ପୂର୍ବତନ ହକି ଖେଳାଳି, କୋଚ୍, ରାଜନେତା ତଥା ଲେଖକ ରିଚାର୍ଡ ଚାର୍ଲ୍ସୱର୍ଥ ଏହି କଥା କହିଛନ୍ତି। ଅଷ୍ଟ୍ରେଲିଆର ଏହି କିମ୍ବଦନ୍ତୀ ହକି ବ୍ୟକ୍ତିତ୍ୱ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୮ ତାରିଖରେ ଆରମ୍ଭ ହେବାକୁଥିବା ହକି ବିଶ୍ୱକପ୍ ନେଇ ପୂର୍ବାନୁମାନ କରିଛନ୍ତି। ଘରୋଇ ପରିବେଶରେ ଭାରତ ଏହି ମେଗା ଇଭେଣ୍ଟରେ ଅତିକମ୍‌ରେ ସେମିଫାଇନାଲ ଖେଳିବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି। ଗତ ୩-୪ ବର୍ଷ ମଧ୍ୟରେ ଭାରତୀୟ ହକିରେ ବିଭିନ୍ନ ଦୃଷ୍ଟିକୋଣରୁ ସକାରାତ୍ମକ ପରିବର୍ତ୍ତନ ହୋଇଛି। ହକି ବିଶ୍ୱକପ୍ ନେଇ ପୂର୍ବାନୁମାନ କରିବା ନିହାତି କଷ୍ଟକର। କିନ୍ତୁ ଭାରତ ସେମିଫାଇନାଲ ପର୍ଯ୍ୟନ୍ତ ଯିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ବିଶ୍ୱକପ୍‌ରେ ସବୁଦଳ ପାଇଁ ସୁଯୋଗ ରହିଛି। ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବେ। ତେଣୁ ମ୍ୟାଚ୍ ଦିନ ଓ ସମୟରେ ଯେଉଁ ଦଳ ଭଲ ଖେଳିବ ସେହି ଦଳ ବିଜୟୀ ହେବ। ପୂର୍ବରୁ ଭାରତୀୟ ହକି ଦଳ ବିଶ୍ୱ ର୍‍ୟାଙ୍କିଂରେ ୧୨ କିମ୍ବା ୧୩ତମ ସ୍ଥାନରେ ରହୁଥିଲା। କିନ୍ତୁ ଏବେ ଭାରତ ଶ୍ରେଷ୍ଠ ୫ଟି ଦଳ ମଧ୍ୟରେ ସ୍ଥାନୀତ ହୋଇଛି। ଶୁକ୍ରବାର ଏଠାରେ ଆରମ୍ଭ ହୋଇଥିବା ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲରେ ଯୋଗଦେଇ ନିଜର ବକ୍ତବ୍ୟ ରଖିବା ଅବସରରେ ସେ ଏହି କଥା କହିଛନ୍ତି।



ରିଚାର୍ଡ ଚାର୍ଲ୍ସୱର୍ଥ

ଗତ ୧୦ ବର୍ଷ ମଧ୍ୟରେ ଭାରତୀୟ ହକିରେ ଗଠନମୂଳକ ପରିବର୍ତ୍ତନ ଆସିଛି। ଏହି ସମୟ ଅବଧିରେ ଏକାଧିକ କୋଚ୍ ଦାୟିତ୍ୱରେ ରହିଛନ୍ତି। ଏକ ଶକ୍ତିଶାଳୀ ଦଳ ଗଠନ ପାଇଁ କୋଚ୍‌ମାନଙ୍କର ମଧ୍ୟ ଅବଦାନ ରହିଛି। ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ଯୋଗୁ ଭାରତୀୟ ହକିରେ ଏହି ପରିବର୍ତ୍ତନ ହୋଇଛି ବୋଲି ସେ କହିଛନ୍ତି। ଏଚ୍‌ଆଇଏଲ୍ ଯୋଗୁ ବହୁ ସଂଖ୍ୟାରେ ଯୁବ ଖେଳାଳି ସୃଷ୍ଟି ହୋଇଛନ୍ତି। ଏହି ଲିଗ୍ ପ୍ରତିଭା ଚିହ୍ନଟ ଓ ବିକାଶରେ ବେଶ୍ ସହାୟକ ହୋଇଛି। ଭାରତୀୟ ଯୁବ ଖେଳାଳିଙ୍କଠାରେ ଏବେ ଆତ୍ମବିଶ୍ୱାସ ଦେଖିବାକୁ ମିଳୁଛି। ଏହା ଏକ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଉଛି ବୋଲି କେତେକ ପ୍ରଶ୍ନର ଉତ୍ତର ଦେଇ ଚାର୍ଲ୍ସୱର୍ଥ୍ ଏହି କଥା କହିଛନ୍ତି। ଭାରତୀୟ ପୁରୁଷ ଓ ମହିଳା ହକି ଦଳ ପାଇଁ ସେ ଏକଦା ବୈଷୟିକ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ବିଶ୍ୱର ବିଭିନ୍ନ ଦଳ ପାଇଁ କୋଚ୍ ଦାୟିତ୍ୱ ତୁଲାଇ ସେ ବେଶ୍ ସଫଳତା ହାସଲ କରିଥିଲେ।

ଖେଳାଳିମାନଙ୍କୁ ଗଢ଼ି ତୋଳିବାରେ କୋଚ୍‌ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେବେ ଏହି କଥା ନୂଆ ହୋଇ ନ ଥିଲେ ମଧ୍ୟ ସବୁ ସମୟରେ ଏହାର ମହତ୍ତ୍ୱ ରହିଛି। ଖେଳାଳିଙ୍କଠାରୁ ଶ୍ରେଷ୍ଠ ପ୍ରଦର୍ଶନ ଆଦାୟ କରିବା କୋଚ୍‌ଙ୍କର ମୁଖ୍ୟ କାର୍ଯ୍ୟ। ଅଭିଜ୍ଞ ଖେଳାଳି ସର୍ଦ୍ଦାର ସିଂ ଏତେ ଶୀଘ୍ର ଅବସର ଘୋଷଣା କରିବାର ନ ଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି। ସର୍ଦ୍ଦାର ଜଣେ ଅଭିଜ୍ଞ ମିଡ୍‌ଫିଲ୍ଡର। ତାଙ୍କ ଅଭିଜ୍ଞତା, ସ୍କିଲ୍‌ରୁ ଭାରତ ବିଶ୍ୱକପ୍‌ରେ ଫାଇଦା ଉଠାଇପାରିଥାନ୍ତା। ତାଙ୍କ ଟେକ୍‌ନିକ୍ ବେଶ୍ ଉଚ୍ଚକୋଟୀର ଓ ବଳିଷ୍ଠ। ଦଳରେ ଥିଲେ ଭାରତ ନିଶ୍ଚିତ ଭାବେ ଫାଇଦା ହାସଲ କରିଥାନ୍ତା। ଦଳ ଚୟନରେ କୋଚ୍‌ଙ୍କର ନିର୍ଣ୍ଣାୟକ ଭୂମିକା ରହିଛି ଓ ଏହା ରହିବା ଉଚିତ୍ ମଧ୍ୟ ବୋଲି ସେ କହିଛନ୍ତି। ଚୟନକର୍ତ୍ତାମାନେ କୋଚ୍‌ଙ୍କ ପରାମର୍ଶ ନେବା ନିହାତି ଦରକାର। ତେବେ ବେଳେବେଳେ ଦୁର୍ଭାଗ୍ୟଜନକ ଭାବେ ଏ ନେଇ ଅଯଥା ବିବାଦ ସୃଷ୍ଟି ହୋଇଥାଏ। ତେଣୁ ଦଳୀୟ ମ୍ୟାନେଜମେଣ୍ଟ ଏଥିରୁ ଦୂରେଇ ରହିବା ଉଚିତ ବୋଲି ସେ ମତ ଦେଇଛନ୍ତି।

୩ଟି ପୁସ୍ତକ ରଚନା କରିଥିବା ଚାର୍ଲ୍ସୱର୍ଥ ଜଣେ ବହୁବିଧ ବ୍ୟକ୍ତିତ୍ୱ ମଧ୍ୟ। ସେ ଯୁବାବସ୍ଥାରେ ୱେଷ୍ଟର୍ନ ଅଷ୍ଟ୍ରେଲିଆ ପାଇଁ କ୍ରିକେଟ ଖେଳି ସଫଳତା ମଧ୍ୟ ହାସଲ କରିଥିଲେ। ୧୯୬୯ରେ ସେ ୱେଷ୍ଟର୍ନ ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ଦଳର ଅଧିନାୟକ ଥିଲେ। ୧୯୭୨ରୁ ୧୯୭୯ ମଧ୍ୟରେ ସେ ୪୭ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିଲେ। ତେବେ କ୍ରିକେଟ ଛାଡିବା ଏକ ଭୁଲ ନିଷ୍ପତ୍ତି ଥିଲା ବୋଲି ସେ ସ୍ୱୀକାର କରିଛନ୍ତି। ଜେଫ୍ ଥମ୍ପସନ୍‌ଙ୍କ ବୋଲିଂର ସମ୍ମୁଖୀନ ହେବା କଷ୍ଟକର ଥିଲା।

ପ୍ରଥମେ କୋଚ୍ ହେବାକୁ ତାଙ୍କର ଇଚ୍ଛା ନ ଥିଲା। ତେବେ ବିଭିନ୍ନ ଘଟଣାକ୍ରମରେ ସେ କୋଚିଂକୁ ଆପଣେଇଥିଲେ। କୋଚିଂ ଅଭିଜ୍ଞତାକୁ ନେଇ ମୁଁ ୩ଟି ବହି ଲେଖିଥିଲି। କୋଚିଂ ଦୃଷ୍ଟିକୋଣରୁ ଏହି ବହିଗୁଡିକ ବେଶ୍ ଲୋକପ୍ରିୟ ହୋଇପାରିଛି। ଗୋଟିଏ ଦଳରେ ଏକାଧିକ କୋଚ୍ ନିଯୁକ୍ତି ନେଇ କୌଣସି ସମସ୍ୟା ନାହିଁ। ଅବଶ୍ୟ ଏକାଧିକ କୋଚ୍ ନିଯୁକ୍ତି ଦେବା ଏବେ ଏକ ପ୍ରଥାରେ ପରିଣତ ହୋଇଛି। ଆଧୁନିକ ହକି ଓ କ୍ରୀଡ଼ାରେ ଏବେ ସ୍କିଲ, ଫିଟ୍‌ନେସ, ମେଡିକାଲ ଓ ବାୟୋ ଟେକ୍‌ନିକ୍‌କୁ ବେଶ୍ ଗୁରୁତ୍ୱ ଦିଆଯାଉଛି। ମୁଖ୍ୟ କୋଚ ଏ ସମ୍ବନ୍ଧରେ ଅଧିକ କିଛି ଜାଣି ନ ଥିଲେ ଆସିଷ୍ଟାଣ୍ଟ କୋଚ୍‌ଙ୍କ ସହାୟତା ନେଇପାରିବେ। ହକି ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ, ନେଦରଲାଣ୍ଡ ଓ ଆର୍ଜେଣ୍ଟିନା ଭଲ ପ୍ରଦର୍ଶନ କରିବେ ବୋଲି ଚାର୍ଲ୍ସୱର୍ଥ ପୂର୍ବାନୁମାନ କରିଛନ୍ତି।



ଭାରତ ସୁନ୍ଦରେସନ

## 'ଦି ଧୋନୀ ଟଚ୍'

ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲର ପ୍ରଥମ ଦିବସର ୨ୟ ସେସନରେ କ୍ରିକେଟ ସମ୍ପର୍କିତ ୨ଟି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ 'ଦି ଧୋନୀ ଟଚ୍' ପୁସ୍ତକର ରଚୟିତା ଭାରତ ସୁନ୍ଦରେସନ ଓ ସଂଯୋଜକ ଆର୍‌କେ ମହେନ୍ଦ୍ର ସିଂ ଧୋନୀଙ୍କ କ୍ୟାରିୟର ସମ୍ପର୍କିତ ପୁରୁଣା ଓ ବର୍ତ୍ତମାନର ଘଟଣା ଉପରେ ଆଲୋଚନା କରିଥିଲେ। ସେହିଭଳି ନିକଟରେ ଧୋନୀଙ୍କ କ୍ୟାରିୟର ଓ ଅବସରକୁ ନେଇ ଉଠିଥିବା ପ୍ରଶ୍ନ ଉପରେ ମଧ୍ୟ ମତ ପ୍ରକାଶ ପାଇଥିଲା। ଧୋନୀଙ୍କ ସମ୍ପର୍କରେ ପୁସ୍ତକ ଲେଖିବାର ଅଭିଜ୍ଞତାକୁ ସୁନ୍ଦରେସନ ଏହି ଅବସରରେ ଶେୟାର କରିଥିଲେ।


ଆୟୋଜକ ଇମର୍ଜିଂ ସ୍ପୋର୍ଟ୍ସ ପ୍ରତିଷ୍ଠାତା ନିର୍ଦ୍ଦେଶକ, ଲେଖକ ସନ୍ଦୀପ ମିଶ୍ର।


୨୦୧୮ ହକି ବିଶ୍ୱକପ୍ ସମ୍ପର୍କରେ ପୂର୍ବାନୁମାନ ଆଲୋଚନା ଅବସରରେ ବାମରୁ ଦିଲୀପ ତିର୍କୀ, ସଂଯୋଜକ ଜିତେନ୍ଦ୍ର କୁମାର ସିଂ, ଅଜିତ ପାଲ ସିଂ, ବ୍ରେଣ୍ଟ ଲିଭରମୋର ଓ ଧନରାଜ ପିଲେ।


'ନମ୍ବର୍ସ ଡୋଣ୍ଟ ଲାଇ' ପୁସ୍ତକ ଉପରେ ଆଲୋଚନା କରୁଛନ୍ତି ଆକାଶ ଚୋପ୍ରା।

# ଶୀର୍ଷ ୪ ଦଳ ଫେଭରାଇଟ୍

ଭୁବନେଶ୍ୱର,୨।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲରେ ଶୁକ୍ରବାର କେତେକ ପୂର୍ବତନ ହକି ଖେଳାଳି ଅଂଶଗ୍ରହଣ କରି ନିଜର ବହୁମୂଲ୍ୟ ମତ ରଖିଥିଲେ। ଆଲୋଚନାରେ ଭାରତର ଦେଶୀ ଓ ବିଦେଶୀ କୋଚ୍‌ଙ୍କୁ ନେଇ ବିରୋଧାଭାସ ପ୍ରକାଶ ପାଇଥିଲା। ଏହି ଆଲୋଚନାଚକ୍ରରେ ପୂର୍ବତନ ହକି ଅଧିନାୟକ ଧନରାଜ ପିଲ୍ଲେ, ଦିଲୀପ ତିର୍କୀ, ଅଜିତ୍ ପାଲ ସିଂ ଓ ଅଷ୍ଟ୍ରେଲିଆ ମିଡ୍‌ଫିଲ୍ଡର ବ୍ରେଣ୍ଟ ଲିଭରମୋର ଅଂଶଗ୍ରହଣ କରିଥିଲେ। ଆଉ କେତୋଟି ସପ୍ତାହ ପରେ ଏଠାରେ ହକି ବିଶ୍ୱକପ୍ ଆରମ୍ଭ ହେବାକୁ ଯାଉଛି। ଏହି ପୂର୍ବତନ ଖେଳାଳି ତଥା ବିଶେଷଜ୍ଞମାନେ ବିଶ୍ୱକପ୍ ନେଇ ପୂର୍ବାନୁମାନ କରିଥିଲେ। ବିଶେଷ କରି ଏହି ମେଗା ଇଭେଣ୍ଟରେ ଆୟୋଜକ ଭାରତ କିଭଳି ପ୍ରଦର୍ଶନ କରିବ ସେନେଇ ଆଲୋଚନାରେ ତର୍କ ବିତର୍କ ହୋଇଥିଲା।

ନିର୍ଦ୍ଦିଷ୍ଟ ଦିନରେ ଯେଉଁ ଦଳ ଭଲ ଖେଳିବ ଓ ଚାପର ସମ୍ମୁଖୀନ ହେବ ସେହି ଦଳ ବାଜି ମାରିବ ବୋଲି ଅଜିତ୍ କହିଛନ୍ତି। ଆଗାମୀ ବିଶ୍ୱକପ୍‌ରେ ଶ୍ରେଷ୍ଠ ୪ ର୍‍ୟାଙ୍କ ଦଳ ଚାମ୍ପିୟନ ହୋଇପାରନ୍ତି ବୋଲି ସେ କହିଛନ୍ତି। ଏହି ଦଳଗୁଡିକ ହେଉଛନ୍ତି ଅଷ୍ଟ୍ରେଲିଆ, ବେଲଜିୟମ, ନେରଦଲାଣ୍ଡ ଓ ଜର୍ମାନୀ। ପୂର୍ବରୁ ଭାରତୀୟ ଦଳ ପାଇଁ ଏକାଧିକ ବିଦେଶୀ କୋଚ୍ କାର୍ଯ୍ୟ କରିଛନ୍ତି। ଏମାନଙ୍କଠାରୁ ଆମେ ଖେଳାଳିମାନେ ବହୁତ କିଛି ଶିକ୍ଷା କରିଛନ୍ତି ଓ ଭାରତୀୟ ହକି ପ୍ରତି ଏମାନଙ୍କ ଅବଦାନ ଯଥେଷ୍ଟ ରହିଛି। ତେଣୁ ବିଦେଶୀ କୋଚ୍‌ଙ୍କୁ କେବେହେଲେ ହେୟ ମନେ କରାଯିବା ଉଚିତ୍ ନୁହଁ ବୋଲି ଅଜିତ୍ ସ୍ପଷ୍ଟ କରିଥିଲେ। କିନ୍ତୁ ଏ ନେଇ ଗୋଟିଏ ସମସ୍ୟା ନିଶ୍ଚିତ ରହିଛି। ତାହା ହେଲା ଭାଷାର। ବିଦେଶୀ କୋଚ୍‌ଙ୍କ ଇଂଲିଶ୍ ବୁଝିବାରେ ଭାରତୀୟ ଖେଳାଳିମାନେ ସମସ୍ୟାର ସମ୍ମୁଖୀନ ହେବା କଥାକୁ ଅସ୍ୱୀକାର କରାଯାଇ ନ ପାରେ ବୋଲି ସେ କହିଥିଲେ।

ଅପରପକ୍ଷରେ ଏ ସଂକ୍ରାନ୍ତରେ ପିଲ୍ଲେଙ୍କ ମତ ଭିନ୍ନ ଥିଲା। ଭାରତ ପାଇଁ କାର୍ଯ୍ୟ କରିଥିବା ବିଦେଶୀ କୋଚ୍‌ମାନେ ସେତେଟା ଉଲ୍ଲେଖଯୋଗ୍ୟ ସଫଳତା ପାଇପାରିନାହାନ୍ତି ବୋଲି ସେ କହିଥିଲେ। କେବଳ ରିଚାର୍ଡ ଚାର୍ଲ୍ସୱର୍ଥ ବ୍ୟତିକ୍ରମ ଥିଲେ ବୋଲି ସେ ମତ ଦେଇଛନ୍ତି। ଚାର୍ଲ୍ସୱର୍ଥ ଭାରତୀୟ ହକିକୁ ନୂଆ ଦିଗ୍‌ଦର୍ଶନ ଦେଇଥିଲେ ଓ ତାଙ୍କ ଅଭିଜ୍ଞତାରୁ ଭାରତ ଫାଇଦା ଉଠାଇବାରେ ସଫଳ ହୋଇଛି। ମୁଁ ଖେଳିବା ବେଳେ ବିଦେଶୀ କୋଚ୍‌ଙ୍କ ଦ୍ରୁତ ଇଂଲିଶ ବୁଝିବାକୁ ସକ୍ଷମ ହେଉ ନ ଥିଲି ବୋଲି ଧନରାଜ କହିଛନ୍ତି। ଗତକିଛି ବର୍ଷ ମଧ୍ୟରେ ଓଡ଼ିଶାରେ କ୍ରୀଡ଼ା ଭିତ୍ତିଭୂମିରେ ବୈପ୍ଳବିକ ପରିବର୍ତ୍ତନ ହୋଇଛି। ଏବେ ଭୁବନେଶ୍ୱର ଦେଶର କ୍ରୀଡ଼ା ରାଜଧାନୀରେ ପରିଣତ ହୋଇଛି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ଅଧିକାରୀ ତଥା କର୍ମଚାରୀଙ୍କୁ ଶ୍ରେୟ ଦେଇଛନ୍ତି। ବିଶେଷ କରି କ୍ରୀଡ଼ା ବିଭାଗ ସଚିବ ବିଶାଲ ଦେବଙ୍କୁ ସେ ପ୍ରଶଂସା କରିଥିଲେ। ଭାରତୀୟ ଦଳର ୩ ପ୍ରମୁଖ ଖେଳାଳି ଏସ୍.ଭି. ସୁନୀଲ, ବୀରେନ୍ଦ୍ର ଲାକ୍ରା ଇଞ୍ଜୁରିର ଶିକାର ହୋଇଛନ୍ତି। ପୁଣି ସର୍ଦ୍ଦାର ସିଂଙ୍କ ନା ନେଇ ସେ ଜଣେ ଅଭିଜ୍ଞ ଖେଳାଳି ଅନୁପସ୍ଥିତ ଅଛନ୍ତି ବୋଲି କହିଥିଲେ। ଏ ଭଳି ପରିସ୍ଥିତିରେ ଭଗବାନ ସାହା ହେଲେ ଭାରତ ବିଶ୍ୱକପ୍‌ରେ ସଫଳ ହେବ ବୋଲି ପିଲ୍ଲେ ନିଜ ମତ ରଖି କହିଥିଲେ।




ବିଶ୍ୱକପ୍‌ରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଓ ଆୟୋଜକ ଭାରତ ଫାଇନାଲରେ ପରସ୍ପରକୁ ଭେଟିବେ ବୋଲି ଲିଭରମୋର ପୂର୍ବାନୁମାନ କରିଛନ୍ତି। ଏହି ମେଗା ଇଭେଣ୍ଟରେ ଜବରଦସ୍ତ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ଭାରତୀୟ ଖେଳାଳିମାନେ ପ୍ରତିଭା ସମ୍ପନ୍ନ। ତେଣୁ ଦକ୍ଷତା ଅନୁଯାୟୀ ଖେଳିଲେ ଭାରତ ବିଶ୍ୱକପ୍‌ରେ ସଫଳ ହୋଇପାରିବ ବୋଲି ସେ କହିଥିଲେ।

ପୂର୍ବତନ ଅଧିନାୟକ ଦିଲୀପ ତିର୍କୀ ମଧ୍ୟ ଏବେକାର ଭାରତୀୟ ଦଳ ଅପେକ୍ଷାକୃତ ଭଲ ବୋଲି କହିଛନ୍ତି। ଆମ ଅପେକ୍ଷା ଏବେକାର ଦଳର ଷ୍ଟାମିନା, ଫିଟ୍‌ନେସ ବେଶ୍ ଉନ୍ନତ। ଏହି ଦଳ ମଧ୍ୟ ଆକ୍ରମଣାତ୍ମକ ପ୍ରଦର୍ଶନ କରୁଛି। ୧୯୯୪ ବିଶ୍ୱକପ୍‌ରେ ଭାରତ ପଞ୍ଚମ ସ୍ଥାନ ପାଇଥିଲା। ତେବେ ଏହା ପରେ ଭାରତୀୟ ଦଳ ଏହି ପ୍ରଦର୍ଶନ ଦୋହରାଇ ପାରିନାହିଁ। ଭିତ୍ତିଭୂମିର ବିକାଶ ହେବା ଦ୍ୱାରା ସବୁ ଖେଳାଳି ଭୁବନେଶ୍ୱରରେ ଖେଳିବାକୁ ପସନ୍ଦ କରୁଛନ୍ତି ବୋଲି ଦିଲୀପ ନିଜ ମତ ରଖିଥିଲେ। ଆଶାନୁରୂପ ଖେଳିଲେ ଭାରତୀୟ ଦଳ ବିଶ୍ୱକପ୍‌ରେ ସଫଳ ହେବ ବୋଲି ସେ ପୂର୍ବାନୁମାନ କରିଥିଲେ।

## ହାଇପର୍‌ଆଣ୍ଡ୍ରୋଜେନିଜମ

# ନିୟମ ପରିବର୍ତ୍ତନ ସପକ୍ଷରେ ମତ

ଭୁବନେଶ୍ୱର,୨।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ଭୁବନେଶ୍ୱରରେ ଆରମ୍ଭ ହୋଇଥିବା ଏସିଆର ସର୍ବପ୍ରଥମ ସ୍ପୋର୍ଟ୍ସ ଲିଟେରାରୀ ଫେଷ୍ଟିଭାଲର ଶୁକ୍ରବାର ଥିଲା ପ୍ରଥମ ଦିବସ। ବିଭିନ୍ନ କ୍ରୀଡ଼ାର ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ପ୍ରଥମ ଦିନରେ ଦେଶ ବିଦେଶର ନାମୀ କ୍ରୀଡ଼ାବିତ୍‌ମାନେ ସେମାନଙ୍କ ମତ ପ୍ରକାଶ କରିଥିଲେ। ତେବେ ଦିବସର ଶେଷ ବିଷୟ 'ହାଇପର୍‌ଆଣ୍ଡ୍ରୋଜେନିଜମ: ୱାନ୍ ୱାର୍ଡ୍ସ, ଠୁ ମେନି ଓପିନିୟନ' ଗୁରୁତ୍ୱପୂର୍ଣ୍ଣ ରହିଥିଲା। ମହିଳା କ୍ରୀଡ଼ାବିତ୍‌ଙ୍କଠାରେ ଅଧିକ ମାତ୍ରାରେ ପୁରୁଷ ହରମୋନ୍ (ଟେଷ୍ଟୋଥେରନ) ଦେଖାଦେବାକୁ ହାଇପର୍‌ଆଣ୍ଡ୍ରୋଜେନିଜମ କୁହାଯାଇଥାଏ। ଫଳରେ ସେହି ମହିଳା ଆଥ୍‌ଲେଟ୍‌ଙ୍କୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ଅନୁମତି ଦିଆଯାଇ ନ ଥାଏ। ଚର୍ଚ୍ଚିତ ଭାରତୀୟ ଟ୍ରାକ୍ ଆଣ୍ଡ୍ ଫିଲ୍ଡ ଆଥ୍‌ଲେଟ୍ ଶାନ୍ତି ସୁନ୍ଦରାଜନ ଓ ଅଷ୍ଟ୍ରେଲିଆର ମିଡିଲ ଡିଷ୍ଟାନ୍ସ ରନର୍ ତଥା ରିସର୍ଚ୍ଚର ମେଡ୍‌ଲିନ୍ ପେପ୍ ଯୋଗଦେଇ ଏହି ବିଷୟ ଉପରେ ସେମାନଙ୍କ ମହତ୍ତ୍ୱପୂର୍ଣ୍ଣ ମତ ରଖିଥିଲେ। ସୁପ୍ରିତା ଦାସ ଏହି ବିଷୟକୁ ସଂଯୋଜନା କରିଥିଲେ।

ଦକ୍ଷିଣ ଆଫ୍ରିକାର ଚର୍ଚ୍ଚିତ ମିଡିଲ ଡିଷ୍ଟାନ୍ସ ରନର କାଷ୍ଟର ସିମେନ୍ୟାଙ୍କଠାରୁ ଏହି ଆଲୋଚନାଚକ୍ର ଆରମ୍ଭ ହୋଇଥିଲା। ୨୦୦୯ରେ ସିମେନ୍ୟା ଶରୀରରେ ଅଧିକ ମାତ୍ରାରେ ଟେଷ୍ଟୋଷ୍ଟେରନ ଥିବା ଯୋଗୁ ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ ଫେଡେରେଶନ (ଆଇଏଏଏଫ୍) ଦ୍ୱାରା କିପରି ତାଚ୍ଛଲ୍ୟ ହୋଇଥିଲେ ତାହା ଆଲୋଚନା ହୋଇଥିଲା। ହରମୋନ ଥେରାପି ଦ୍ୱାରା ସିମେନ୍ୟାଙ୍କୁ ଟେଷ୍ଟୋଷ୍ଟେରନ କମାଇବାକୁ କିମ୍ବା ଆଥ୍‌ଲେଟିକରୁ ଅବସର ନେଇଯିବାକୁ ଆଇଏଏଏଫ୍ ପକ୍ଷରୁ କୁହାଯାଇଥିଲା। ତେବେ ୨୭ ବର୍ଷୀୟା ଏହି ଆଫ୍ରିକାନ ରନର୍ ଦୀର୍ଘ ବର୍ଷର ସଂଘର୍ଷ ପରେ କିପରି ରିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ (୮୦୦ ମିଟର) ଜିତି ଦେଶର ହିରୋ ବନିଛନ୍ତି ଏହା ଉପରେ ଅତିଥିମାନେ ମତ ରଖିଥିଲେ।

ଅପରପକ୍ଷରେ ତାମିଲନାଡୁ ଜନ୍ମିତ ଆଥ୍‌ଲେଟ୍ ଶାନ୍ତି ଦୋହାରେ ଅନୁଷ୍ଠିତ ୨୦୦୬ ଏସିଆନ ଗେମ୍ସର ୮୦୦ ମିଟର ଦୌଡ଼ରେ ଦ୍ୱିତୀୟ ସ୍ଥାନରେ ରହି ଦେଶ ପାଇଁ ରୌପ୍ୟ ପଦକ ଜିତିଥିଲେ। କିନ୍ତୁ ପରେ ତାଙ୍କ ଦେହରେ ପୁରୁଷ ହରମୋନ ଅଧିକ ଥିବା ଅଭିଯୋଗରେ ରୌପ୍ୟ ପଦକ କିପରି ଫେରାଇ ନିଆଯାଇଥିଲା ତାହା ଉପରେ ଶାନ୍ତି ବର୍ଣ୍ଣନା କରିଥିଲେ। 'ଦୋହାରେ ପଦକ ଜିତିବା ପରେ ମୋତେ ସିଧା ରୁମ୍‌କୁ ନିଆଯାଇ ସେଠାରେ କିଛି ପୁରୁଷ ମେଡିକାଲ ଅଫିସରଙ୍କ ଆଗରେ ଡ୍ରେସ ଖୋଲାଯାଇଥିଲା। କିଛି ଘଣ୍ଟା ଏହିପରି ବିବସ୍ତ୍ର ରହିବା ପରେ ମୋ ପଦକ ଛଡ଼ାଇ ନେଇ ସ୍ୱଦେଶ ପଠାଇ ଦେଇଥିଲେ' ବୋଲି ଶାନ୍ତି କହିଛନ୍ତି। ସେହିଭଳି ଏହି ଘଟଣା ପରେ ଦୈନନ୍ଦିନ ଜୀବନରେ କିପରି ନାନା ସମସ୍ୟାର ସମ୍ମୁଖୀନ ହେଲେ ତାହା ପ୍ରକାଶ କରିଥିଲେ। 'ଏହି ବିବାଦ ପରେ ମୋ କ୍ୟାରିୟରର ଏକପ୍ରକାର ଅବସାନ ଘଟିଥିଲା। ଦୈନନ୍ଦିନ ଜୀବନରେ ମୋତେ ନାନା ସମସ୍ୟାର ସମ୍ମୁଖୀନ ହୋଇଥିଲି। ଲୋକମାନେ ଭିନ୍ନ ଦୃଷ୍ଟିରେ ଦେଖିବାକୁ ଲାଗିଲେ। ଏପରିକି ଦିନରେ ମୁଁ ବାହାରକୁ ବାହାରିପାରି ନ ଥିଲି। ସନ୍ଧ୍ୟା ଓ ରାତି ସମୟରେ ମୁଣ୍ଡରେ କପଡ଼ା ଗୁଡ଼ାଇ ଯିବାକୁ ପଡୁଥିଲା। ସେହିଭଳି ବସ୍‌ରେ ଯାତ୍ରା କରିବା ସମୟରେ ନିଜକୁ ମହିଳା ପରିଚୟ ଦେଇ ଯାତାୟତ କରିବାରେ ମଧ୍ୟ ଅସୁବିଧା ହୋଇଥିଲା' ବୋଲି ଶାନ୍ତି କହିଛନ୍ତି। ସେହିଭଳି ଏହି ସମୟରେ ଏକ ଅନ୍ତର୍ଜାତୀୟ ଗଣମାଧ୍ୟମ ସିଧାସଳଖ ମୁଁ ମହିଳା ନୁହେଁ ବୋଲି ଖବର ପ୍ରକାଶ କରିଥିଲା, ଯାହା ମୋତେ ମାନସିକସ୍ତରରେ ଭାଙ୍ଗି ଦେଇଥିଲା ବୋଲି ସେ କହିଛନ୍ତି। 'ଗଣମାଧ୍ୟମ ହେଉଛି ବିଶ୍ୱର ସର୍ବବୃହତ ସଂସ୍ଥା। ଯଦି ସେମାନେ ଏହି ନିୟମ ବିରୋଧରେ ଲଢ଼େଇ କରି ମୋତେ ପଦକ ଫେରାଇବାରେ ସହାୟକ ହୁଅନ୍ତି ତେବେ ଏହା ମୋ ପ୍ରତି ଶ୍ରେଷ୍ଠ ନ୍ୟାୟ' ହେବ ବୋଲି ତାମିଲନାଡୁର ଏହି ଆଥ୍‌ଲେଟ୍ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଏହି ବିଷୟରେ ଅନ୍ୟତମ ଅତିଥିଭାବେ ଯୋଗଦେଇଥିବା ଅଷ୍ଟ୍ରେଲିଆର ମେଡ୍‌ଲିନ ପେପ୍ ଆଇଏଏଏଫ୍‌'ର ଏହି ନିୟମକୁ ତ୍ରୁଟିପୂର୍ଣ୍ଣ ବୋଲି କହିଛନ୍ତି। '୨୦୦ ଓ ୪୦୦ ମିଟର ରେସରେ ଯେଉଁଭଳି ଏହି ହାଇପର୍‌ଆଣ୍ଡ୍ରୋଜେନିଜମ ନିୟମକୁ କୋହଳ କରାଯାଇଛି, ସେହିଭଳି ୮୦୦ ଓ ୧୫୦୦ ମିଟରରୁ ଏହାକୁ ଉଠାଇ ଦିଆଯାଉ' ବୋଲି ପୋପ୍ ଏହି ଅବସରରେ କହିଥିଲେ। ଓଡ଼ିଆ ଆଥ୍‌ଲେଟ୍ ଦୂତୀ ଚାନ୍ଦ, ପିଙ୍କି ପାରମାଣିକ ପ୍ରମୁଖ ଏହି ନିୟମ ଦ୍ୱାରା କ୍ୟାରିୟରରେ ନାନା ସମସ୍ୟାର ସମ୍ମୁଖୀନ ହୋଇଥିବାନେଇ ମଧ୍ୟ ଏଥିରେ ଆଲୋଚନା ହୋଇଥିଲା।



'ହାଇପର୍‌ଆଣ୍ଡ୍ରୋଜେନିଜମ: ଗୋଟିଏ ଶବ୍ଦ, ଅନେକ ମତ' ଶୀର୍ଷକ ଆଲୋଚନା ଅବସରରେ (ବାମରୁ) ସଂଯୋଜକ ସୁପ୍ରିତା ଦାସ, ଗୋପୀ ଶଙ୍କର ଏମ୍., ଶାନ୍ତି ସୁନ୍ଦରାଜନ, ଓ ମେଡଲିନ ପେପ୍।

# ଓଡ଼ିଶା ୩୨୪: ହରିୟାଣା ୨୩୯/୩

**ଭୁବନେଶ୍ୱର, ୨।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କିଟ୍ ଷ୍ଟାଡିୟମଠାରେ ଚାଲିଥିବା ରଣଜୀ ଟ୍ରଫି ମ୍ୟାଚରେ ଓଡ଼ିଶା ପ୍ରଥମ ଇନିଂସରେ ୩୨୪ ରନ କରିଛି। ଜବାବରେ ହରିୟାଣା ଶୁକ୍ରବାର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୩ ଉଇକେଟ ବିନିମୟରେ ୨୩୯ ରନ କରିଛି। ଦଳ ପକ୍ଷରୁ ହିମାଂଶୁ ରାଣା ୧୧୩ ଏବଂ ପ୍ରମୋଦ ଚାଣ୍ଡିଲା ୩୪ ରନ କରି ଅପରାଜିତ ରହିଛନ୍ତି। ଦଳ ପକ୍ଷରୁ ଅନ୍ୟତମ ସଫଳ ବ୍ୟାଟ୍ସମ୍ୟାନ ଭାବେ ଚୈତନ୍ୟ ବିଶ୍ନୋଇ ୭୫ ରନ କରିଛନ୍ତି। ଘରୋଇ ଦଳ ପକ୍ଷରୁ ରାଜେଶ ମହାନ୍ତି ୨ ଏବଂ ଦେବବ୍ରତ ପ୍ରଧାନ ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି। ହରିୟାଣା ଓଡ଼ିଶାର ପ୍ରଥମ ଇନିଂସ ସ୍କୋରଠାରୁ ଆହୁରି ୮୫ ରନ ପଛରେ ରହିଛି। ଶୁକ୍ରବାର ଓଡ଼ିଶା ପୂର୍ବଦିନର ଅସମାପ୍ତ ସ୍କୋର ୨୩୨/୬ରୁ ଖେଳ ଆରମ୍ଭ କରିଥିଲା। ଦଳ ଆଉ ୯୨ରନ ଯୋଗ କରି ଅବଶିଷ୍ଟ ୪ଉଇକେଟ ହରାଇଥିଲା। ଗୁରୁବାର ପ୍ରଥମ ଦିବସ ଖେଳରେ ଯଥାକ୍ରମେ ୩୦ ଓ ୭ ରନ କରି ଅପରାଜିତ ରହିଥିବା ଶାନ୍ତନୁ ମିଶ୍ର ଓ ଦେବବ୍ରତ ପ୍ରଧାନ ଯଥାକ୍ରମେ ୭୧ ଓ ୩୬ ରନ କରି ଆଉଟ ହୋଇଯାଇଥିଲେ। ଉଭୟେ ୭ମ ଉଇକେଟରେ ୬୦ ରନ ଯୋଗ କରିପାରିଥିଲେ। ଦେବବ୍ରତ ଟିନୁ କୁଣ୍ଡୁଙ୍କ ଦ୍ୱାରା ବୋଲ୍ଡ ହେବା ପରେ ସୂର୍ଯ୍ୟକାନ୍ତ ପ୍ରଧାନ ବ୍ୟାଟିଂ କରିବାକୁ ଆସିଥିଲେ। ମାତ୍ର ସେ ୧ରନ କରି ଜୟନ୍ତ ଯାଦବଙ୍କ ବଲ୍‌ରେ ହର୍ଷଲ ପଟେଲଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ଅନ୍ତିମ ବ୍ୟାଟ୍ସମ୍ୟାନ ଭାବେ ଆଉଟ ହୋଇଥିବା ଶାନ୍ତନୁ ୯ମ ଉଇକେଟରେ ରାଜେଶ ମହାନ୍ତି (୧୬) ଙ୍କ ସହ ୪୨ ଏବଂ ପପୁ ରାୟ (୧*)ଙ୍କ ସହ ୧୦ ଉଇକେଟରେ ୩ ରନ ଯୋଗ କରିଥିଲେ। ହରିୟାଣା ତରଫରୁ ଟିନୁ କୁଣ୍ଡୁ ସବୁଠାରୁ ସଫଳ ବୋଲର ଭାବେ ୫୧ ରନ ବିନିମୟରେ ୪ଟି ଉଇକେଟ ନେଇଥିବାବେଳେ ମୋହିତ ଶର୍ମା ଓ ହର୍ଷଲ ପଟେଲ ୨ଟି ଲେଖାଏଁ ଏବଂ ଅଜିତ ଚହଲ ଓ ଜୟନ୍ତ ଯାଦବ ଗୋଟିଏ ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ।



ହିମାଂଶୁ ରାଣା

**ସଂକ୍ଷିପ୍ତ ସ୍କୋର**

**ଓଡ଼ିଶା ପ୍ରଥମ ଇନିଂସ:** ୧୧୨.୨ ଓଭରରେ ୩୨୪/ଅଲଆଉଟ ( ଅନୁରାଗ ଷଡ଼ଙ୍ଗୀ-୧୧୪, ଶାନ୍ତନୁ ମିଶ୍ର-୭୧, ଦେବବ୍ରତ ପ୍ରଧାନ-୩୬; ଟିନୁ କୁଣ୍ଡୁ-୪/୫୧, ମୋହିତ ଶର୍ମା-୨/୬୩, ହର୍ଷଲ ପଟେଲ-୨/୭୨)।

**ହରିୟାଣା ପ୍ରଥମ ଇନିଂସ:** ୬୫ ଓଭରରେ ୨୩୯/୩ (ହିମାଂଶୁ ରାଣା-୧୧୩*, ଚୈତନ୍ୟ ବିଶ୍ନୋଇ-୭୫, ପ୍ରମୋଦ ଚାଣ୍ଡିଲା-୩୪*; ରାଜେଶ ମହାନ୍ତି-୨/୩୬, ଦେବବ୍ରତ ପ୍ରଧାନ-୧/୪୯)।

## ଜାତୀୟ ଦଳରେ ୩ ଓଡ଼ିଆ

**କଟକ ଅଫିସ, ୨।୧୧**

୨୦୨୦ରେ ହେବାକୁ ଥିବା ଅଲିମ୍ପିକ୍ସ ମହିଳା ଫୁଟବଲ ଟୁର୍ନାମେଣ୍ଟ ନିମନ୍ତେ ମ୍ୟାନମାର ଠାରେ ନଭେମ୍ବର ୮ରୁ ୧୩ତାରିଖ ପର୍ଯ୍ୟନ୍ତ ଏସିଆ ଦଳଗୁଡ଼ିକୁ ନେଇ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ। ଏଥି ନିମନ୍ତେ ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ୍(ଏଆଇଏଫ୍ଏଫ୍) ପକ୍ଷରୁ ଘୋଷଣା କରାଯାଇଥିବା ଭାରତୀୟ ସିନିୟର ମହିଳା ଫୁଟବଲ ଦଳରେ ୩ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ପୂର୍ବତଟ ରେଳପଥର ମନୀଷା ପାନ୍ନା, ସ୍ପୋର୍ଟ୍ସ ହଷ୍ଟେଲର ଜବାମଣି ଟୁଡୁ ଓ ସୁନ୍ଦରଗଡ଼ର ପ୍ୟାରୀ ଖାଖା। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ସଞ୍ଜୟ ବେହେରା ଏହି ୩ ଜଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ରାଜ୍ୟ ସ୍ନୁକର, ବିଲିୟାର୍ଡ୍ସ ଆରମ୍ଭ

**କଟକ ଅଫିସ, ୨।୧୧**

କଟକ କ୍ଲବ ପରିସରରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଉଭୟ ଜୁନିୟର, ସିନିୟର ବିଲିୟାର୍ଡ୍ସ ଓ ସ୍ନୁକର ରାଜ୍ୟ ଚାମ୍ପିୟନଶିପ୍। ଦି ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା(ବିଏସ୍ଏଓ) ଆନୁକୂଲ୍ୟରେ ଅନୁଷ୍ଠିତ ଏହି ର୍ୟାଙ୍କିଙ୍ଗ୍ ପ୍ରତିଯୋଗିତା ୧୬ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାର ସିନିୟର ସ୍ନୁକର ବିଭାଗରେ ୩୬ ଜଣ, ସିନିୟର ବିଲିୟାର୍ଡ୍ସରେ ୭ଜଣ, ଜୁନିୟର ସ୍ନୁକରରେ ୫ଜଣ ଓ ଜୁନିୟର ବିଲିୟାର୍ଡ୍ସରେ ୨ ଜଣ ଅଂଶଗ୍ରହଣ କରିବାକୁ ନାମ ପଞ୍ଜୀକରଣ କରିଛନ୍ତି। ସିନିୟର ସ୍ନୁକର ପ୍ରତିଯୋଗିତାର ଶ୍ରେଷ୍ଠ ୩ଜଣ, ସିନିୟର ବିଲିୟାର୍ଡ୍ସ ପ୍ରତିଯୋଗିତାର ଶ୍ରେଷ୍ଠ ୨ଜଣ ଖେଳାଳି ରାଜ୍ୟ ପକ୍ଷରୁ ଆସନ୍ତା ଜାତୀୟ ଚାମ୍ପିୟନଶିପ୍‌ରେ ଅଂଶ ଗ୍ରହଣ କରିବେ ।




| Models | Hexa | Tigor | Tiago | Nexon |
|---|---|---|---|---|
| Ex-Showroom price starts at | ₹12.57 Lakh* | ₹5.30 Lakh* | ₹4.24 Lakh* | ₹6.40 Lakh* |
| November benefits up to | ₹1,00,000* | ₹70,000* | ₹40,000* | ₹55,000* |

Authorised TATA Motors Dealers:
BHUBANESWAR- Shree Bharat Motors- 8884498977, Trupti Enterprises- 8527232272
PURI - Trupti Enterprises- 8527232272. NAYAGARH- Trupti Enterprises- 8527232272.
PARADIP- Trupti Enterprises- 8527232272, CUTTACK- Gugnani Autocars: 9667952020.

Offer valid on select model/colour and on available stocks at Tata Motors authorized dealerships. Benefits include insurance, exchange bonus, savings due to expected price hike, corporate offers & cash discounts if any. Images and illustrations are indicative & for information purposes only. All features/specifications are not available in all variants & may vary for different variants. Accessories may or may not be a part of standard fitment. Finance is at the sole discretion of the Financier. Price is Ex-showroom Bhubaneswar. *All disputes and decisions regarding Festival of Gifts are at the sole discretion of Tata Motors Ltd. and Channel Play Ltd. Terms & Conditions apply.




*ସର୍ତ୍ତାବଳୀ: ଏହି ଅଫର କେବଳ ବଛା ବଛା ଉତ୍ପାଦରେ ଉପଲବ୍ଧ । ଏହି ଅଫର କୁଚିନାର କୁକ୍ ଟପ୍ ଓ ଅନ୍ୟ ଛୋଟ ଆପଲାଏନ୍ସ ରେଞ୍ଜ ର କ୍ରୟ ଉପରେ ଉପଲବ୍ଧ ନାହିଁ । ଦର୍ଶାଯାଇଥିବା ଚିତ୍ର କେବଳ ନିଦର୍ଶନ ପାଇଁ । ରଙ୍ଗ ଓ ମଡେଲ ଭିନ୍ନ ହୋଇପାରେ ।

Authorised Retailer: Central Odisha : PURI, BHUBANESWAR, KHURDA, NAYAGARH, BALUGAON, KAKATPUR: DIPAK:9439365422, ANUP: 9438303507, BIJAYA:8280083418, SOUTH ODISHA: BERHAMPUR, BHANJANGAR, RAYAGADA, JEYPORE, SIMILIGUDA, KORAPUT, MALKANGIRI, NABARANGPUR, BHAWANIPATANA. PHULBANI, BUGUDA: DIPAK: 9439365422, SUKANTA: 9438014722, Costal Odisha : CUTTACK, PARADEEP, JAGASINGPUR, KENDAPADA,ANUGUL, DHENKANAL, TALCHER: ASWINI: 8763193670, SIBANANDA: 9853631877, Western Odisha : SAMBALPUR, ROURKELA, JHARSUGUDA, SUNDARGARH, RAJGANGPUR, BARGARH, BOLANGIR: ASWINI: 8763193670, North Odisha : BALASORE, BARIPADA, RAIRANGPUR,KARANJIA, JODA, BARBIL, JALESWAR, BHADRAK,KEONJHAR: SHIBA:7978937351.
FOR TRADE ENQUIRY- 9437055920, 9438506791.
For Sales : kutchinabbsr@rediffmail.com / For Service : kutchinaservice@gmail.com
Follow us on: Kutchinaconnect / customercare@kutchina.com TOLL FREE NO. : 1800 4197 333




FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com, Authorised Main Dealers: BHUBANESWAR: Ashirbad TVS, Ph.: 7735341866, Jyote TVS, PH.: 7735180749, 3S TVS, Ph : : 8860629978. PURI: Krishna TVS, Ph.: 9861049633. CUTTACK: Arnapurna TVS, Ph.: 9778422980, Sai Durga TVS, Ph: 9937117562. KENDRAPADA: Samir TVS, Ph.: 8260133307. RAHAMA: Senapati TVS, Ph.: 7735969743. JAJPUR ROAD: Subash TVS, Ph.:7735911808. NAYAGARH: Kumar TVS, Ph.: 9778728751. CHANDIKHLOE : Sasmita TVS, Ph : 8860793803. Authorised Dealers: CRP Square, Bhubaneswar, Samir Motors, Ph.: 0674-2563343, 7537035786; Kakatpur, Manish Automobiles, Ph.: 9437112054/06758-231053; Khurda, Swastik Automobiles, Ph.: 9861128283, 06755-223244; Baghamari, Maa Mangala Automobiles, Ph.: 9238107505; Jagatpur, Sonu Motors, Ph.: 9861006854/9337268787; Pattamundai, Shree Durga Auto, Ph.: 9938602209;Jajpur Town, Shyama Motors, Ph.: 9438366160; Mangalpur, Sanji Motor, Ph : 9853486660; Balipatna, Rita Automobiles, Ph. :0674-2462999, 9338200392; Khandagiri, Sai Auto World, Ph : 0674-2351766, 9338869966(Showroom);Athagarh, Siva Motors, Ph.: 9853429148; Salepur, Sarala Motors, Ph.: 8018556514; Pipli, Jagannath Motors, Ph.: 8093219941; Delang, Ranjana Automobiles, Ph : 9090214582; Jagatsinghpur, Gita Motors, Ph.: 06724-222717, 9778802623; Raj Sunakhala, Arnapurna Motors, Ph.: 7873510025; Daspalla, Bijayalaxmi Motors, Ph.: 9437354285; Rohibank, Maa Laxmi Automobiles, Ph : 9090507765; Kalapathar, Durgananda Communication, Ph : 9776942339;Ranpur, Omm Automobiles, Ph : 9778520193; Paradip, Abhishek Motors, Ph.: 9937392207; Nuapatana, Sandeep Motors, Ph.: 9937019555; Banki, Charchika Motors, Ph.: 9937015536; Jatani, Susil Automobiles, Ph : 8093198397; Balugaon, Satya Narayan Motors, Ph : 9937886712; Singhpur, Sai Motors, Ph : 9439002157; Duburi, Jayshree Motors, Ph : 9439176344; Kujang, Iniva Motors, Ph : 9178402368; Garadpur, Swarnakanti Motors, Ph : 9178194288; Nirakarpur, J K Motors, Ph : 9658971360, 06756-252360; Trisuliya, Ideal Motors, Ph : 9437586155, Khandapada, Spandan Automobiles, Ph : 9853479471, 9937153901; Uttara, Bhubaneswar, Jyote Uttara, Ph : 7440030006; Erasama, Krishna Motors, Ph : 9937084847; Krushnanandapur, Ashhad Motors, Ph : 9237066573; Niali, Bharat Automobiles, Ph : 0671-2803357, 9040091921; Puranakatak, Bhairabi Automobiles, Ph : 7873727545, 9439071610; Chandpur, Rashmi Agency, Ph : 9658866993, 9337112565, 9439333723; Sakhigopal, Jagannath Auto, Ph : 9861150706; Nimapara, Ustav Automobiles, Ph : 06758-252044, 9438742101; Konark, Konark Automobiles, Ph : 9078802288; Balichandrapur, Sarthak Motors, Ph : 9439200714; Anandpur, Adyasha Motor, Ph : 9438366880; Nachuni : Shree Traders, Ph : 9337788799, 7008225699; Laxmi Automobiles, Narasinghpur, Ph : 9238545610; Sai Motors, Marshaghai, Ph : 9938837705; Sai Damodar Associates, Kandarpur, Ph : 0671-2802345, 9090098000; Phulnakhara, Dhaitree Associates, Ph : 0671-2356967, 7440037801; Kuakhia, Subas Automobiles, Ph : 8114398333; Bari, L.S.Motors, Ph : 8917596087; Balianta, Pratikshya Motors, Ph : 7328080807; Mandarbasta, Soumya Auto, Ph : 9776483333; Nischintakoili, Gopinath Automobiles, Ph : 9090889132; Chandol, S B Motors, Ph : 9437108541; Brahmabarada, Friends Automobile, Ph : 9668166377, 7008050051.
McCann/Blr/Tvs/1093/10/18



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ


Panasonic
ପାଳନ କରୁଛୁ
100 ବର୍ଷ
100+ ଦିନର
ଉତ୍ସବକାଳ ସହିତ
#ସବୁଠାରୁ ବଡ଼ ଉତ୍ସବ
7 ସେପ୍ଟେମ୍ବର, 2018 – 25 ଡିସେମ୍ବର, 2018
ମେଗା ଫେଷ୍ଟିଭ୍ ଅଫର୍
ସ୍ପେଶିଆଲ୍ ଫେଷ୍ଟିଭ୍ କମ୍ବୋ ପାଇଁ ଶପ୍ କରନ୍ତୁ ଏବଂ
– ବଞ୍ଚାନ୍ତୁ ଟ. 2 ଲକ୍ଷ! –
ଟ. 47 200 ମୂଲ୍ୟର ୱାରେଣ୍ଟି ସାମିଲ
10% Additional Cashback upto ₹5 000
4K TV
Fabulous viewing with Super Bright Picture Quality
FX730
FX650
FX600
LED TV
Immerse yourself in amazing picture quality
F200
SMART TV
Convenient and easy-to-use Smart Features
FS630
FS600
ସାଉଣ୍ଡ ସିଷ୍ଟମ୍‌ସର ଆକର୍ଷକ ରେଞ୍ଜ୍ ଟ.4 290 ରୁ ଆରମ୍ଭ
SC-UA7
SC-UA 30
SC- HT30
SC- UX100
ଫାଇନାନ୍ସ ଅଫର୍ସ
Get 10% cashback* on Credit Card EMI
saving worth ₹3 000
Max. cashback ₹5 000
Your ONE EMI is on us
Available at: Panasonic Panasonic For further details, please visit the nearest Panasonic authorised dealer.
Registered Office: Panasonic India Pvt. Ltd., 12th Floor, Ambience Tower, Ambience Island, NH-8, Gurugram -122002, Haryana, India. Tel.: +91-124-4871300.


Reliance Growth is Life
ଦିପାବଳୀର ଶୁଭେଚ୍ଛା
ଫେଷ୍ଟିଭାଲ୍ ଅଫ୍ ଇଲୋକ୍ଟ୍ରନିକ୍ସ
NOW OPEN AT
ANGUL, SHANKAR CINEMA ROAD & VIP ROAD, PURI
Reliance digital
PERSONALISING TECHNOLOGY
10% କ୍ୟାଶ୍‌ବ୍ୟାକ୍*
Offer valid from 3rd - 11th November
ଏବେ କିଣାକିଣି କରନ୍ତୁ RELIANCEDIGITAL.IN ରେ ବି
Jio ଡିଜିଟାଲ୍ ଲାଇଫ୍ ଅଫର୍
100% ଇନ୍‌ଷ୍ଟାଣ୍ଟ କ୍ୟାଶ୍‌ବ୍ୟାକ୍ ସବୁ ଜିଓ ରିଚାର୍ଜ ରେ
XIAOMI REDMI 6 STARTING FROM ₹8 499/-
SAMSUNG J7 Prime 2 ₹10 990/- ₹10 000/-
XIAOMI REDMI 6 Pro STARTING FROM ₹11 499/-
SAMSUNG A7 STARTING FROM ₹23 990/-
iPHONE iPhone 6s 32 GB ₹25 300/- Price after 10% Cashback*
OFFER ₹2 200/- Jio Cashback*
32 LED TV ₹10 990/- 2 YEARS WARRANTY*
55 RECONNECT UHD LED TV ₹37 990/- 2 YEARS WARRANTY
OFFER POWERFUL SOUND FOR YOUR TV Soundbar worth ₹10 000/-
QLED TV
SAMSUNG UPSIZE NOW
65 EMIs of ₹6 000/-
55 EMIs of ₹5 000/-
49 EMIs of ₹4 000/-
Upto 15% ADDITIONAL CASHBACK
OLED TV
SONY
65 EMIs of ₹6 500/-
55 EMIs of ₹5 500/-
Upto 10% ADDITIONAL CASHBACK
SPECIAL FESTIVAL OFFER
ONLY AT RELIANCE DIGITAL
RECONNECT 8 kg SEMI AUTOMATIC ₹6 990/-
LG 6.5 kg TOP LOAD ₹19 990/- EMIs of ₹1 666/-
SAMSUNG 6.5 kg FRONT LOAD FULLY AUTOMATIC ₹25 990/- EMIs of ₹2 166/-
10 YEARS MOTOR WARRANTY
WHIRLPOOL 200 L DIRECT COOL ₹14 990/- EMIs of ₹1 249/-
LG 190 L ₹16 990/- EMIs of ₹1 416/-
SAMSUNG 253 L ₹22 490/- EMIs of ₹1 874/-
ACER E5-576 ₹29 749/-
Buy A Laptop And Get 61 cm (24) LED TV
HP DR1000TX OFFER ₹60 999/- EMIs of ₹6 778/-
20 GB MEMORY
ଏକ୍ସଚେଞ୍ଜ ସ୍ୱାରଣ୍ଟି
ବ୍ରାଣ୍ଡମାନଙ୍କ ପାଇଁ ସର୍ଭିସିଙ୍ଗ ଓ ରିପେୟରିଙ୍ଗ
ପେଶାଦାର ଇନ୍-ହୋମ୍ ଇନ୍‌ଷ୍ଟଲେଶନ୍
ଫାଇନାନ୍ସ ରେ 10% ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍

# ଯୁବତୀଙ୍କୁ ପୋଡ଼ି ମାରିବାକୁ ଉଦ୍ୟମ

**ମାହାଙ୍ଗା,୨।୧୧(ସ୍ୱ.ପ୍ର.)**

**ମାହାଙ୍ଗା ଥାନା**
- ଅପହରଣ ପରେ ୨୦ ଦିନ ଧରି ନିର୍ଯାତନା ଦେଉଥିଲେ
- ଖସି ଆସିବା ପରେ ଉଦ୍ଧାର କଲା ପୋଲିସ

ମାହାଙ୍ଗା ଥାନା ଅଧୀନ ଜୟପୁର ଫାଣ୍ଡି ଅଞ୍ଚଳର ଜଣେ ଯୁବତୀଙ୍କୁ ୪ ଯୁବକ ଅପହରଣ କରିନେବା ସହ ୨୦ ଦିନ ଧରି ବିଭିନ୍ନ ସ୍ଥାନରେ ରଖି ଶାରୀରିକ ଓ ମାନସିକ ନିର୍ଯାତନା ଦେଇଛନ୍ତି। ଏଥିସହ ପେଟ୍ରୋଲ ଢାଳି ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ ବୋଲି ଯୁବତୀ ଜଣଙ୍କ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ଆରମ୍ଭ କରିଛି। ହେଲେ ଏ ପର୍ଯ୍ୟନ୍ତ ମାମଲା ରୁଜୁ ହୋଇନାହିଁ।

ସୂଚନା ଅନୁସାରେ, ୨୫ ବର୍ଷୀୟ ଯୁବତୀ ଜଣକ ସାଲେପୁରରୁ ସ୍କୁଟି ଯୋଗେ ଅକ୍ଟୋବର ୧୩ ତାରିଖ ଦିନ ଘରକୁ ଫେରୁଥିଲେ। ଏହି ସମୟରେ ମାହାଙ୍ଗା ଥାନା କଲ୍ୟାଣପୁର ଗ୍ରାମର ଶେଷ ମୁଣ୍ଡରେ ଏକ କାରରେ ୪ ଯୁବକ ଆସି ତାଙ୍କୁ ଜୋର ଜବରଦସ୍ତ ନେଇ ଯାଇଥିଲେ। ଏପରି କି ଯୁବତୀଙ୍କ ନିକଟରେ ଥିବା ମୋବାଇଲ ଏବଂ ସ୍କୁଟିକୁ ଛଡାଇ ରଖିଥିଲେ। ସେଠାରେ ୪ ଦିନ ରଖି ନିର୍ଯାତନା ଦେବାସହ ବନ୍ଦ କୋଠରିରେ ନଜର ବନ୍ଦୀ ରଖିଥିଲେ। ଏହାପରେ ଅନ୍ୟତ୍ର ଏକ ଅଜଣା ସ୍ଥାନକୁ ନେଇଥିଲେ। ପୁନର୍ବାର ଅକ୍ଟୋବର ୩୧ ତାରିଖ ଦିନ ଅନ୍ୟ ଏକ ସ୍ଥାନର ବନ୍ଦ କୋଠରିରେ ରଖିଥିଲେ। ତେବେ କୌଶଳ କ୍ରମେ ଗୁରୁବାର ରାତିରେ ଯୁବତୀ ଜଣଙ୍କ ସେଠାରେ ଥିବା ତାଙ୍କ ମୋବାଇଲ ଫୋନ ଧରି ବାହାରକୁ ଚାଲି ଆସିଥିଲେ। ଏହି ସମୟରେ ସମ୍ପୃକ୍ତ ଯୁବକମାନେ ତାଙ୍କୁ ଧରିବାକୁ ଚେଷ୍ଟା କରିବା ସହ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଏଥିରେ ଜଣେ ମହିଳା ସମ୍ପୃକ୍ତ ଥିଲେ। ଘଟଣା ନେଇ ସମ୍ପୃକ୍ତ ଯୁବତୀ ମାହାଙ୍ଗା ଥାନା ଅଧିକାରୀଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ଏହାପରେ ଜୟପୁର ଫାଣ୍ଡି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରି ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

## ସଂକ୍ଷେପରେ

### ଧରିତ୍ରୀ ପାଇବ ଶ୍ରେଷ୍ଠ ପିପୁଲ ଫ୍ରେଣ୍ଡଲି ମିଡିଆ ଆୱାର୍ଡ

**କଟକ ଅଫିସ, ୨।୧୧:** ରୂପନଗର ମାୟାନଗରୀ ପକ୍ଷରୁ ଆସନ୍ତା ଡିସେମ୍ବର ୬ ତାରିଖରେ କଟକ ଶହୀଦ ଭବନଠାରେ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ସିନେଜଗତ ସମେତ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ। ଏଥିସହିତ ଛାପାଗଣମାଧ୍ୟମ ଧରିତ୍ରୀ ଚଳିତବର୍ଷ ଶ୍ରେଷ୍ଠ ପିପୁଲ ଫ୍ରେଣ୍ଡଲି ମିଡିଆ ଆୱାର୍ଡ ପାଇବାକୁ ମନୋନୀତ ହୋଇଛି ବୋଲି ଆୟୋଜକଙ୍କ ତରଫରୁ କଟକ ବକ୍ସିବଜାରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏଭଳି କାର୍ଯ୍ୟକ୍ରମ ପ୍ରତିଭାବାନ ବ୍ୟକ୍ତିମାନଙ୍କୁ ସମ୍ମାନିତ କରିବା ଏବଂ ପୁରସ୍କାର ପାଇବାକୁ ଯାଉଥିବା ବିଭିନ୍ନ ସଙ୍ଗଠନକୁ ସମାଜସେବା କ୍ଷେତ୍ରରେ ଉତ୍ସାହିତ କରିବାର ଏକ ଛୋଟ ପ୍ରୟାସ ବୋଲି ଆୟୋଜକ ବିକ୍ରମ କେଶରୀ ରାୟ କହିଛନ୍ତି।

### ଯୁବ ସଂଗଠକଙ୍କ ଜନସମ୍ପର୍କ ପଦଯାତ୍ରା




**ଡିଗିରିଆ,୨।୧୧(ଡି.ଏନ.ଏ.):** ଆଠଗଡ଼ର ବିଜେଡି ଯୁବ ସଂଗଠକ ଅଭୟ କୁମାର ବାରିକଙ୍କ ନେତୃତ୍ୱରେ ଶୁକ୍ରବାର ଡିଗିରିଆ ବ୍ଲକରେ ଏକ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିନ୍ଧାଣିମା ଗ୍ରାମ ବାଇପାସ ମଙ୍ଗଳା ମନ୍ଦିରଠାରୁ ନିଜର ସମର୍ଥକଙ୍କ ସହ ବାରିକ ପଦଯାତ୍ରାରେ ବାହାରି ବିନ୍ଧାଣିମା ଓ ଗଦାଧରପୁର ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଅବତାରଣା କରିଥିଲେ। ଏଥିରେ ଅଭିରାମ ସାହୁ, ଅମରେନ୍ଦ୍ର ବେହେରା, ବାବୁଲି ରାଉତ, ଦୈତାରୀ ସାହୁ, ମନୋଜ ବେହେରା, ବିକ୍ରମ ଭଞ୍ଜ, ଲମ୍ବୋଦର ସିଠ, ବିଜୟଲକ୍ଷ୍ମୀ ଦଳେଇ, ନମିତା ଦଳେଇ, ତିଳୋତ୍ତମା ସାମଲ, ଗୀତାଞ୍ଜଳି ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଯୁବ ବିଜେଡି ସଂଗଠନର ପ୍ରମୁଖ ସହଯୋଗୀ ସରୋଜ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ



ନରସିଂହପୁର ଭାଜପା କର୍ମୀମାନେ ବ୍ଲକ କାର୍ଯ୍ୟାଳୟ ଘେରାଉ ପାଇଁ ଯାଉଛନ୍ତି।

**ନରସିଂହପୁର,୨।୧୧(ସ୍ୱ.ପ୍ର./ଡି.ଏନ.ଏ.)**

ଦୁର୍ନୀତି ଓ ପିସି କାରବାର ବନ୍ଦ ଦାବିରେ ଶୁକ୍ରବାର ନରସିଂହପୁର ବ୍ଲକ ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ନରସିଂହପୁର ଓ ବଡ଼ମ୍ବା ଅଞ୍ଚଳର ୨ହଜାରରୁ ଊର୍ଦ୍ଧ୍ୱ କର୍ମୀ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରୁ ପଦଯାତ୍ରାରେ ଟାଉନ ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ପ୍ରଥମଥର ଦଳ ପକ୍ଷରୁ ଏଭଳି ପଦଯାତ୍ରା ହୋଇଥିଲା। ବ୍ଲକର ସୁରକ୍ଷା ଦୃଷ୍ଟିରୁ ଗେଟ ଆଗରେ ସୁଉଚ୍ଚ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା। ଓଡିଶା ସ୍ୱତନ୍ତ୍ର ଆର୍ମ ଫୋର୍ସ, ଓଡିଶା ପୋଲିସର ୩ ପ୍ଲାଟୁନ ଫୋର୍ସ ସହିତ ଆଠଗଡ ଥାନା ଅଧିକାରୀ ପଦାରବିନ୍ଦ ତ୍ରିପାଠୀ, ବଡମ୍ବା ଥାନା ଅଧିକାରୀ ସସ୍ମିତା ରଣା, ନରସିଂହପୁର ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି, ଆଠଗଡ ଉପଖଣ୍ଡ ପୋଲିସ ଅଧିକାରୀ ପ୍ରକାଶ ଚନ୍ଦ୍ର ପାଲ, ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଶହ ଶହ କର୍ମୀ ସରକାରଙ୍କ ଅପରଗତା ବିରୋଧୀ ସ୍ଲୋଗାନ ଦେଇ ବ୍ଲକ କାର୍ଯ୍ୟାଳୟରେ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଭାଜପା ରାଜ୍ୟ ପ୍ରବକ୍ତା ପୀତାମ୍ବର ଆଚାର୍ଯ୍ୟ, ରାମ ନାରାୟଣ ମହାନ୍ତି, ମନୋଜ ପଣ୍ଡା, ସସ୍ମିତା ମହାପାତ୍ର, ମିନତୀ ଜେନା, ଜାହ୍ନବୀ ପ୍ରଧାନ, ଲିଙ୍ଗରାଜ ସେନାପତି ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଏହାପରେ ଦଳ ପକ୍ଷରୁ ବିଡିଓ ପ୍ରଶାନ୍ତ ତରାଇଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

**ସାଲେପୁର,(ଡି.ଏନ.ଏ.):** ସାଲେପୁର ବ୍ଲକ ଭାଜପା ପକ୍ଷରୁ ଜିଲା ସଭାପତି ଚୌଧୁରୀ ହେମନ୍ତ ସାହୁଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କର୍ମୀ ଶୋଭାଯାତ୍ରାରେ ସାଲେପୁର ବଜାର ପରିକ୍ରମା କରିବା ପରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଫାଟକ ନିକଟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ନାରାବାଜି କରିଥିଲେ। ମୁଖ୍ୟ ଅତିଥି ରାଜ୍ୟ ଭାଜପା ଉପସଭାପତି ନୟନ କିଶୋର ମହାନ୍ତି ଯୋଗଦେଇ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ସାରଦା ପ୍ରଧାନ ବିଜେଡି ସରକାର ଦୁର୍ନୀତିର ଚରମ ସୀମାରେ ପହଞ୍ଚିଛି ବୋଲି ଅଭିଯୋଗ କରିଥିଲେ। ଜିଲା ପ୍ରଭାରୀ କୁଳମଣି ବରାଳ, ରଶ୍ମିରଞ୍ଜନ ଲେଙ୍କା, ସତ୍ୟବାଦୀ ଚଇନି ପ୍ରମୁଖ ଉପସ୍ଥିତ ଥିଲେ।

# ବୁଣାକାର ସଚେତନତା ଶିବିର

**ଡିଗିରିଆ,୨।୧୧(ଡି.ଏନ.ଏ.)**

ଆଠଗଡ଼ ବୟନ ମଣ୍ଡଳ ପକ୍ଷରୁ ଶୁକ୍ରବାର ବୁଣାକାର ସଚେତନତା ଶିବିର ଓ ତନ୍ତ କର୍ମଶାଳା ନିର୍ମାଣ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂଆପାଟଣା ମା' ତାରିଣୀ ମହିଳା ରପ୍ତାନୀ ଯୋଗ୍ୟ ତନ୍ତୁ ବାୟ ସହଯୋଗ ସମିତି ପରିସରରେ ଅନୁଷ୍ଠିତ ଶିବିରରେ ଖୋର୍ଦ୍ଧା ବୟନ ମଣ୍ଡଳର ଉପନିର୍ଦ୍ଦେଶକ ଉତ୍ପଳ ଘୋଷ ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ବୁଣାକାରଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। ଆଠଗଡ଼ ବୟନ ମଣ୍ଡଳ ସହକାରୀ ନିର୍ଦ୍ଦେଶକ ଶିଶିର ନାଗଙ୍କ ପୌରୋହିତ୍ୟରେ ସମ୍ମାନିତ ଅତିଥି ଡିଗିରିଆ ବ୍ଲକ ଅଧ୍ୟକ୍ଷା ରୂପା ଦଳେଇ, ଉପାଧ୍ୟକ୍ଷ ଗୌରହରି ପରିଡ଼ା ଯୋଗଦେଇଥିଲା ବେଳେ ନୂଆପାଟଣା ସମିତିସଭ୍ୟ ସଞ୍ଜୟ କର, ଯୁବନେତା ମହେନ୍ଦ୍ର କୁଣ୍ଡୁ, ଅରୁଣ ନାୟକ ଓ ପ୍ରକାଶ କୁମାର ରାଉତ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡିଗିରିଆ ବ୍ଲକର ୨୬ଜଣ ବୁଣାକାରଙ୍କୁ ତନ୍ତ ଶାଳା ନିର୍ମାଣ ଲାଗି କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଶିବିରକୁ ଆଠଗଡ଼ ବୟନ ତତ୍ତ୍ୱାବଧାରକ ଅରୂପ କୁମାର ମହାନ୍ତି, ବୟନ ନିରୀକ୍ଷକ ଦାମୋଦର ମହାରଣା, ଅଶୋକ ପ୍ରଧାନ, ବୈଷୟିକ ସହାୟକ ଗୋପାଳ କୃଷ୍ଣ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ତନ୍ତୁବାୟ ସମିତି ସଭାନେତ୍ରୀ ସୁନିତା ଗୁଈଁ, ସମ୍ପାଦକ ବିଜୟ ସାହୁ ସହଯୋଗ କରିଥିଲେ।

# ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ରାସ୍ତାରୋକୋ

**ନିଶ୍ଚିନ୍ତକୋଇଲି,୨।୧୧(ସ୍ୱ.ପ୍ର.)**

**ଅସୁରେଶ୍ୱର ଉଚ୍ଚ ବିଦ୍ୟାଳୟ**
- ୩ ଦିନ ମଧ୍ୟରେ ସମାଧାନ କରିବାକୁ ଜିଲା ଶିକ୍ଷାଧିକାରୀଙ୍କ ପ୍ରତିଶ୍ରୁତି

ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ଅଧୀନ ଅସୁରେଶ୍ୱର ଉଚ୍ଚ ବିଦ୍ୟାଳୟର ଏନସିସି ଶିକ୍ଷକଙ୍କ ବଦଳି ହୋଇଛି। ତେବେ ଏହାକୁ ଛାତ୍ରୀଛାତ୍ର ବିରୋଧ କରିଛନ୍ତି। ଏଥିସହ ତାଙ୍କ ବଦଳିକୁ ବାତିଲ କରିବା ଦାବିରେ ଶୁକ୍ରବାର ରାସ୍ତାରୋକୋ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ିମୋଟର ଅଟକି ରହିଥିଲା। ଲୋକେ ଯାତାୟାତରେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

ସୂଚନା ଅନୁସାରେ, ବିଦ୍ୟାଳୟର ଏନସିସି ଶିକ୍ଷକ ଗୌରାଙ୍ଗ ଚରଣ ସ୍ୱାଇଁଙ୍କ ପଦୋନ୍ନତି ହେବା ସହ ଜଗନ୍ନାଥ ବିଦ୍ୟାପୀଠ ଖଣ୍ଡସାହିକୁ ତାଙ୍କର ବଦଳି ହୋଇଛି। ସ୍ୱାଇଁ ଏହି ବଦ୍ୟାଳୟରେ ଏନସିସିର ଦାୟିତ୍ୱ ତୁଲାଇ ଆସୁଥିଲେ। ତାଙ୍କ ବଦଳି ହେବା ପରେ ଏହି ବିଦ୍ୟାଳୟରେ ଏନସିସି ଦାୟିତ୍ୱ ତୁଲାଇବା ପାଇଁ କେହି ନାହାନ୍ତି। ଏହି ଖବର ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚିବା ପରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଫଳରେ ସକାଳ ପ୍ରାୟ ୧୦ଟାରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ସ୍କୁଲ ସମ୍ମୁଖ କଟିକଟା-ଜୟପୁର ରାସ୍ତାକୁ ବନ୍ଦ କରିଥିଲେ। ଶିକ୍ଷକଙ୍କ ବଦଳି ବାତିଲ ନ ହେଲେ ରାସ୍ତାରୋକୋ ଆନ୍ଦୋଳନରୁ ହଟିବେନି ବୋଲି ଜିଦ୍ ଧରିଥିଲେ। ଖବର ପାଇ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଶୁଭେନ୍ଦୁ କୁମାର ପରିଡ଼ା ଓ ଅତିରିକ୍ତ ବ୍ଲକ ଶିକ୍ଷାଅଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ରାସ୍ତାରୋକୋ ଆନ୍ଦୋଳନରୁ ହଟିଯିବାକୁ ବୁଝାଇଥିଲେ। ହେଲେ ଛାତ୍ରୀଛାତ୍ର ସେମାନଙ୍କ ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଜିଦ୍ ଧରିଥିଲେ। ଶେଷରେ କୌଣସି ଉପାୟ ନ ପାଇ ମହାନ୍ତି ଜିଲା ଶିକ୍ଷାଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ। ଜିଲା ଶିକ୍ଷାଅଧିକାରୀ ସମସ୍ତ ଘଟଣା ସମ୍ପର୍କରେ ଅବଗତ ହୋଇଥିଲେ। ଏହାପରେ ୩ଦିନ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି ଜଣାଇଥିଲେ। ଏହିକଥା ଶୁଣିବା ପରେ ଛାତ୍ରୀଛାତ୍ରୀ ଅପରାହ୍ନ ୧ଟାରେ ରାସ୍ତାରୋକୋ ଆନ୍ଦୋଳନରୁ ହଟି ଯାଇଥିଲେ।



ଛାତ୍ରଛାତ୍ରୀ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।








@ ମେହେକ



@ ଦେବୀପ୍ରିୟା



@ ଆଶାଲତା



@ ଦିଲୀପ



@ ପ୍ରବୀଣ



@ ସନ୍ତୋଷୀ




@ ପ୍ରେମାନନ୍ଦ



@ ପଲ୍ଲବୀ



କାମ, କ୍ରୋଧ ଏବଂ ଲୋଭ, ଏ ତିନୋଟି ନରକର ଦ୍ୱାର ହୋଇଥିବାରୁ ଏମାନେ ଆତ୍ମା ଅବନତିର ମୂଳ କାରଣ ହୋଇଥାନ୍ତି। ମନୁଷ୍ୟ ଏ ତିନୋଟିକୁ ପରିତ୍ୟାଗ କରିବା ଉଚିତ। - ଭଗବତ୍ ଗୀତା



## ଆଜି କ'ଣ କେଉଁଠି

କଟକ

- ଶ୍ରୀଦୁର୍ଗା ସାହିତ୍ୟ ସଂସଦର ୧୯ତମ କବିତା ପାଠୋତ୍ସବ, ସିଦ୍ଧିଦୁର୍ଗା ମଣ୍ଡପ, ଖପୁରିଆ ଶିଳ୍ପାଞ୍ଚଳ, ଅପରାହ୍ଣ ୪ଟା।
- କୁମାର ଉତ୍ସବ, କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସନ୍ଧ୍ୟା ୬ଟା।

### ସିଏମ୍‌ସିର ନୋ ପ୍ଲାଷ୍ଟିକ ଅପରେଶନ

## ପ୍ରଥମ ଦିନରେ ୩୬୦୦ ଟଙ୍କା ଜରିମାନା ଆଦାୟ

**କଟକ ଅଫିସ,୨।୧୧:** ଗାନ୍ଧୀ ଜୟନ୍ତୀଠାରୁ ରାଜ୍ୟର ୫ଟି ମହାନଗର ନିଗମରେ ପ୍ଲାଷ୍ଟିକ ବ୍ୟବହାର ବର୍ଜନ ନେଇ ଆରମ୍ଭ ହୋଇଥିଲା ସଚେତନତା ଅଭିଯାନ। ତେବେ ସଚେତନତା ଅବଧି ଶେଷ ପରେ ସିଏମ୍‌ସି ପକ୍ଷରୁ ଗଠନ କରାଯାଇଥିବା ୪ଟି ସ୍କ୍ୱାର୍ଡ ମଧ୍ୟରୁ ୨ଟି ସ୍କ୍ୱାର୍ଡ ଶୁକ୍ରବାର ସହରର ବିଭିନ୍ନ ସ୍ଥାନରେ ଚଢାଉ କରି ୨୦ କେଜି ପଲିଥିନ ଜବତ କରିବା ସହ ୩୬୦୦ ଟଙ୍କା ଜରିମାନା ଆଦାୟ କରିଛି। କଟକ ଚାନ୍ଦିନୀଚୌକ, ସିଡିଏ, ବାରବାଟୀ ଷ୍ଟାଡିୟମ ଏବଂ କଲେଜଛକ ଅଞ୍ଚଳର ବିଭିନ୍ନ ଦୋକାନରେ ଚଢାଉ କରାଯାଇ ଏହି ପଲିଥିନ୍ ମିଳିଥିବା ଜଣାପଡିଛି।

## ଧରିତ୍ରୀ ପାଇବ ଶ୍ରେଷ୍ଠ ପିପୁଲ ଫ୍ରେଣ୍ଡଲି ମିଡିଆ ଆୱାର୍ଡ

**କଟକ ଅଫିସ, ୨।୧୧:** ରୂପନଗର ମାୟାନଗରୀ ପକ୍ଷରୁ ଆସନ୍ତା ଡିସେମ୍ବର ୬ ତାରିଖରେ କଟକ ଶହୀଦ ଭବନଠାରେ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ସିନେଜଗତ ସମେତ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ। ଏଥିସହିତ ଛାପାଗଣମାଧ୍ୟମ ଧରିତ୍ରୀ ଚଳିତବର୍ଷ ଶ୍ରେଷ୍ଠ ପିପୁଲ ଫ୍ରେଣ୍ଡଲି ମିଡିଆ ଆୱାର୍ଡ ପାଇବାକୁ ମନୋନୀତ ହୋଇଛି ବୋଲି ଆୟୋଜକଙ୍କ ତରଫରୁ କଟକ ବକ୍ସିବଜାରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏଭଳି କାର୍ଯ୍ୟକ୍ରମ ପ୍ରତିଭାବାନ ବ୍ୟକ୍ତିମାନଙ୍କୁ ସମ୍ମାନିତ କରିବା ଏବଂ ପୁରସ୍କାର ପାଇବାକୁ ଯାଉଥିବା ବିଭିନ୍ନ ସଙ୍ଗଠନକୁ ସମାଜସେବା କ୍ଷେତ୍ରରେ ଉତ୍ସାହିତ କରିବାର ଏକ ଛୋଟ ପ୍ରୟାସ ବୋଲି ଆୟୋଜକ ବିକ୍ରମ କେଶରୀ ରାୟ କହିଛନ୍ତି।

## ବ୍ଲକ ସମ୍ମୁଖରେ ଭାଜପାର ବିକ୍ଷୋଭ

**କଣ୍ଟାପଡା, ୨।୧୧(ଡି.ଏନ୍.ଏ.):** ସରକାରୀ ସ୍ତରରେ ପିସି କାରବାର, ଦଳୀୟ ଭିତ୍ତିରେ ସୁବିଧାସୁଯୋଗ ପ୍ରଦାନ, କେନ୍ଦ୍ର ସରକାରଙ୍କ କେତେକ ଯୋଜନାକୁ ରାଜ୍ୟରେ ଲାଗୁ ନ କରିବାକୁ ବିରୋଧ କରି କଣ୍ଟାପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ଶୁକ୍ରବାର ବିକ୍ଷୋଭ କରାଯାଇଛି। ବହୁ ସଂଖ୍ୟାରେ ଭାଜପା କର୍ମୀ ଅଡଶପୁରଠାରୁ ଶୋଭାଯାତ୍ରାରେ ବାହାରି କଣ୍ଟାପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ କଟକ ଜିଲା ଓବିସି ମୋର୍ଚ୍ଚା ସଭାପତି ପ୍ରତାପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ଭାଜପା ନେତାମାନେ ବିଡିଓ କେ. ଅଶୋକ କୁମାରଙ୍କ ସହ ଆଲୋଚନା କରି ସରକାରୀ ଯୋଜନାରେ ପାତରଅନ୍ତର ନ କରିବା ପାଇଁ ଚେତାବନୀ ଦେଇଥିଲେ। କଟକ ଜିଲା ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି ନୃସିଂହ ସ୍ୱାଇଁ ଓ ଓଲଟପୁର ଥାନା ଆଇଆଇସି ତପନ ରାଉତ ଶୃଙ୍ଖଳା ରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରିଥିଲେ।

# ଶିଶୁକନ୍ୟାକୁ ଅପହରଣ ପରେ ବିକ୍ରି

### ମହିଳା ଅଟକ

**କଟକ ଅଫିସ, ୨।୧୧**

୫ ବର୍ଷରୁ ଶିଶୁ କନ୍ୟାକୁ ଅପହରଣ ପରେ ଦେଢ ଲକ୍ଷ ଟଙ୍କାରେ ବିକ୍ରି କରାଯାଇଥିବା ମଙ୍ଗଳାବାଗ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୨୩୪/୧୮) ରୁଜୁ କରିବା ସହ ଏହି ଘଟଣାରେ ଜଣେ ମହିଳାଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଅଭିଯୋଗ ଅନୁଯାୟୀ, ମଙ୍ଗଳାବାଗ ଥାନା ଅନ୍ତର୍ଗତ ଗଡଗଡିଆ ସାହିରେ ବିହାରର ପ୍ରଦୀପ ମହତୋ ନାମକ ବ୍ୟକ୍ତି ତାଙ୍କ ପରିବାର ଲୋକଙ୍କ ସହ ଗତ ୧ ମାସ ହେବ ଭଡାରେ ରହୁଥିଲେ। ଗତ ୩୧ ତାରିଖରେ ତାଙ୍କର ୫ ବର୍ଷର ଝିଅ ଗାଧୋଇବାକୁ ନିକଟରେ ଥିବା ଏକ ନଳକୂପକୁ ଯାଇଥିଲେ। ପ୍ରାୟ ଦୁଇ ଘଣ୍ଟା ପରେ ଝିଅ ଘରକୁ ନ ଫେରିବାରୁ ପ୍ରଦୀପ ତାଙ୍କୁ ଖୋଜିବାକୁ ନଳକୂପ ପାଖକୁ ଯାଇଥିଲେ। ହେଲେ ସେଠାରେ ଝିଅକୁ ପାଇ ନ ଥିଲେ। ପରେ ସେଠାରେ ଖେଳୁଥିବା କିଛି ପିଲାଙ୍କୁ ପଚାରିବାରୁ ଜଣେ ମହିଳା ତାଙ୍କ ଝିଅକୁ ବୁଲାଇବାକୁ ପାଖରେ ଥିବା କେନାଲ ଆଡକୁ ନେଇଥିଲେ ବୋଲି ସେମାନେ କହିଥିଲେ। ପ୍ରଦୀପ ଉକ୍ତ ମହିଳାଙ୍କୁ ତାଙ୍କ ଝିଅ ସମ୍ପର୍କରେ ପଚାରିବାରୁ ସେ ଦେଖି ନ ଥିବା କହିଥିଲେ। ପରେ ତାଙ୍କ ପରିବାର ଲୋକ ସବୁଆଡେ ଖୋଜାଖୋଜି କରିଥିଲେ ମଧ୍ୟ ଝିଅର ପତ୍ତା ପାଇ ନ ଥିଲେ। ପ୍ରଦୀପଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ମହିଳା ଜଣଙ୍କ ଫୋନରେ କାହା ସହ ମାଲ ପହଞ୍ଚି ଗଲା ଦେଢ ଲକ୍ଷ ଟଙ୍କା କେବେ ଦେବ ବୋଲି କହୁଥିବା ଶୁଣିବାକୁ ପାଇଥିଲେ। ତେଣୁ ଉକ୍ତ ମହିଳା ହିଁ ତାଙ୍କ ଝିଅକୁ ଅପହରଣ କରି ନେଇ କାହାକୁ ଦେଢ ଲକ୍ଷ ଟଙ୍କାରେ ବିକ୍ରି କରି ଦେଇଥିବା ସେ ଶୁକ୍ରବାର ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ।

# ୨ ନବଜାତ ଶିଶୁଙ୍କୁ ଛାଡ଼ି ପଳାଇଲେ ମା'

**କଟକ ଅଫିସ, ୨।୧୧**

ଦୁଇ ନବଜାତ ଶିଶୁଙ୍କୁ ମେଡିକାଲ ବେଡ୍‌ରେ ଛାଡ଼ି ମା' ଚମ୍ପଟ ମାରିଛନ୍ତି। ୨ ଜଣ ଯାକ ଶିଶୁକନ୍ୟା ଏବେ ମେଡିକାଲ ହେପାଜତରେ ଅଛନ୍ତି। ଏସ୍‌ସିବି ମେଡିକାଲର ପ୍ରସୂତି ରୋଗ ବିଭାଗରେ ଘଟିଛି ଏଭଳି ଅଭାବନୀୟ ଘଟଣା। ସୂଚନାଥାଉ କି, ଗତ ଗୁରୁବାର ଏହି ଦୁଇ ଶିଶୁକନ୍ୟା ଜନ୍ମ ହୋଇଥିଲେ। କିଛି ସମୟ ପରେ ଦେଖିଲା ବେଳକୁ ବେଡ ଉପରେ ଶିଶୁ ଦ୍ୱୟ ଶୋଇଥିବାବେଳେ ମା' ଦୁଇ ଜଣକଙ୍କ ପତ୍ତା ମିଳି ନଥିଲା। ତେବେ ୨ ଶିଶୁଙ୍କୁ ଏସ୍‌ଏନ୍‌ସିୟୁରେ ରଖାଯାଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ହସ୍ପିଟାଲ ମ୍ୟାନେଜର ସୌମ୍ୟା ମହାନ୍ତି କୁହନ୍ତି, ମୋ ପାଖରେ ଏଭଳି କୌଣସି ଖବର ନାହିଁ। ମୁଁ ବୁଝିଲା ପରେ କହିବି।

# କଟକ ଡିସିପିଙ୍କୁ ନ୍ୟାୟିକ ନୋଟିସ

### ଗଣମାଧ୍ୟମରେ ଭୁଲ୍ ତଥ୍ୟ ରଖିଥିବା ଅଭିଯୋଗ

**କଟକ ଅଫିସ, ୨।୧୧**

ଓକିଲ-ପୋଲିସ ମଧ୍ୟରେ ଉପୁଜିଥିବା ବିବାଦକୁ ନେଇ ଦୈନିକ ନୂଆ ନୂଆ ଘଟଣା ଦେଖିବାକୁ ମିଳୁଛି। ଏହି କ୍ରମରେ କଟକ କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନର ସମ୍ପାଦକ ପ୍ରଦୀପ ପରିଡ଼ା ଶୁକ୍ରବାର କଟକ ଡିସିପି ଅଖିଳେଶ୍ୱର ସିଂଙ୍କୁ ନ୍ୟାୟିକ ନୋଟିସ ପଠାଇଛନ୍ତି। ସେଥିରେ ସେ ଡିସିପିଙ୍କୁ ନିଃସର୍ତ୍ତ କ୍ଷମାମାଗିବାକୁ ଉଲ୍ଲେଖ କରିଛନ୍ତି। ନଚେତ୍ ଡିସିପିଙ୍କ ବିରୋଧରେ ମାନହାନି ମକଦ୍ଦମା କରିବାକୁ ପରିଡ଼ା ଚେତାବନୀ ଦେଇଛନ୍ତି।

ସୂଚନାଥାଉ କି, ଓକିଲ-ପୋଲିସ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ ପାଇଁ ଗତ ସେପ୍ଟେମ୍ବର ୨୬ ତାରିଖରେ ନରାଜ ଡାକବଙ୍ଗଳାରେ ଏକ ବୈଠକ ବସିଥିଲା। ବୈଠକରେ ଡିସିପିଙ୍କ ସମେତ ଓକିଲ ସଂଘର ପ୍ରତିନିଧିମାନେ ଯୋଗଦେଇଥିଲେ। ବୈଠକରେ ଯେଉଁ ନିଷ୍ପତ୍ତି ହୋଇଥିଲା ସେହି ଅନୁଯାୟୀ ପୋଲିସ ପଦକ୍ଷେପ ନେଇଥିଲେ ମଧ୍ୟ ଓକିଲମାନେ ତାହାକୁ ମାନି ନ ଥିବା ଡିସିପି ସିଂ ଦୁଇଦିନ ତଳେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଉକ୍ତ ବୈଠକରେ ଯେଉଁ ଓକିଲମାନେ ଉପସ୍ଥିତ ଥିଲେ ଡିସିପି ସେମାନଙ୍କ ନାମ ମଧ୍ୟ ଗଣମାଧ୍ୟମ ଆଗରେ ରଖିଥିଲେ। ମାତ୍ର କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନର ସମ୍ପାଦକ ପ୍ରଦୀପ ପରିଡ଼ା ଉକ୍ତ ବୈଠକରେ ଅନୁପସ୍ଥିତ ଥିବା ନୋଟିସରେ ଦର୍ଶାଇଛନ୍ତି। ଅନୁପସ୍ଥିତ ଥିବା ସତ୍ତ୍ୱେ ଡିସିପି ତାଙ୍କ ନାମ ଗଣମାଧ୍ୟମ ଆଗରେ କହିଥିବାରୁ ତାଙ୍କ ସମ୍ମାନ ହାନି ଘଟିଥିବା ସେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଡିସିପି ସିଂ କୁହନ୍ତି, ନ୍ୟାୟିକ ନୋଟିସର ଉତ୍ତର ନ୍ୟାୟିକ ବାଟରେ ଦିଆଯିବ।

## ବ୍ୟକ୍ତିଙ୍କୁ ଅପହରଣ: ଜଣେ ଗିରଫ

**କଟକ ଅଫିସ୍, ୨।୧୧:** ମହାନଦୀ ବ୍ରିଜ୍ ଉପରୁ ୪ଜଣ ଦୁର୍ବୃତ୍ତ ଜଣେ ବ୍ୟକ୍ତିଙ୍କୁ ଏକ ନିଛାଟିଆ ଅଞ୍ଚଳକୁ ଅପହରଣ କରି ନେଇ ୧୦ ଲକ୍ଷ ଟଙ୍କା ଦେବାକୁ କହିଥିଲେ। ହେଲେ କୌଣସି ପ୍ରକାରେ ବ୍ୟକ୍ତି ଜଣଙ୍କ ସେଠାରୁ ଖସି ଆସି ଜଗତ୍‌ପୁର ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଶୁକ୍ରବାର ମଙ୍ଗଳାବାଗ ଅଞ୍ଚଳର ଆନନ୍ଦ ରାମଙ୍କୁ ଗିରଫ କରିଛି। ଏ ନେଇ ପୋଲିସ ମାମଲା(ନଂ.୩୦୭/୧୮) ରୁଜୁ କରିଛି। ଉତ୍ତର ପ୍ରଦେଶର ଅମିର ସୋହେଲଙ୍କର ଚୌଦ୍ୱାର ଥାନା ଅନ୍ତର୍ଗତ ମଙ୍ଗୁଳି ଅଞ୍ଚଳରେ ଗ୍ୟାରେଜ ଅଛି। ଗୁରୁବାର ସେ ଗାଡିର ପାର୍ଟ୍ସ କିଣିବା ପାଇଁ ବାଇକରେ ଯାଉଥିବା ବେଳେ ଅପହରଣର ଶିକାର ହୋଇଥିଲେ।

## ଏସ୍‌ସିବିରେ ବ୍ୟାପିଲା ହାଡ଼ଫୁଟି

**କଟକ ଅଫିସ, ୨।୧୧:** ଏସ୍‌ସିବି ମାନସିକ ରୋଗ ଚିକିତ୍ସା ବିଭାଗରେ ହାଡ଼ଫୁଟି ବ୍ୟାପିଛି। ଏଥିରେ ୧୨ ଜଣ ରୋଗୀ ଆକ୍ରାନ୍ତ ହୋଇଛନ୍ତି। ସମସ୍ତ ଆକ୍ରାନ୍ତ ଅସହାୟ ଓ ଅପରିଚିତ। ଶୁକ୍ରବାର ସନ୍ଧ୍ୟାରେ ଆକ୍ରାନ୍ତମାନଙ୍କ ମଧ୍ୟରୁ ୭ ଜଣଙ୍କୁ ମାନସିକ ରୋଗ ଚିକିତ୍ସା ବିଭାଗରୁ ମେଡିକାଲର ସଂକ୍ରମଣ ବିଭାଗ (ଆଇଡି ବିଭାଗ)କୁ ସ୍ଥାନାନ୍ତର କରାଯାଇଛି। ସମସ୍ତ ରୋଗୀଙ୍କୁ ସଂକ୍ରମଣ ବିଭାଗର ପଛପଟ ବାରଣ୍ଡାରେ ରଖାଯାଇଥିବା ସାମାଜିକ କର୍ମୀ ଅଚ୍ୟୁତ ସାହୁ ଅଭିଯୋଗ କରିଛନ୍ତି। ଶୀତ ରାତିରେ ଏହି ରୋଗୀମାନଙ୍କୁ ବାରଣ୍ଡାରେ ରଖିବା ମାନବାଧିକାରର ଉଲ୍ଲଂଘନ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ମାନସିକ ରୋଗ ଚିକିତ୍ସା ବିଭାଗର ନିର୍ଦ୍ଦେଶକ ଡା. ସାରଦା ପ୍ରସନ୍ନ ସ୍ୱାଇଁ କୁହନ୍ତି, ସେମାନଙ୍କ ନିମନ୍ତେ ଆଟେଣ୍ଡାଣ୍ଟ ବ୍ୟବସ୍ଥା କରାଯିବା ସହିତ ଆମ ବିଭାଗର ଡାକ୍ତରମାନେ ନିୟମିତ ଭାବେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାର ତଦାରଖ କରୁଛନ୍ତି।

## ନବନିର୍ମାଣ କୃଷକ ସଂଗଠନର ପଦଯାତ୍ରାକୁ କଟକରେ ସମ୍ବର୍ଦ୍ଧନା

**କଟକ ଅଫିସ,୨।୧୧**

ରାଜ୍ୟ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱର ଚାଲ ଅଭିଯାନକୁ ଶୁକ୍ରବାର କଟକରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସମର୍ଥନ ଜଣାଇଛନ୍ତି। ଭୁବନେଶ୍ୱର ଅଭିମୁଖେ ବାହାରିଥିବା ଏହି ଶୋଭାଯାତ୍ରାକୁ କଟକ ଶିଖରପୁରଠାରେ ପିସିସି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିଖରପୁରଠାରୁ ଏହି ପଦଯାତ୍ରାରେ ପିସିସି ସଭାପତି ପଟ୍ଟନାୟକ ଏବଂ କଟକ ନଗର କଂଗ୍ରେସ କମିଟି ସଭାପତି ମହମ୍ମଦ ମୋକିମ ସାମିଲ ହୋଇ କଟକ ଗୋପାଳପୁର ଛକ ପର୍ଯ୍ୟନ୍ତ ଯାଇଥିଲେ। ପ୍ରାଇସ, ପ୍ରେଷ୍ଟିଜ, ପେନସନ ପାଇଁ ଦୀର୍ଘ ଦିନଧରି ଏହି ସଙ୍ଗଠନ ଦାବି କରିଆସୁଥିଲା। ଉକ୍ତ ଦାବି ପୂରଣ ଦିଗରେ ସରକାର ଯତ୍ନବାନ ହେବା ଆବଶ୍ୟକ ବୋଲି କହିଛନ୍ତି ପିସିସି ସଭାପତି କହିଛନ୍ତି।

# କଟକରେ ସହଯୋଗ ଓ ସମ୍ପର୍କ ଅଭିଯାନ

**କଟକ ଅଫିସ, ୨।୧୧**



ସହୀଦଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟମାନେ।

୫୯ ମିନିଟରେ ୧କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ମିଳିବ। ସେଥିରେ ୨ପ୍ରତିଶତ ରିହାତି। ଯେଉଁମାନେ ରପ୍ତାନୀ କରିବେ ସେମାନଙ୍କୁ ଅଧିକ ରିହାତି ମିଳିବ। ଏମ୍ଏସ୍ଏମ୍ଇ କ୍ଷେତ୍ରରେ ଥିବା ୨୦% ସଂରକ୍ଷଣକୁ ୨୫%କୁ ବୃଦ୍ଧି କରାଯାଇଛି। ସେଥିରେ ମହିଳାମାନଙ୍କ ପାଇଁ ୩% ସ୍ଥାନ ସୁରକ୍ଷିତ ରଖାଯାଇଛି। କ୍ଷୁଦ୍ର ଉଦ୍ୟୋଗୀମାନେ ଏହାଦ୍ୱାରା ଉପକୃତ ହୋଇପାରିବେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟ ଏବଂ ୟୁକୋ ବ୍ୟାଙ୍କର ମିଳିତ ସହଭାଗିତାରେ ଏହି ଜିଲାସ୍ତରୀୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶୁକ୍ରବାର ସହୀଦଭବନଠାରେ ସହଯୋଗ ଓ ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନ ଏହି କଥା କହିଛନ୍ତି। ସୂଚନାଥାଉକି, କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ)ଗୁଡ଼ିକୁ ସମର୍ଥନ ଜଣାଇ ଶୁକ୍ରବାର ଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ କ୍ରେଡିଟ ପ୍ଲସ୍ ସେବା ମାଧ୍ୟମରେ ଏହି ଅଭିଯାନ ଆରମ୍ଭ କରାଯାଇଛି। ଏହି ଅବସରରେ ଦେଶର ୧୦୦ ଜିଲାରେ ଏମ୍ଏସ୍ଏମ୍ଇଗୁଡ଼ିକୁ ସୁଦୃଢ କରିବା ନିମନ୍ତେ ଏହି ପ୍ରଚାର ଅଭିଯାନ ଆରମ୍ଭ କରାଯାଇଛି। ଏଥିରେ ରାଜ୍ୟର ୪ଟି କ୍ଲଷ୍ଟରକୁ ଅନ୍ତର୍ଭୁକ୍ତ କରାଯାଇଛି। ସେଗୁଡ଼ିକ ହେଉଛି ବରଗଡ଼ ବୟନ ଶିଳ୍ପ, ପୁରୀର ହସ୍ତକଳା, ପାରାଦୀପର ସାମୁଦ୍ରିକ ଖାଦ୍ୟ ଓ କଟକର ଜେମ୍‌ସ ଆଣ୍ଡ ଜୁଏଲର୍ସ ଏଥିରେ ସାମିଲ ହୋଇଛି।








@ ମେହେକ



@ ଦେବୀପ୍ରିୟା



@ ଆଶାଲତା



@ ଦିଲ୍ଲୀପ



@ ସନ୍ତୋଷୀ



@ ପ୍ରବୀଣ




@ ପ୍ରେମାନନ୍ଦ



@ ପଲ୍ଲବୀ



କାମ, କ୍ରୋଧ ଏବଂ ଲୋଭ, ଏ ତିନୋଟି ନରକର ଦ୍ୱାର ହୋଇଥିବାରୁ ଏମାନେ ଆତ୍ମା ଅବନତିର ମୂଳ କାରଣ ହୋଇଥାନ୍ତି। ମନୁଷ୍ୟ ଏ ତିନୋଟିକୁ ପରିତ୍ୟାଗ କରିବା ଉଚିତ।
- ଭଗବତ୍ ଗୀତା



■ ଜଟଣୀରେ ଭାଜପାର ବିକ୍ଷୋଭ, ବିଜେଡିର ଛାତ୍ର ସମାବେଶ, କଂଗ୍ରେସର ପ୍ରସ୍ତୁତି ବୈଠକ

# ରାଜନୈତିକ ବାତାବରଣ ସରଗରମ



ଜଟଣୀ ବ୍ଲକ ସମ୍ମୁଖରେ ଭାଜପା କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।



ବିଜେଡି ପକ୍ଷରୁ ଅନୁଷ୍ଠିତ ବୈଠକ ।

**ଜଟଣୀ,୨।୧୧(ଡି.ଏନ.ଏ.)**

ଜଟଣୀରେ ଶୁକ୍ରବାର ରାଜନୈତିକ ବାତାବରଣ ସରଗରମ ହୋଇଉଠିଥିଲା। ଭାଜପା ପକ୍ଷରୁ ଶୋଭାଯାତ୍ରା ସହ ବ୍ଲକ ଅଫିସ ଘେରାଉ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟ ସରକାରଙ୍କ ଭ୍ରଷ୍ଟାଚାର ଓ ପିସି କାରବାରକୁ ବିରୋଧ କରି ଭାଜପା ପକ୍ଷରୁ ଏହି ଆନ୍ଦୋଳନ କରାଯାଇଥିଲା। ଭାଜପା ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ଆସି ବ୍ଲକ ଅଫିସ ଭିତରେ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଏହାକୁ ନେଇ କିଛି ସମୟ ପାଇଁ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ଉପସ୍ଥିତ ପୋଲିସର ହସ୍ତକ୍ଷେପ ପରେ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା। ଭାଜପାର ବରିଷ୍ଠ ନେତା ସୁଦୀପ୍ତ ରାୟ, ସନ୍ତୋଷ ଜେନା ଓ ବିଶ୍ୱରଞ୍ଜନ ବଡ଼ଜେନାଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ଓ ବିକ୍ଷୋଭ ଆୟୋଜିତ ହୋଇଥିଲା। ଉପରୋକ୍ତ ୩ ଭାଜପା ନେତା ଆଗାମୀ ସାଧାରଣ ନିର୍ବାଚନରେ ଦଳୀୟ ଟିକେଟରୁ ବିଧାୟକ ପ୍ରାର୍ଥୀ ପାଇଁ ଆଶାୟୀ ଅଛନ୍ତି। ଏହି ନେତାମାନେ ପୃଥକ୍ ଭାବେ ଦଳୀୟ ସଙ୍ଗଠନ କରିବା ଓ ସଭା ସମିତିରେ ଯୋଗଦେଇ ଆସୁଥିବାବେଳେ ଶୁକ୍ରବାର ଆନ୍ଦୋଳନରେ ଏକାଠି ଦେଖିବାକୁ ମିଳିବା ଘଟଣା ସ୍ଥାନୀୟ ରାଜନୈତିକ ମହଲରେ ଚର୍ଚ୍ଚା ହୋଇଛି। ଏହି ବିକ୍ଷୋଭରେ ଭାଜପା ନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ଜଟଣୀ ନିର୍ବାଚନ ପାଇଁ ଥିବା ଦଳୀୟ ପ୍ରଭାରୀ ସୁଭାସ ଗନ୍ତାୟତ ଓ ଅନ୍ୟ ନେତୃବୃନ୍ଦ ଯୋଗଦେଇଥିଲେ। ଅନ୍ୟପକ୍ଷେ ବିଜୁ ଜନତା ଦଳର ଛାତ୍ର ଶାଖା ପକ୍ଷରୁ ସ୍ଥାନୀୟ ଖଣ୍ଡୁଆଳୀ ମନ୍ଦିର ପରିସରରେ ସାଙ୍ଗଠନିକ ଦାୟିତ୍ୱ ଗ୍ରହଣ କରିଥିବା ନୂତନ ଛାତ୍ର ନେତାମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ନାମରେ ଏକ ସମାବେଶ ଆୟୋଜନ ହୋଇଥିଲା। ଏଥିରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ରାଣା ପ୍ରତାପ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଜନକଲ୍ୟାଣକାରୀ ସରକାର ଚାଲିଥିବା କହିଥିଲେ। ବିଜେଡି ନଗର ସଭାପତି ଆଶୁତୋଷ ପ୍ରତାପ ସିଂଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କାଉନ୍ସିଲର ବିଜୟ ପଣ୍ଡା, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦିକା ଅପୂର୍ବା ଅପରୂପା, ସ୍ମିତିରଞ୍ଜନ ପଟ୍ଟନାୟକ, ନିର୍ବାଚନମଣ୍ଡଳୀର ଦଳୀୟ ପ୍ରଭାରୀ ମନୋଜ ସେନାପତି ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଛାତ୍ର ନେତା ଅମରେଶ ନାୟକ, ପଞ୍ଚାନନ ମହାପାତ୍ର, ଅନିଲ ସାହୁ, ଦୀପକ ସାହୁ ଓ ଅନ୍ୟମାନେ ଏହି ସମାବେଶକୁ ପରିଚାଳନା କରିବାରେ ସହାୟତା କରିଥିଲେ। ସେହିପରି ଜଟଣୀରେ ଅଧାରୁ ନିର୍ମାଣ ବନ୍ଦ ଥିବା ଫ୍ଲାଏଓଭରବ୍ରିଜ୍ କାର୍ଯ୍ୟ ଶୀଘ୍ର ଆରମ୍ଭ ଦାବିରେ ଆସନ୍ତା ୯ ତାରିଖରୁ ରାସ୍ତାରୋକୋ ଆନ୍ଦୋଳନ ଡାକରା ଦେଇଥିବା କଂଗ୍ରେସ ଦଳ ପକ୍ଷରୁ ଏଠାରେ ପ୍ରସ୍ତୁତି ବୈଠକ ହୋଇଥିଲା। ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ଏଥିରେ ଉପସ୍ଥିତ ରହିବା ସହ ପରେ ଜିଲାପାଳଙ୍କୁ ସାକ୍ଷାତ କରି ଆନ୍ଦୋଳନ ନେଇ ଚିଠି ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଜଣେ ଗିରଫ

ବୋଲଗଡ଼,୨।୧୧(ଡି.ଏନ.ଏ.)- ବୋଲଗଡ଼ ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ୬ ବର୍ଷର ନାବାଳିକାଙ୍କୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ଏ ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି। ଆଇଆଇସି ସେଖ୍ ଆକବର ଅଲ୍ଲୀଙ୍କଠାରୁ ସୂଚନା ଅନୁସାରେ, ଗିରଫ ଯୁବକ ଜଣକ ହେଲେ ସୁମନ୍ତ ପଢ଼ିଆରୀ (୨୮)। ନାବାଳିକା ଘର ବାହାରେ ବୁଲୁଥିବା ବେଳେ ସୁମନ୍ତ ତାଙ୍କୁ ଏକ ଚାଷଜମି ଅଞ୍ଚଳରେ ଭୟଭୀତ କରାଇ ବଳାତ୍କାର କରିଥିବା ପୀଡ଼ିତାଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଦଫା ୩୪୧, ୩୭୬(୨)(ଏଫ୍), ୩୨୩, ୫୦୬ ଓ ୬/୪ପୋକ୍ସୋ ଆକ୍ଟରେ ଥାନାରେ ନଂ. ୧୧୩/୧୮ରେ ମାମଲା ରୁଜୁ କରିଛି।

### ହକି ବିଶ୍ୱ କପ ପାଇଁ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା ଅଫିସ,୨।୧୧:ଆଗାମୀ ହକି ବିଶ୍ୱ କପ ପାଇଁ ଶୁଭ ମନାସୀ ସାଙ୍କେତିକ ଚିହ୍ନ ଓଲିର ଉଦ୍‌ଘାଟନ ଉତ୍ସବ ନେଇ ପ୍ରସ୍ତୁତି ବୈଠକ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକ ଅଧକ୍ଷତା କରିଥିଲେ। ଜିଲା କ୍ରୀଡା ବିଭାଗର ସୂଚନା ଅନୁସାରେ ସାଙ୍କେତିକ ଚିହ୍ନ ଓଲି ୩ ତାରିଖରେ ଖୋର୍ଦ୍ଧାରେ ପହଞ୍ଚିବ। ୪ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ନଗର ପରିକ୍ରମା କରି ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଶେଷ ହେବ। ଓଲି ଜିଲା ପରିକ୍ରମାର ଉଦ୍ଦେଶ୍ୟ ଲୋକଙ୍କୁ ମନ ମଧ୍ୟରେ ହକି ପାଇଁ ଆଗ୍ରହ ସୃଷ୍ଟି କରିବା।

### ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟ ପକ୍ଷରୁ 'ଅଲ୍ ସୋଲ୍‌ସ ଡେ'

ଜଟଣୀ,୨।୧୧(ଡି.ଏନ.ଏ.): ଜଟଣୀସ୍ଥିତ କବରସ୍ଥାନରେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଉପସ୍ଥିତ ରହି ପରଲୋକ ଗମନ କରିଥିବା ସେମାନଙ୍କ ପୂର୍ବ ପୁରୁଷଙ୍କ ସମାଧିସ୍ଥଳରେ କ୍ୟାଣ୍ଡେଲ ଜାଳି ଶୁକ୍ରବାର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟ ପକ୍ଷରୁ ପ୍ରତିବର୍ଷ ନଭେମ୍ବର ୨ରେ 'ଅଲ୍ ସୋଲ୍‌ସ ଡେ' ପାଳନ ପରିପ୍ରେକ୍ଷୀରେ ସ୍ଥାନୀୟ କବରଖାନାରେ ଏହି ସମ୍ପ୍ରଦାୟର ଅନେକ ମହିଳାପୁରୁଷ ଏକତ୍ର ହୋଇ ଆତ୍ମୀୟ ସ୍ୱଜନଙ୍କୁ ମନେ ପକାଇଥାନ୍ତି। କବରସ୍ଥାନ ପରିସରରେ ଫାଦର ବିଜୟ କୁମାର ନାୟକ, ଜିହୁଦା ଦିଗାଲ, କେରକେଟା, ସନାତନ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ରହି ପ୍ରାର୍ଥନା କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ୫ମ ଦିବସରେ ଚାଷୀଙ୍କ ପଦଯାତ୍ରା

**ଖୋର୍ଦ୍ଧା ଅଫିସ,୨।୧୧**

ଚାଷୀ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ, ଚାଷୀଙ୍କୁ ସମ୍ମାନ ଓ ଭତ୍ତା (ପେନସନ) ପାଇଁ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଚାଲୁ ରହିଥିବା ଚାଷୀ ପଦଯାତ୍ରା ୫ମ ଦିବସରେ ପହଞ୍ଚିଛି। ଅକ୍ଟୋବର ୨୯ରୁ ବାଲୁଗାଁଠାରୁ ବାହାରିଥିବା ଏହି ପଦଯାତ୍ରା ଶୁକ୍ରବାର ଜିଲା ସଦର ମହକୁମାରେ ପହଞ୍ଚିଛି। ଏହି ପଦଯାତ୍ରାକୁ ସହର ସାରା ପରିକ୍ରମା କରିବାକୁ ପୋଲିସ ସୁଯୋଗ ଦେଇ ନ ଥିଲା। ସହରର ସମବାୟ ଛକସ୍ଥିତ ପ୍ରାଣନାଥଙ୍କ ପ୍ରତିମୂର୍ତ୍ତିରେ ସଙ୍ଗଠନ ପକ୍ଷରୁ ଫୁଲମାଳ ଦିଆଯିବା ପରେ ଏକ ପ୍ରତିବାଦ ସଭା ହୋଇଥିଲା। ଏଠାରୁ ପଦଯାତ୍ରାକୁ ମ୍ୟୁନିସିପାଲିଟି ଗଳି ଦେଇ ଭୁବନେଶ୍ୱର ଯିବାକୁ କୁହାଯାଇଥିଲା। ପଦଯାତ୍ରା ଗଡଖୋର୍ଦ୍ଧାରେ ପହଞ୍ଚିବା ପରେ ଚାଷୀମାନେ ବିଶ୍ରାମ ନେଇଛନ୍ତି। ତେବେ ପ୍ରତିବାଦ ସଭାରେ ଚାଷୀ ନେତାମାନେ ଚାଷୀଙ୍କ ପ୍ରତି ସରକାର କିପରି ଅବହେଳା ଓ ଉପେକ୍ଷା କରୁଛନ୍ତି ସେନେଇ ଟିପ୍ପଣୀ ଦେଇଥିଲେ। ଜୟ ଯବାନ, ଜୟ କିଷାନ ଭଳି ସ୍ଲୋଗାନ ସରକାର ଦେଉଛନ୍ତି। ହେଲେ କିଷାନଙ୍କ ପାଇଁ ବ୍ୟବସ୍ଥା ନ ଥିବାରୁ ଅଭିଶପ୍ତ ଜୀବନଯାପନ କରୁଛନ୍ତି। ଓଡିଶାରେ ପ୍ରତିବର୍ଷ ଚାଷୀ ଆତ୍ମହତ୍ୟା କରୁଛନ୍ତି। ତେବେ ସରକାର ବ୍ରିଟିଶ ଔପନିବେଶିକ ଶାସନ ମନୋଭାବ ନେଇ ସ୍ୱୀକାର କରୁନାହାନ୍ତି। ମୃତ୍ୟୁକୁ ଭିନ୍ନ ରୂପ ଦେଇ ସବୁ କିଛି ଠିକଠାକ ଚାଲୁଥିବା ଦର୍ଶାଇ ବାହାବା ନେଉଛନ୍ତି। ଅଶୋଧିତ ତୈଳ ଦର ବଢ଼ିଲେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ବୃଦ୍ଧି ଘଟେ। ବଜାର ଦର ବଢ଼ିବା ସହ ସାର, ବିହନ, ମଜୁରି ମୂଲ୍ୟ ବଢ଼ିଥାଏ। ବଜାର ଦର ବୃଦ୍ଧି ଆଳରେ କର୍ମଚାରୀଙ୍କୁ ସରକାର ନିଜ ଆଡୁ ବେତନ ଓ ମହଙ୍ଗା ଭତ୍ତା ବଢ଼ାଇ ଦିଆଯାଏ। ତେବେ ଚାଷୀର ଉତ୍ପାଦର ଦର ସରକାର ବଢ଼ାନ୍ତି ନାହିଁ। ଚାଷୀ କଥା ପଡିଲେ ବଜାର ବିଭ୍ରାଟ ହେବ, ଦେଶର ଅର୍ଥନୀତି ଉପରେ ବୋଝ ପଡିବ ଦର୍ଶାଇ ଚତୁରତାର ସହ ସରକାର ଏଡାଇ ଚାଲନ୍ତି। ଚାଷୀ ହକ ପାଇବା ପାଇଁ ବାରମ୍ବାର ଆନ୍ଦୋଳନ, ପ୍ରତିବାଦ, ଧାରଣା, ପଦଯାତ୍ରା କରି ଜେଲ ଯାଇଛନ୍ତି। ଏଥର କିନ୍ତୁ ଛାଡିବା ସ୍ଥିତିରେ ନାହାନ୍ତି। ଅକ୍ଟୋବର ୨୯ ତାରିଖ ପୂର୍ବରୁ ସରକାର ୨୧ ହଜାର ୬୦୦ କୋଟି ଟଙ୍କାର ସୁରକ୍ଷା ଭତ୍ତା ଘୋଷଣା କରି ନ ଥିବାରୁ ପଦଯାତ୍ରା ଓ ସତ୍ୟାଗ୍ରହରେ ସରକାରଙ୍କଠାରୁ ଚାଷୀ ଜବାବ ମାଗିଲେଣି। ଆନ୍ଦୋଳନ ସଫଳ ନ ହେଲେ ଚାଷୀକୁଳ ବଞ୍ଚିବେନି। ଆନ୍ଦୋଳନକୁ ସଫଳ କରିବାକୁ ଜିଲା ସଙ୍ଗଠନ ସହ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଜିଲାବାସୀଙ୍କୁ ସହଯୋଗ ମାଗିଛନ୍ତି।



ଖୋର୍ଦ୍ଧାରେ ଚାଷୀମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

■ ଭାଜପା ପକ୍ଷରୁ ଟାଙ୍ଗୀ, ବେଗୁନିଆରେ ବିକ୍ଷୋଭ

# 'ପକ୍ଷପାତିତା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ'

**ଟାଙ୍ଗୀ(ଖୋର୍ଦ୍ଧା),୨।୧୧(ଡି.ଏନ.ଏ.)–**

ଟାଙ୍ଗୀ ଭାଜପା ପକ୍ଷରୁ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୨୬ ପଞ୍ଚାୟତରୁ ଭାଜପା କର୍ମୀମାନେ ସ୍ଥାନୀୟ ରାଜୀବ ଗାନ୍ଧୀ ପଡିଆରେ ସମବେତ ହୋଇଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ଟାଙ୍ଗୀର ଗୋଲେଇ ଓ ଚିଲିକା ଛକ ଦେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ଭାଜପା ପ୍ରଭାରୀ ଉର୍ମିଳା ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ସଭାରେ ପ୍ରାୟ ହଜାରରୁ ଅଧିକ ମହିଳାପୁରୁଷ କର୍ମୀ ଯୋଗଦେଇଥିଲେ। ଟାଙ୍ଗୀ ଭାଜପାର ୪ ଜଣ ମଣ୍ଡଳ ସଭାପତି ରାମଚନ୍ଦ୍ର ପରିଡା, ସନାତନ ବାରିକ, ମଙ୍ଗୁଳି ଜେନା ଓ ପବିତ୍ର ଭୁଜବଳ ପ୍ରମୁଖ ରାଜ୍ୟ ସରକାରଙ୍କ ଦୁର୍ନୀତି ବିରୋଧରେ ବକ୍ତବ୍ୟ ରଖିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ବିଧାୟକ ଜିତୁ ମିତ୍ର, କାଳୁଚରଣ ଖଣ୍ଡାୟତରାୟ, ରଶ୍ମିରଞ୍ଜନ ମହାପାତ୍ର ଓ ନିକୁଞ୍ଜ କିଶୋର ପଟ୍ଟନାୟକ ପ୍ରମୁଖ ସାମ୍ପ୍ରତିକ ଶାସନରେ ପକ୍ଷପାତିତା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି କହିଥିଲେ। ଭାଜପାର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ଭାଜପା ଉପସଭାପତି ସମୀର ମହାନ୍ତି ଯୋଗଦେଇଥିଲେ। ବିଡିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ବିଡିଓ ମୋହନ ବେହେରା ସେଠାକୁ ଆସି ଉପଯୁକ୍ତ ହିତାଧିକାରୀଙ୍କୁ ନ୍ୟାୟ ପ୍ରଦାନ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟ କୃଷକ ସଙ୍ଗଠନ ସମ୍ପାଦକ ଶ୍ରୀରଞ୍ଜନ ମଙ୍ଗରାଜ, କୃଷ୍ଣ ଜଗଦ୍ଦେବ, ଜିଲା ପରିଷଦ ସଭ୍ୟା ମମତା ଜେନା ପ୍ରମୁଖ ସମାବେଶକୁ ପରିଚାଳନା କରିଥିଲେ।

**ବେଗୁନିଆ, (ଡି.ଏନ.ଏ.) :** ବେଗୁନିଆ ନିର୍ବାଚନମଣ୍ଡଳିର ଜନସାଧାରଣ ଏବେ ଦୁର୍ନୀତି ଓ ଭ୍ରଷ୍ଟାଚାର ରାଜନୀତିରେ ଅଣନିଃଶ୍ୱାସୀ ହୋଇ ପଡିଲେଣି। ବ୍ଲକ ଅଞ୍ଚଳରେ ବସବାସ କରୁଥିବା ବହୁ ଗରିବ ଲୋକ ଲାଞ୍ଚ ନ ଦେଲେ କୌଣସି ଯୋଜନାର ସୁଫଳ ପାଉନାହାନ୍ତି। ତେବେ ଆସନ୍ତୁ ଭଉଣୀଭାଇମାନେ ସମସ୍ତେ ମିଳିମିଶି ଆମ ମାଟି ମା'ର ହକ୍ ପାଇଁ ଲଢେଇ କରିବା। ଦୁର୍ନୀତି, ଲାଞ୍ଚ, ଭ୍ରଷ୍ଟାଚାର ଓ ପ୍ରିୟାପ୍ରୀତି ତୋଷଣକୁ ରୋକିବାକୁ ପ୍ରୟାସ ଜାରି ରଖିବା। ଏ ନେଇ ଶୁକ୍ରବାର ମଧ୍ୟାହ୍ନରେ ବେଗୁନିଆ ବ୍ଲକ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସ୍ଥାନୀୟ ପୋଷ୍ଟ ଅଫିସ ଛକଠାରେ ଭାଜପାର ରାଜ୍ୟ ସମ୍ପାଦକ ଯତୀନ୍ ମହାନ୍ତିଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର ହଜାରରୁ ଉର୍ଦ୍ଧ୍ୱ କର୍ମୀ ଏକତ୍ରିତ ହୋଇ ପ୍ରତିବାଦ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖକୁ ଯାଇଥିଲେ। ସେଠାରେ କିଛି ସମୟ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଡିଓ ରବି ନାରାୟଣ ମାଝିଙ୍କ ଜରିଆରେ ରାଜ୍ୟପାଳଙ୍କ ପାଖକୁ ସେମାନଙ୍କ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ୩ ମଣ୍ଡଳ ସଭାପତି ପ୍ରଭାକର ସାହୁ, ଅଜୟ ମାର୍ଥା, ସଞ୍ଜୟ ପ୍ରସାଦ ଛୁଆଳସିଂହଙ୍କ ସମେତ ଭଗବାନ ପଣ୍ଡା, ସୁଦର୍ଶନ ମଲ୍ଲିକ ଓ ରୁଦ୍ରନାରାୟଣ ବାହିନୀପତି ପ୍ରମୁଖ କାର୍ଯ୍ୟଭାର ତୁଲାଇଥିଲେ। ୧୫ଦିନ ମଧ୍ୟରେ ଯଦି ଦାବିକୁ ବୁଝା ନ ଯାଏ ତେବେ ଗଣଆନ୍ଦୋଳନ କରାଯିବ ବୋଲି ସମ୍ପାଦକ ମହାନ୍ତି କହିଛନ୍ତି।




ବେଗୁନିଆଠାରେ ଭାଜପା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।








@ ମେହେକ



@ ଦେବୀପ୍ରିୟା



@ ଆଶାଲତା



@ ଦିଲୀପ



@ ସନ୍ତୋଷୀ



@ ପ୍ରବୀଣ



@ ପ୍ରେମାନନ୍ଦ



@ ପଲ୍ଲବୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୩ ନଭେମ୍ବର, ୨୦୧୮





## ଆଜି କ'ଣ କେଉଁଠି

**ସାକ୍ଷୀଗୋପାଳ**

- ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଘାଟନ, ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ, ଅପରାହ୍ନ ୧ଟା।
- ଅଁଳାନବମୀ ଓ ବଡ଼ ଏକାଦଶୀ ନିମନ୍ତେ ପ୍ରଥମ ସମନ୍ୱୟ ବୈଠକ, ସାକ୍ଷୀଗୋପାଳ ପାଠଶାଳା, ଅପରାହ୍ନ ୪ଟା।

## କେନାଲରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ନିମାପଡ଼ା,୨।୧୧(ଡି.ଏନ୍.ଏ.): ନିମାପଡ଼ା ଗୋଲେଇଛକ ନିକଟସ୍ଥ କେନାଲରେ ବୁଡ଼ି ଶୁକ୍ରବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ତେବେ ବୃଦ୍ଧାଙ୍କ ପରିଚୟ ମିଳିପାରି ନାହିଁ। ସୂଚନା ଅନୁଯାୟୀ, ବୃଦ୍ଧାଜଣକ ମଧ୍ୟାହ୍ନରେ କେନାଲରେ ଗାଧୋଉଥିବା ବେଳେ ତାଙ୍କ ଗୋଡ ଖସିଯିବାରୁ ସେ ଗଭୀର ପାଣିରେ ବୁଡିଯାଇଥିଲେ। ଖବରପାଇ ଅଗ୍ନିସେବା ସଂସ୍ଥା କର୍ମଚାରୀମାନେ ପାଣିରୁ ବୃଦ୍ଧାଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିମାପଡ଼ା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ପୋଲିସ ଅପମୃତ୍ୟୁ ମାମଲା(ନଂ.୨୭/୧୮) ରୁଜୁ କରି ତଦନ୍ତ ଚଳାଇଛି।

## କେନାଲରେ ଭାସିଯାଇ ୫ବର୍ଷର ଶିଶୁ ମୃତ

ପିପିଲି, ୨।୧୧(ଡି.ଏନ୍.ଏ.):ପିପିଲି ଥାନା ଅଞ୍ଚଳରେ ଥିବା ଏକ କେନାଲରେ ଭାସିଯାଇ ଶୁକ୍ରବାର ଜଣେ ୫ବର୍ଷୀୟ ଶିଶୁଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗୋବର୍ଦ୍ଧନପୁର ଗ୍ରାମର ପ୍ରତାପ କୁମାର ସ୍ୱାଇଁଙ୍କ ପୁତ୍ର ଆଶୁତୋଷ ସ୍ୱାଇଁ। ଆଶୁତୋଷ ଘର ଆଗଦେଇ ଯାଇଥିବା କଣାସ ମାଇନର କେନାଲକୁ ଚପଲ ସଫା କରିବା ପାଇଁ ଯାଇଥିଲେ। ଏହି ସମୟରେ ତାଙ୍କ ଗୋଡ଼ ଖସିଯିବାରୁ କେନାଲ ପାଣିରେ କିଛିବାଟ ଭାସିଯାଇଥିଲେ। ପରେ ପରିବାର ଲୋକେ ଖୋଜାଖୋଜି କରିବାରୁ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ପିପିଲି ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବାରୁ ପରିବାର ଲୋକେ ତାଙ୍କ ମୃତଦେହକୁ ଘରକୁ ନେଇ ଯାଇଥିଲେ।

## ଶ୍ରୀମନ୍ଦିରରେ ଭକ୍ତଙ୍କୁ ଲୁଟ୍

ପୁରୀ ଅଫିସ, ୨।୧୧: ଶ୍ରୀମନ୍ଦିରରେ ପୁଣି ପକେଟ୍‌ମାରଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ଶୁକ୍ରବାର ଭକ୍ତଙ୍କ ପକେଟ୍‌ମାର କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ବଳଙ୍ଗା ଥାନା ଅନ୍ତର୍ଗତ ପୁରୁଣା ବଡ଼କେରାର ଅଭିମନ୍ୟୁ ସ୍ୱାଇଁ। ମଙ୍ଗଳ ଆଳତି ପରେ ଭିତରକାଠ ନିକଟରେ ଦର୍ଶନ ଚାଲିଥିଲା। ଭୁବନେଶ୍ୱରର ଜ୍ୟୋତିରଞ୍ଜନ ମିଶ୍ର ଦର୍ଶନ ସାରି ବେହରଣ ଦ୍ୱାର ଆଡ଼କୁ ଯାଉଥିବା ବେଳେ ଅଭିମନ୍ୟୁ ତାଙ୍କ ପକେଟ୍‌ରୁ ମନିପର୍ସ ଲୁଟ୍ କରିଥିଲେ। ସେ ଜାଣିପାରି ପଛକୁ ବୁଲି ପାଟି କରିଥିଲେ। ଏହି ସମୟରେ ଅଭିମନ୍ୟୁଙ୍କୁ ସାଦା ପୋଷାକରେ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀ ଧରିଥିଲେ। ତାଙ୍କଠାରୁ ମନିପର୍ସ ଜବତ କରାଯାଇଥିଲା। ସେଥିରେ ଜ୍ୟୋତିରଞ୍ଜନଙ୍କର ୫,୬୦୦ ଟଙ୍କା, ଡ୍ରାଇଭିଂ ଲାଇସେନ୍ସ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିଲା। ଏ ନେଇ ପୋଲିସ ସିଂହଦ୍ୱାର ଥାନାରେ ଏକ ମାମଲା (ନଂ.୯୨/୧୮) ରୁଜୁ କରିବା ସହ ଅଭିମନ୍ୟୁଙ୍କୁ କୋର୍ଟଚାଲାଣ କରିଛି।

## ହବିଷିଆଳିଙ୍କ ହାତ ଭାଙ୍ଗିଲା

ପୁରୀ ଅଫିସ, ୨।୧୧: ନରେନ୍ଦ୍ର ପୁଷ୍କରିଣୀରେ ସ୍ନାନ ବେଳେ ଜଣେ ହବିଷିଆଳି ପଡିଯିବାରୁ ତାଙ୍କ ବାମ ହାତ ଭାଙ୍ଗିଛି। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କ ହାତ ପ୍ଲାଷ୍ଟର ହେବା ପରେ ଔଷଧପତ୍ର ନେଇ ସେ ଆଶ୍ରୟସ୍ଥଳକୁ ଫେରିଯାଇଛନ୍ତି। ସୂଚନା ମୁତାବକ, ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ପରିସରରେ ରହୁଥିବା ବ୍ରହ୍ମଗିରି ଦାମୋଦରପୁରର ମଳି ଜେନା (୬୮) ଶୁକ୍ରବାର ସକାଳେ ନରେନ୍ଦ୍ର ପୁଷ୍କରିଣୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ତାଙ୍କ ଗୋଡ଼ ଖସିଯିବାରୁ ସେ ତଳି ପଡିଯାଇଥିଲେ।

## ଜଳସମ୍ପଦ କାର୍ଯ୍ୟାଳୟ ଘେରିଲେ ଚାଷୀ

ଗୋପ, ୨।୧୧(ଡି.ଏନ୍.ଏ.): ଗୋପ ଜଳସମ୍ପଦ ବିଭାଗ ଅଧୀନ କେତେକ କେନାଲରେ ପାଣି ଛଡ଼ାଯାଉଥିଲେ ମଧ୍ୟ ତାହା ତଳମୁଣ୍ଡରେ ପହଞ୍ଚି ପାରୁନାହିଁ। ଫଳରେ ଧାନଚାଷ କରୁଥିବା ଚାଷୀ ଅଡୁଆରେ ପଡୁଛନ୍ତି। ଧାନ ଫସଲ ମରିବାକୁ ବସିଥିବାବେଳେ ଚାଷୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରଛନ୍ତି। ଶୁକ୍ରବାର ପୂର୍ବାହ୍ନ ୧୦ଟା ବେଳେ କେନାଲ ପାଣି ତଳ ମୁଣ୍ଡକୁ ଛାଡ଼ିବା ଦାବିରେ ଶତାଧିକ ଚାଷୀ ଗୋପ ଜଳସମ୍ପଦ କାର୍ଯ୍ୟାଳୟକୁ ଘେରିବା ସହିତ ଜଳସମ୍ପଦ ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତିଙ୍କୁ ତାଙ୍କ ପ୍ରକୋଷ୍ଠରୁ ଛାଡ଼ି ନ ଥିଲେ। ପରେ ସହକାରୀ ଯନ୍ତ୍ରୀ ଶନିବାର ଚାଷଜମିକୁ ପାଣି ଛାଡ଼ିବାକୁ ପ୍ରତିଶ୍ରୁତି ଦେବା ପରେ ଘେରାଉ ହଟିଥିଲା।

# 'କୁଟୀରଶିଳ୍ପ, ହସ୍ତଶିଳ୍ପକୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି'

**ପୁରୀ ଅଫିସ, ୨।୧୧:**



କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଚୌଧୁରୀ ବୀରେନ୍ଦ୍ର ସିଂ ଉଦ୍‌ବୋଧନ ଦେଉଛନ୍ତି।

- ଜନଧନ ଓ ନୋଟ୍‌ବନ୍ଦୀ ଦେଶରେ ଆର୍ଥିକ ବ୍ୟବସ୍ଥାରେ ସୁଧାର ଆଣିଛି
- କୁଟୀରଶିଳ୍ପ ଆର୍ଥିକ ସ୍ଥିତି ସୁଦୃଢ଼ କରିବ

ଦ୍ରୁତଗତିରେ ଦେଶ ପ୍ରଗତି କରିଚାଲିଛି। ନରେନ୍ଦ୍ର ମୋଦି ସରକାର ଗ୍ରାମୀଣ ଭାରତର ବିକାଶ ଲାଗି ବିଭିନ୍ନ ଯୋଜନା କରିଛନ୍ତି। ଗ୍ରାମାଞ୍ଚଳ ବିକାଶରେ ଦେଶର ବିକାଶ। କୁଟୀରଶିଳ୍ପ ପ୍ରତିଷ୍ଠା ହେଲେ ଦେଶର ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ସାଧାରଣ ଜନତା, ମହିଳା ସ୍ୱାବଲମ୍ବୀ ହେଲେ ଦେଶର ପ୍ରଗତି ସମ୍ଭବ। କୁଟୀର ଶିଳ୍ପ ଓ ହସ୍ତଶିଳ୍ପର ବିକାଶକୁ ଭାରତ ସରକାର ଗୁରୁତ୍ୱ ଦେଉଛନ୍ତି। ପୂର୍ବରୁ କୁଶଳୀ କାରିଗରମାନେ ଆର୍ଥିକ ଅନଟନରୁ ନିଜ ଉତ୍ପାଦ, ସାମଗ୍ରୀ ବିକ୍ରି କରିପାରୁ ନ ଥିଲେ। ବର୍ତ୍ତମାନ ଗଭର୍ନମେଣ୍ଟ ଇ-ମାର୍କେଟ (ଜିଇଏମ) ପୋର୍ଟାଲର ଶୁଭାରମ୍ଭ କରାଯାଇଛି। ଏହା ମାଧ୍ୟମରେ ଜଣେ କାରିଗର ନିଜ ପ୍ରସ୍ତୁତ ସାମଗ୍ରୀ ବିକ୍ରି କରିବାର ସୁଯୋଗ ପାଇପାରିବେ। ପୂର୍ବରୁ ବ୍ରିକିବା ନେଇ ରହିଥିବା ସମସ୍ୟା ଦୂର ହୋଇପାରିବ। ଘରେ ବସି ନିଜ ବେପାର କରିବାର ସୁଯୋଗ ପାଇପାରିବେ ବୋଲି ଶୁକ୍ରବାର ପୌର ସଦନଠାରେ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ଓ ୟୁକୋ ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ଆୟୋଜିତ ଜିଲାସ୍ତରୀୟ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଚୌଧୁରୀ ବୀରେନ୍ଦ୍ର ସିଂ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ସିଂ ମୋଦି ସରକାରଙ୍କ ୪ବର୍ଷର ବିକାଶମୂଳକ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଜନଧନ, ମୁଦ୍ରା ଓ ନୋଟ୍‌ବନ୍ଦୀକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହା ଦେଶରେ ଅର୍ଥ ବ୍ୟବସ୍ଥାରେ ସୁଧାର ଆଣିବାରେ ସହାୟକ ହୋଇଛି। ଦେଶ ଆର୍ଥିକ ସ୍ୱଚ୍ଛଳ ହୋଇଛି ବୋଲି ସେ କହିଥିଲେ।

ଏହି ଅବସରରେ ଶତାଧିକ ମହିଳା, ପୁରୁଷଙ୍କୁ ମୁଦ୍ରା ଯୋଜନାରେ କେନ୍ଦ୍ରମନ୍ତ୍ରୀ ସିଂ ଋଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁକୋ ବ୍ୟାଙ୍କର ଜେନେରାଲ ମ୍ୟାନେଜର ପାର୍ଥ ସେନ୍‌ଗୁପ୍ତା, ଭାରତ ସରକାରଙ୍କ ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରଣାଳୟର ଯୁଗ୍ମ ସମ୍ପାଦକ ପରାଗ ଗୁପ୍ତା, ହସ୍ତତନ୍ତର ସିନିୟର ଆସିଷ୍ଟାଣ୍ଟ ଏ. କେ. ପାଣିଗ୍ରାହୀ, ଆଡିଶନାଲ କମିଶନର ଅନୁରାଧା ମିଶ୍ର ଓ ଏ.ସି. ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ।

## ବ୍ରହ୍ମଗିରି ବ୍ଲକ ସମ୍ମୁଖରେ ଭାଜପାର ବିକ୍ଷୋଭ

**ବ୍ରହ୍ମଗିରି, ୨।୧୧(ଡି.ଏନ୍.ଏ.)**

ଦୁର୍ନୀତି, ଭ୍ରଷ୍ଟାଚାର ଓ ପିସି କାରବାରରେ ଛନ୍ଦି ହୋଇଥିବା ରାଜ୍ୟ ସରକାରଙ୍କ ବିରୋଧରେ ଶୁକ୍ରବାର ବ୍ରହ୍ମଗିରି ଭାଜପା ତରଫରୁ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ବ୍ରହ୍ମଗିରି ବସ୍‌ଷ୍ଟାଣ୍ଡଠାରୁ ଏକ ଶୋଭାଯାତ୍ରାରେ ବାହାରି ସରକାର ବିରୋଧୀ ସ୍ଲୋଗାନ ଓ ନାରାବାଜି ଦେଇ ବ୍ଲକଠାରେ ପହଞ୍ଚିଥିଲେ। ପରେ ବ୍ଲକ ସମ୍ମୁଖରେ ଆୟୋଜିତ ପ୍ରତିବାଦ ସଭାରେ ଭାଜପା ମଣ୍ଡଳ ସଭାପତି ଭଗବାନ ନାୟକ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିଥି ଭାବେ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଭାଜପା ପ୍ରଭାରୀ ସୁରଥ ବିଶ୍ୱାଳ କହିଥିଲେ ଯେ, ରାଜ୍ୟ ସରକାରଙ୍କ ଶୋଷଣ ନୀତି ଦିନକୁ ଦିନ ଉଗ୍ରରୂପ ନେଲାଣି। ବ୍ରହ୍ମଗିରି ବିଧାୟକ ଦଳୀୟ ଭିତ୍ତିରେ ବିଭିନ୍ନ ଯୋଜନାରେ ହିତାଧିକାରୀ ଚୟନ, ଖାଦ୍ୟ ସୁରକ୍ଷା ଯୋଜନା ଲାଗୁ କରିବାରେ ବ୍ରହ୍ମଗିରି ବ୍ଲକରେ ସ୍ଥାଣୁତା ଓ ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତି ବିରୋଧରେ ବରିଷ୍ଠ ଭାଜପା ନେତା ରମାରଞ୍ଜନ ବଳିଆରସିଂହ ବର୍ଷିଥିଲେ। ବ୍ରହ୍ମଗିରି ଭାଜପା ନେତା ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ତାଙ୍କ ବକ୍ତବ୍ୟରେ ଓଡ଼ିଆ ଓ ଓଡ଼ିଆ ଭାଷା ପ୍ରତି ମୁଖ୍ୟମନ୍ତ୍ରୀଙ୍କର ସାମାନ୍ୟ ଦରଦ ନ ଥିବା, ବ୍ଲକ କାର୍ଯ୍ୟାଳୟରେ ବିଡିଓମାନେ ଶାସକ ଦଳର ଏଜେଣ୍ଟ ସାଜିବା ସହିତ ପ୍ରତ୍ୟେକ ଯୋଜନାର କାର୍ଯ୍ୟକୁ ଅଧାପନ୍ତରିଆ ପକାଇ ଜନସାଧାରଣଙ୍କୁ ଭୁଆଁ ବୁଲାଉଥିବା କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉପାସନା ମହାପାତ୍ର, ବିଶ୍ୱମ୍ଭର ସାମନ୍ତରା, ଅଧିକାରୀ ନାୟକ, ପ୍ରସନ୍ନ ପଲାଇ, କେଶବ ସାହୁ, ମାନସୀ ହରିଚନ୍ଦନ, ଦୁଃଶାସନ ନାୟକ ପ୍ରମୁଖ ରାଜ୍ୟ ସରକାରଙ୍କୁ ହଟାଇ ଏକ ସୁଶାସନ ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇଥିଲେ।

## ମା' ଭଗବତୀ ମନ୍ଦିରରୁ ଚୋରି

**କୋଣାର୍କ, ୨।୧୧(ଡି.ଏନ୍.ଏ.)**

କୋଣାର୍କର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ମନ୍ଦିରରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ସମ୍ପର୍କରେ ଶୁକ୍ରବାର କୋଣାର୍କ ଥାନାରେ ଲିଖିତ ଅଭିଯୋଗ ହୋଇଛି। ମା'ଙ୍କ ସେବାୟତ ମାଧିପୁର ଗ୍ରାମର ସୁଶାନ୍ତ ପାଢ଼ୀଙ୍କ ଅଭିଯୋଗରୁ ଜଣାପଡିଛି ଯେ, ଗୁରୁବାର ମା'ଙ୍କ ସମସ୍ତ ସେବାନୀତି ସମ୍ପନ୍ନ ପରେ ସନ୍ଧ୍ୟାରେ ମନ୍ଦିରରେ ତାଲା ପକାଇ ସେ ନିଜ ଗ୍ରାମକୁ ଆସିଥିଲେ। ଶୁକ୍ରବାର ସକାଳେ ମନ୍ଦିର ଖୋଲିବାକୁ ଆସିବାରୁ ମନ୍ଦିରର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଭିତରକୁ ପ୍ରବେଶ କରିବାରୁ ମା'ଙ୍କ ଆସ୍ଥାନ ପଛରେ ଥିବା ଦସ୍ତା ବାକ୍ସର କୁନ୍ଦାକୁ ତାଡି ସେଥିରେ ଥିବା ଦୁଇଟି ରୁପା ମୁକୁଟ, ପୂଜାସାମଗ୍ରୀ, ହୁଣ୍ଡିରେ ଥିବା ଦାନ ଅର୍ଥ, ପିତ୍ତଳ ଥାଳି, ଘଣ୍ଟି, ବାସନକୁସନ ସମେତ ପ୍ରାୟ ୪୦ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏହି ଚୋରି ସମ୍ପର୍କରେ ସେବାୟତ ସୁଶାନ୍ତ କୋଣାର୍କ ଥାନାକୁ ଆସି ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁକରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଥାନା ଏଏସ୍‌ଆଇ ଶ୍ରୀଧର ମଲ୍ଲିକ କହିଛନ୍ତି।

## ପୁରୀରେ ହକି ବିଶ୍ୱକପ ମାସ୍କଟ ଓଲି

**ପୁରୀ ଅଫିସ, ୨।୧୧:**



ମାସ୍କଟ ଓଲିକୁ ପୁରୀରେ ସ୍ୱାଗତ କରାଯାଉଛି।

- ଅଠରନଳାରେ ସ୍ୱାଗତ କଲା ପ୍ରଶାସନ
- ଆଜି ରୋଡ ଶୋ, ସାଂସ୍କୃତିକ ସନ୍ଧ୍ୟା

ଆସନ୍ତା ୨୮ ତାରିଖରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ପୁରୁଷ ହକି ବିଶ୍ୱକପ। ଏହାର ଦାୟିତ୍ୱ ନେଇଥିବା ରାଜ୍ୟ ସରକାର ହକି ବିଶ୍ୱକପକୁ ସଫଳତାର ସହ ସମ୍ପନ୍ନ କରିବା ଲାଗି ପ୍ରସ୍ତୁତିରେ ଲାଗିପଡିଛନ୍ତି। ଏହାର ପ୍ରଚାର ପ୍ରସାର ପାଇଁ ଶୁକ୍ରବାର ସନ୍ଧ୍ୟାରେ ପୁରୀରେ ପହଞ୍ଚିଛି ହକି ବିଶ୍ୱକପ ମାସ୍କଟ ଓଲି। ଜିଲା ପ୍ରଶାସନ ପକ୍ଷରୁ ଅଠରନଳାଠାରେ ମାସ୍କଟକୁ ସ୍ୱାଗତ କରାଯାଇଥିଲା। ଜିଲା ପର୍ଯ୍ୟଟନ ଅଧିକାରୀ ବିଜୟ ଜେନା, ଜିଲା କ୍ରୀଡ଼ା ଅଧିକାରୀ ନାରାୟଣ ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାନସ ବିଶ୍ୱାଳ, କ୍ରୀଡା ସଂଗଠକ ସବ୍ୟସାଚୀ ରଥ ପ୍ରମୁଖ ସାମିଲ ଥିଲେ। ଶନିବାର ସକାଳ ୭ଟା ୩୦ରେ ରୋଡ ଶୋ' ହେବ। ସିଂହଦ୍ୱାରରୁ ବାହାରି ବଡ଼ଦାଣ୍ଡ ଏବଂ ବେଳାଭୂମି ମାର୍ଗରେ ମାସ୍କଟ ବୁଲିବ। ସନ୍ଧ୍ୟାରେ ପୁରୀ ବେଳାଭୂମିରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ସୂଚନାଯୋଗ୍ୟ, ଏସିଆନ ଆଥଲେଟିକ୍ସକୁ ମାସ୍କଟ ଓଲି ସଫଳତାର ସହ ଶେଷ କରିଥିଲା। ହକି ବିଶ୍ୱକପ ପାଇଁ ମଧ୍ୟ ଓଲି ମାସ୍କଟ ରହିଛି। ଗତ ଅକ୍ଟୋବର ୯ରେ ପୁରୀ ବେଳାଭୂମିରେ ହକି ବିଶ୍ୱକପ ପାଇଁ ମାସ୍କଟ ଓଲି ଉନ୍ମୋଚିତ ହୋଇଥିଲା। ରାଜ୍ୟ ସରକାରଙ୍କ କ୍ରୀଡ଼ା ମନ୍ତ୍ରୀ ଏହାକୁ ଉନ୍ମୋଚନ କରିଥିଲେ। ଓଲି ହେଉଛି ସମୁଦ୍ରରେ ରହୁଥିବା ଏକପ୍ରକାର ବିରଳ କଇଁଛ ଅଲିଭ ରିଡ୍‌ଲେ। ହଜାର ହଜାର କିମି ଦୁର୍ଗମ ପଥ ଅତିକ୍ରମ କରି ଏମାନେ ଓଡ଼ିଶା ଆସିଥାନ୍ତି। କେନ୍ଦ୍ରାପଡ଼ାର ଗହୀରମଥା ଏମାନଙ୍କ ମିଳନସ୍ଥଳ ଭାବେ ସାରା ବିଶ୍ୱରେ ପରିଚିତ। ଅଲିଭ ରିଡ୍‌ଲେଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଉଥିବାରୁ ଏମାନଙ୍କ ସୁରକ୍ଷା ଜରୁରୀ ହୋଇପଡିଛି। ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଅଲିଭ ରିଡ୍‌ଲେକୁ ମାସ୍କଟ କରାଯାଇଛି।








@ ମେହେକ



@ ଦେବୀପ୍ରିୟା



@ ଆଶାଲତା



@ ଦିଲୀପ



@ ସନ୍ତୋଷୀ



@ ପ୍ରବୀଣ



@ ପ୍ରେମାନନ୍ଦ



@ ପଲ୍ଲବୀ